


ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in


ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ

ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ

ରଘୁନନ୍ଦନ ଦାସ


| Vol.5 | Issue- 33 | January 24 to 30, 2022, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୩୩ | ଜାନୁଆରୀ ୨୪ ରୁ ୩୦, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |




# ମୋଦି ବିଶ୍ୱର ଲୋକପ୍ରିୟ ନେତା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ପୁଣି ବିଶ୍ୱର ଲୋକପ୍ରିୟ ନେତା ହେଲେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସବୁ ବିଶ୍ୱ ନେତାଙ୍କୁ ପଛରେ ପକାଇ ଲୋକ ପ୍ରିୟତାର ଶୀର୍ଷରେ ମୋଦି। ଆମେରିକାର ଡାଟା କନସଲଟେନ୍ସି ଫାର୍ମା ପ୍ରକାଶ କରିଥିବା ଏହି ସୂଚୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତା ପାଖରେ ବିଶ୍ୱର ଅନ୍ୟ କୌଣସି ନେତା ପହଞ୍ଚି ପାରିନାହାଁନ୍ତି। ଆମେରିକାର ଡାଟା କନସଲଟେନ୍ସି ଫାର୍ମା ମର୍ଣ୍ଣିଂ କନସଲ୍ଟ ବିଶ୍ୱ ନେତାଙ୍କ ଗ୍ଲୋବାଲ ଆପ୍ରୁଭାଲ୍ ରେଟିଂକୁ ନେଇ ଏକ ସର୍ଭେ ରିପୋର୍ଟ ପ୍ରକାଶ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ଲୋବାଲ ଆପ୍ରୁଭାଲ ରେଟିଂ ୭୧ ପ୍ରତିଶତ ରହିଛି। ପ୍ରଧାମନ୍ତ୍ରୀ ମୋଦିଙ୍କ ପଛକୁ ମେକ୍ସିକୋର ରାଷ୍ଟ୍ରପତି ଏଣ୍ଡ୍ରେସ ମେନୁଆଲ ଲୋପେଜ ଓବ୍ରେଡୋର ୬୬ ପ୍ରତିଶତ ରେଟିଂ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଇଟାଲୀର ପ୍ରଧାନମନ୍ତ୍ରୀ ମାରିୟୋ ଦ୍ରଘି ୬୦ ପ୍ରତିଶତ ରେଟିଂ ସହ ତୃତୀୟ ସ୍ଥାନରେ ରହିଛନ୍ତି। ୪୩ ପ୍ରତିଶତ ରେଟିଂ ସହ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ସୂଚୀରେ ଷଷ୍ଠ ସ୍ଥାନରେ ରହିଛନ୍ତି।

# ଚା' ପିଇଲେ ହେଉଛି କ୍ୟାନ୍ସର୍




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଚା' ଏମିତି ଏକ ପାନୀୟ ଏହା ସହିତ ଭାରତୀୟ ମାନଙ୍କର ଏକ ଅଲଗା ପ୍ରକାର ଇମୋସନ୍ ଯୋଡି ହୋଇରହିଥାଏ। କାର୍ଯ୍ୟାଳୟରେ ହେଉ ବା ବିଲରେ କାମ ଅଧାରେ ଗୋଟିଏ କପ୍ ଚା' ଆମକୁ ସତେଜ କରିଦେଇଥାଏ। ତେବେ ଆପଣ ଜାଣିଛନ୍ତି କି ନିଜକୁ ସତେଜ ରଖିବା ପାଇଁ ଆପଣ ପିଉଥିବା ଚା' କୌଣସି ବିଷ ଠାରୁ ବି କମ୍ ନୁହେଁ। ପାଣି ପରେ ସବୁଠାରୁ ଅଧିକ ପିଆ ହେଉଥିବା ପାନୀୟ ହେଉଛି ଚା'। ଚିନ୍‌ରେ ସବୁଠାରୁ ଅଧିକ ଲୋକ ଚା ପିଉଥିବା ବେଳେ ଭାରତରେ ଏହି ସଂଖ୍ୟା ବିଶ୍ୱରେ ଦ୍ୱିତୀୟ। ତେବେ ଚା' କିଭଳି କ୍ଷତିକାରକ ଏହା ଆପଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଥାଇପାରେ। ପ୍ରଥମତଃ ଅପମିଶ୍ରିତ କ୍ଷୀର କାରଣରୁ ଚା'ରୁ ଏଭଳି ରୋଗ ବ୍ୟାପିବା ନେଇ ଆଶଙ୍କା କରାଯାଇ ପାରେ। ୮୦% ଲୋକ କ୍ଷୀର ଚା ହିଁ ପିଇଥାନ୍ତି। ତେବେ ନା ଅପମିଶ୍ରିତ କ୍ଷୀର ନୁହେଁ, ବରଂ ଅପମିଶ୍ରିତ ଚା' କାରଣରୁ ଏଭଳି ରୋଗ ବଢିଯାଇଥାଏ। ଚା'ର ପତ୍ର ଏବଂ ରଙ୍ଗରୁ ଏହାର ଶୁଦ୍ଧତା ନିର୍ଣ୍ଣୟ କରାଯାଇଥାଏ। ତେବେ ଖରାପ ହୋଇଯାଇଥିବା ଚା' ପତ୍ରରେ ସିନ୍ଥେଟିକ୍ ରଙ୍ଗ ଏବଂ ଅନ୍ୟାନ୍ୟ କେମିକାଲ୍ ବ୍ୟବହାର କରାଯାଇଥାଏ। ଏପରି ପତ୍ରର ବ୍ୟବହାର ନ କରିବା ପାଇଁ ଭାରତୀୟ ଖାଦ୍ୟ ସୁରକ୍ଷା ନିଗମ ପକ୍ଷରୁ କଡାକଡି ନିୟମ ରହିଛି। ଚା' ପତ୍ରକୁ ବଜାରକୁ ଛଡାଯିବା ପୂର୍ବରୁ ଏହାକୁ ୩୪ ପ୍ରକାର ପରୀକ୍ଷଣ ପାସ୍ କରିବାକୁ ପଡିଥାଏ। ମାତ୍ର ସିନ୍ଥେଟିକ୍ ରଙ୍ଗ ଏବଂ ଅନ୍ୟାନ୍ୟ କେମିକାଲ୍ ବ୍ୟବହାର ମଣିଷକୁ ରୋଗାକ୍ରାନ୍ତ କରିଥାଏ।

ଏପରି ଅପମିଶ୍ରିତ ଚା' ପିଇବା ଦ୍ୱାରା ମଣିଷ ଶରୀରକୁ ବିଭିନ୍ନ ରୋଗ ଆକ୍ରାନ୍ତ କରିଥାଏ। ଉଚ୍ଚ ରକ୍ତଚାପ ପରି ରୋଗ ମଣିଷକୁ ସହଜରେ ଆକ୍ରାନ୍ତ କରୁଥିବା ବେଳେ ଦୈନିକ ୧୦ କପ୍‌ରୁ ଅଧିକ ଚା' ପିଉଥିଲେ ଲିଭର ଓ କିଡ୍‌ନୀ ଅକାମୀ ହେବାର ସମ୍ଭାବନା ସୃଷ୍ଟି ହୋଇଥାଏ। ଏହା ସହିତ ଯଦି ଆପଣ ଅପମିଶ୍ରଣ ଚା' ପତିର ଚା ପିଉଛନ୍ତି ତାହେଲେ ଆପଣ କ୍ୟାନ୍‌ସର୍ ପରି ଦୂରାରୋଗ୍ୟ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ୮୦% ଭାରତୀୟ (ପୃଷ୍ଠା-୨)

# ମିଛୁଆଙ୍କୁ ଜବାବ ଦିଅ:ନବୀନ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ତାଙ୍କର ପ୍ରଚାର ରଣନୀତି ପ୍ରସ୍ତୁତ କରିଛନ୍ତି। ବିରୋଧୀ ବିଜେପି ଓ କଂଗ୍ରେସର ପ୍ରଚାର ରଣନୀତି ହେଉଛି ଲୋକଙ୍କ ପାଖରେ ରାଜ୍ୟ ସରକାରଙ୍କ ବିଫଳତା ଓ ଦୁର୍ନୀତିକୁ ପହଞ୍ଚାଇବା। ଏପଟେ ଆଜି ବିଜେଡି ରଣନୀତି ପ୍ରସ୍ତୁତ କରିଛି ଯେ, ସରକାରଙ୍କ ସଫଳତାକୁ ପହଞ୍ଚାଯିବ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଗତ ଶନିବାର ଦିନ ଦଳୀୟ ସାଂସଦ, ବିଧାୟକ, ପର୍ଯ୍ୟବେକ୍ଷକ ଓ ଜିଲ୍ଲା ସଭାପତିମାନଙ୍କୁ ଭର୍ଚୁଆଲ୍‌ରେ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ବିରୋଧୀ ଦଳଙ୍କ ପାଖରେ କିଛି ପ୍ରସଙ୍ଗ ନାହିଁ। ସେମାନେ ମିଛ ପ୍ରଚାରକୁ ଅସ୍ତ୍ର କରିବେ। ତେଣୁ ଆପଣମାନେ ସରକାରଙ୍କ ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାନ୍ତୁ। ବିରୋଧୀଙ୍କ ମିଛ ପ୍ରଚାରର ଉଚିତ୍ ଜବାବ ଦିଅନ୍ତୁ। ମୋର ଅନୁରୋଧ ଆପଣମାନେ ଆମ ସରକାରଙ୍କ ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇ ବହୁଳ ପରିମାଣରେ ଲୋକଙ୍କ ଆଶିର୍ବାଦ ଆଣିବେ। ଏଥିରେ ମୋର ପୁରା ବିଶ୍ୱାସ ରହିଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାସ ଦାସଙ୍କ ପୌରହିତରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ମୁଁ ଜାଣିଛି ଆପଣମାନେ ପଞ୍ଚାୟତ ନିର୍ବାଚନରେ ପୁରାପୁରି ସାମିଲ୍ ହୋଇ ଦଳର ପ୍ରାର୍ଥୀଙ୍କ ବିଜୟ ପାଇଁ କାମ କରୁଛନ୍ତି। ଏବେ କୋଭିଡ୍ ମହାମାରୀର ୩ୟ ଲହର ଚାଲିଥିବାରୁ ମୋର ଅନୁରୋଧ ଆପଣମାନେ କୋଭିଡ୍ ନିୟମ ପାଳନ କରିବେ। ଆପଣଙ୍କ ଜୀବନ ମୋ ପାଇଁ ମୂଲ୍ୟବାନ। ଆପଣ ଜାଣି ଖୁସି ହେବେ ଯେ, ଓଡ଼ିଶା ଆଜି ସାରା ଦେଶରେ କୋଭିଡ୍ ମୁକାବିଲାରେ ଏକ ନମ୍ବର ହୋଇଛି। ଲୋକଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛି।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ଲୋକଙ୍କ ମନରେ ଆଶା ବିଶ୍ୱାସ ସୃଷ୍ଟି କରିଛି। ବିଜେଡି ସରକାରଙ୍କ ଏଭଳି ଯୁଗାନ୍ତକାରୀ ପଦକ୍ଷେପ ଭାରତରେ ପ୍ରଥମ। ଏହି କଠିନ କୋଭିଡ୍ ମହାମାରୀ ସମୟରେ ମହିଳାମାନଙ୍କୁ ମିଶନ ଶକ୍ତି, ମା'ମାନଙ୍କୁ ପ୍ରାୟ ୧୦ହଜାର କୋଟି ଟଙ୍କାର ଋଣ ସହାୟତା। ବିନା ସୁଧରେ ଆପଣଙ୍କ ବିଜେଡି ସରକାର ଦେଉଛି। ଲକ୍ଷ ଲକ୍ଷ ଭୂମିହୀନ ଚାଷୀଙ୍କ ପାଇଁ ୧୦ହଜାର ଟଙ୍କା କାଳିଆ ଯୋଜନାରେ ସହାୟତା ଦିଆଯାଇଛି। ରାସନ୍ କାର୍ଡ ଥିବା ସବୁ ପରିବାରକୁ ଆର୍ଥିକ ସହାୟତା, ଗ୍ରାମାଞ୍ଚଳ ପକ୍କାଘର ଯୋଜନାରେ ଘର ମରାମତି ପାଇଁ ସହାୟତା, ଯୋଗ୍ୟ ତାଲିକାଭୁକ୍ତ ଘର ପାଇନଥିବା ପରିବାରକୁ ସହାୟତା ଭଳି ଅଗ୍ରଣୀ ପଦକ୍ଷେପ ଗ୍ରହଣ କରି ବିଜେଡି ସରକାର ଅନ୍ୟମାନଙ୍କ ପାଇଁ ସାହାରା ପାଲଟିଛି। ଜଳସେଚନ, ଶିକ୍ଷା ଭିତ୍ତିଭୂମି, ଶିଳ୍ପ, ଜନଜାତିଙ୍କ କଲ୍ୟାଣ ସବୁକ୍ଷେତ୍ରରେ ଆଜି ଓଡ଼ିଶା ଅଗ୍ରଣୀ ରାଜ୍ୟ ହୋଇଛି। ମୋ ସରକାର କାର୍ଯ୍ୟକ୍ରମ, ସରକାରରେ ସାଧାରଣ ଲୋକଙ୍କର ଭାଗିଦାରୀ ଆଣିଛି। ଆମେ ସମସ୍ତେ ଜାଣିଛୁ ଓଡ଼ିଶାବାସୀ ବିଜେଡିକୁ ଭଲପାଆନ୍ତି ଓ ସବୁନିର୍ବାଚନରେ ଆଶିର୍ବାଦ କରିଆସିଛନ୍ତି। ଶେଷରେ ତଥା ମୁଖ୍ୟମନ୍ତ୍ରୀଙ୍କ ଅଭିବାଦନ ପରେ ସଂଗଠନର ସମ୍ପାଦକ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗତସିଂହପୁରର ବଡ଼ ଖବର

## ଧନ ଲୋଭରେ ବୃଦ୍ଧା ବାପାକୁ ପିଟିପିଟି ମାରିଦେଲା ବଡ ପୁଅ, ସପ୍ତାହେ ହେବ ପୋଲିସ୍ ପାଖରେ ନାହିଁ ଖବର !

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ସାନ ଭାଇକୁ ଭାଗ ବଣ୍ଟରା ଦେବାକୁ ପଡିବ ଭାବି ବଡ ଭାଇ ବାପାକୁ ପିଟିପିଟି ମାରିଦେବା ଘଟଣା ଜଗତସିଂହପୁର ସହରରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାଟି ଘଟିଥିବାକୁ ପ୍ରାୟ ୧ ସପ୍ତାହ ପୁରିବାକୁ ଯାଉଛି। ଏଭଳି ଅଭିଯୋଗ ଦାଣ୍ଡରେ ପଡି ହାଟରେ ଗଡିଥିଲେ ସୁଦ୍ଧା କେହି ମୁହଁ ଖୋଲିବାକୁ ସାହାସ କରୁନଥିବାରୁ ବୋଧେ ଘଟଣାଟି ଚପିଯିବାକୁ ବସିଥିବା କୁହାଯାଉଛି। ଏପରିକି ଘଟଣାଟି ଘଟିଛି ଜଗତସିଂହପୁରସ୍ଥିତ ସର୍କିଟ୍ ହାଉସ୍ ନିକଟସ୍ଥ ଦୁର୍ଗାପୁର ଗ୍ରାମରେ ବୋଲି ଶୁଣିବାକୁ ମିଳୁଛି। ଯେତିକି ଆଭାସ ମିଳୁଛି ବଡ ପୁଅ(ଷ୍ଟୁଡିଓ ମାଲିକ) ବାପାକୁ ପିଟିପିଟି ମାରିଦେଇଥିବା, ପୁଣି ଗଛରେ ଟାଙ୍ଗି ଦେଇ ଆତ୍ମହତ୍ୟା କରିଥିବାର ଯୋଜନା କରିଥିବା ପରେ ଗଛରୁ କାଢି ଆଣି ଘରେ ସୁଆଇ ବାପା ମରିଯାଇଥିବା ବୋଲି କହୁଥିବା ଉକ୍ତ ଗ୍ରାମର କିଛି ଅଧିବାସୀ ଏପରି ଟୁପୁରୁଟାପର ହେଉଥିବା ଶୁଣାଯାଉଛି। ଯେତିକି ଆଭାସ ମିଳୁଛି ବାପା ପ୍ରାୟ ୨ କିଲୋ ସୁନା ବନ୍ଧକ ଆକାରରେ ରଖିଥିବା ଏବଂ ଲକ୍ଷାଧିକ ଟଙ୍କା ବ୍ୟାଙ୍କରେ ଥିବାକୁ ବଡ ପୁଅ ଚତୁରତାର ସହିତ ବାପାକୁ ଫୁସୁଲାଇ ମୁକାଳି ଆଣିଥିଲେ। ବାପା ସାନ ପୁଅ(ସେ ବି ଷ୍ଟୁଡିଓ କରିଛି)କୁ ଡାକିଲେ ତୋତେ ଦେବି ତାକୁ ଦେବି କହିବାରୁ ବଡ ପୁଅ ସାନ ଭାଇକୁ ଭାଗ ବଣ୍ଟରା ନ ଦେବା ଲକ୍ଷ୍ୟରେ ପିଟିପିଟି ମାରିଦେବା ପରେ ଆତ୍ମହତ୍ୟା କରିଥିବାର ଯୋଜନା କରି ଗଛରେ ଟାଙ୍ଗିବା ପରେ ଗଛରୁ ଖୋଲିଆଣି ଘର ବେଡ୍‌ରେ ସୁଆଇ ବାପା ମରିଯାଇଥିବା ଅଭିନୟ କରିଆସୁଛି। ବାପାର ସଂସ୍କାର ସରିଛି, (ପୃଷ୍ଠା-୨)

# ତରଡାପଡାର ଏକ୍ସିକ୍ୟୁଟିଭ୍ ଅଫିସର ବାଣ୍ଟୁଛନ୍ତି ନୋଟ୍



**ଜଗତସିଂହପୁର(ସଂଗ୍ରାମ କିଶୋର ମହାନ୍ତି):-** ଜଗତସିଂହପୁର ବ୍ଲକ୍ ତରଡାପଡା ପଞ୍ଚାୟତର ଏକ୍ସିକ୍ୟୁଟିଭ୍ ଅଫିସର ସନ୍ତୋଷ କୁମାର ଜେନା ଓ ସରପଞ୍ଚ ବିଦ୍ୟା ମହାନ୍ତିଙ୍କ ସ୍ୱାମୀ ହିମାଂଶୁ ଭୂଷଣ ମହାନ୍ତିଙ୍କ ଉପସ୍ଥିତିରେ କିଛି ଗଣମାଧ୍ୟମକୁ ଦୁଇ ହଜାର ଟଙ୍କା ବାଣ୍ଟିଥିବା ନେଇ ଭିଡିଓ ଭାଇରାଲ୍ ହୋଇଛି। ଜନୈକ ସାମ୍ବାଦିକ ସେଠାରେ ପହଞ୍ଚି ମୋତେ ବା ମୋର ଟଙ୍କା(ଭାଗ) କାହିଁ ବୋଲି ପଚାରିବାରୁ ତପନ ବାବୁ ତମ ସମସ୍ତଙ୍କ ପାଇଁ ନେଇଯାଇଥିବାର ଏକ୍ସିକ୍ୟୁଟିଭ୍ ଅଫିସର ଓ ସରପଞ୍ଚ ଉତ୍ତର ରଖିଥିଲେ। ପରେ ଭାଗ ମାଗୁଥିବା ଗଣମାଧମ ଜଣକ ଯୁକ୍ତି କରିବାରୁ ହାତ ଠାରି ଏକ୍ସିକ୍ୟୁଟିଭ୍ ଅଫିସର୍ ଚୁପ୍ ରୁହ ତୁମ ଖବର ମୁଁ ବୁଝିବି ବୋଲି କହୁଥିବାର ଭିଡିଓ ଭାଇରାଲ୍ ଏବେ ବି ମୋବାଇଲ୍‌ରୁ ମୋବାଇଲ୍ ଘୂରି ବୁଲୁଛି। ଏହି ଭିଡିଓକୁ ଦେଖିଲା ପରେ ସାଧାରଣ ଲୋକ କହୁଛନ୍ତି ଏକ୍ସିକ୍ୟୁଟିଭ୍ ଅଫିସର ଗଣମାଧମକୁ ଟଙ୍କା ବାଣ୍ଟିବାକୁ କିଏ? ସେ ଟଙ୍କା କେଉଁଠୁ ଆଣିଲେ? ତାଙ୍କ ଦରମାରୁ ଦେଇଛନ୍ତି କି? ଯଦି ଦେଇଛନ୍ତି କାହିଁକି ଦେଇଛନ୍ତି? ଯଦି ପଞ୍ଚାୟତର ସରକାରୀ ଅନୁଦାନରୁ ଦେଇଥାନ୍ତି ତେବେ ଏସବୁର ତଦନ୍ତ ନିହାତି ଆବଶ୍ୟକ ବୋଲି ମାନ୍ୟବର ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଦେବୁ ବୋଲି କେତେକ କହୁଥିବା ଶୁଣାଯାଉଛି। ତରଡାପଡା ପଞ୍ଚାୟତର ସରକାରୀ ଅନୁଦାନ ବ୍ୟୟ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ସ୍ୱଚ୍ଛତା ପ୍ରତି ବି ପ୍ରଶ୍ନ ସୃଷ୍ଟି କରିଛି। ଖୁବ୍ ଶୀଘ୍ର ଏହି ଭିଡିଓ ଜିଲ୍ଲାପାଳଙ୍କ ହସ୍ତଗତ କରାଯିବ ବୋଲି କୁହାଯାଉଛି।

# ଜଗତସିଂହପୁର ପୋଲିସ୍‌କୁ ପ୍ରଶଂସା

## ଉପଖଣ୍ଡ ପୋଲିସ୍ ଅଧିକାରୀ ରମେଶ ଚନ୍ଦ୍ର ସିଂ ଓ ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁଙ୍କୁ ଧନ୍ୟବାଦ

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ଥାନା ପୋଲିସ୍‌କୁ ବିଭିନ୍ନ ମହଲରେ ଧନ୍ୟବାଦ ଦିଆଯାଉଛି। ବିଶେଷ କରି ଉପଖଣ୍ଡ ପୋଲିସ୍ ଅଧିକାରୀ ରମେଶ ଚନ୍ଦ୍ର ସିଂ ଓ ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁଙ୍କୁ ଏଭଳି ଧନ୍ୟବାଦ ଦିଆଯାଉଥିବା ଲକ୍ଷ୍ୟ କରାଯାଉଛି। କାରଣ ବୁଝିବାରୁ ଜଗତସିଂହପୁରର ୟୁନିଟି ସ୍କୁଲ୍ ଫାଇନାନ୍ସ ବ୍ୟାଙ୍କ ନାମ ଏକ ଅର୍ଥଲଗାଣକାରୀ ସଂସ୍ଥାରେ ମାହାଙ୍ଗା ଅଞ୍ଚଳର ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି ଋଣ ଅଧିକାରୀ ଭାବେ କାର୍ଯ୍ୟ କରନ୍ତି। ଗତ ୧୭ ତାରିଖରେ ସେ ଉକ୍ତ ସଂସ୍ଥାର ଋଣ ଟଙ୍କା ଆଦାୟ କରିବାକୁ ଯାଇଥିଲେ। ପ୍ରାୟ ୯୦ଜଣଙ୍କ ଠାରୁ ୫୯ ହଜାର ୭୨୦ ଟଙ୍କା ଆଦାୟ କରି ଓଡ଼ିଶୋ ପଞ୍ଚାୟତର ସାମନ୍ତରାୟପୁର ରାସ୍ତାରେ ଯାଉଥିଲେ। ଏହି ସମୟରେ କେନାଲ୍ ବନ୍ଧରେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ତାଙ୍କ ଗାଡି ସହ ବନ୍ଧୁକ ନେଇଯାଇଥିଲେ। ଗାଡି ଡିକିରେ ଉକ୍ତ ଟଙ୍କା ସହ ତାଙ୍କ ପାଖରେ ଥିବା ୩୨୦୫ ଟଙ୍କା ଥିଲା। ଏ ସଂକ୍ରାନ୍ତରେ ପ୍ରିୟଙ୍କା ଥାନାରେ ଏତଲା ଦେଇଥିଲେ। ପରେ ଏ ଘଟଣାରେ ପୋଲିସ୍ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ବ୍ୟବହୃତ ମୋଟରସାଇକେଲ୍ ସହ ୫ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏତଦ୍‌ବ୍ୟତୀତ ଗୋଟିଏ ମାଉଜର, ଲୁଟ୍ ଟଙ୍କାର ୩୨୨୮୦ ଟଙ୍କା, ୪ଟି ମୋବାଇଲ୍ ବ୍ୟବହୃତ ଗାଡିକୁ ଜବତ କରିବାରେ ପୋଲିସ୍ ସଫଳତା ହାସଲ କରିଥିବାରୁ ଉପଖଣ୍ଡ ଅଧିକାରୀ ଶ୍ରୀ ସିଂ ଓ ଥାନା ଅଧିକାରୀ ଶ୍ରୀ ସାହୁଙ୍କୁ ଧନ୍ୟବାଦ ଦିଆଯାଉଥିବା ଜଣାପଡୁଛି।



# ନବୀନ ଦେଶର ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ପୁଣି ଦେଶର ୧ ନମ୍ବର ମୁଖ୍ୟମନ୍ତ୍ରୀ ହେଲେ ନବୀନ ପଟ୍ଟନାୟକ। ଇଣ୍ଡିଆ ଟୁଡେ ସର୍ଭେର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ସ୍ଥାନ ପାଇଲେ ନବୀନ ପଟ୍ଟନାୟକ। ସର୍ଭେ ରିପୋର୍ଟରେ ଶୀର୍ଷରେ ରହିଛନ୍ତି ନବୀନ ପଟ୍ଟନାୟକ। ଏହି ରିପୋର୍ଟରେ କୋଭିଡ୍-୧୯ ପରିଚାଳନାରେ ରାଜ୍ୟ ସରକାରଙ୍କ ସଫଳତାକୁ ପ୍ରଶଂସା କରାଯାଇଛି। ସେହିପରି ମହାମାରୀ ମୁକାବିଲାରେ ବି ଓଡ଼ିଶା ଏକ ନମ୍ବର ହୋଇଛି। ଜନକଲ୍ୟାଣ ଯୋଜନା ଓ ଲୋକାଭିମୁଖୀ ଶାସନର ରୋଲ୍ ମଡେଲ୍ ହୋଇଛନ୍ତି ନବୀନ ପଟ୍ଟନାୟକ।

ରାଜ୍ୟରେ ବିକାଶ, ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନକୁ ପାଥେୟ କରି ଏହି ସର୍ଭେ କରାଯାଇଛି। ନାରୀ ସଶକ୍ତିକରଣ, ସ୍ଥିରତା, ସୁ-ଶାସନ, ଦୁର୍ନୀତି ଓ ଭ୍ରଷ୍ଟାଚାରମୁକ୍ତ ଓଡ଼ିଶା ଗଠନରେ ନବୀନ ସାଜିଛନ୍ତି ଷ୍ଟେଟ୍‌ସ୍‌ମ୍ୟାନ୍। ସ୍ୱାସ୍ଥ୍ୟ ଭିତ୍ତିଭୂମି, ବିପର୍ଯ୍ୟୟ ପରିଚାଳନାରେ ସାରା ଦେଶରେ ଉଦାହରଣ ପାଲଟିଛି ଓଡ଼ିଶା। କୋଭିଡ୍ ପରିଚାଳନାରେ ରାଜ୍ୟ ସରକାରଙ୍କ ସଫଳତାକୁ ପ୍ରଶଂସା କରାଯାଇଛି। ଉଲ୍ଲେଖନୀୟ କୋଭିଡ୍ ପରିଚାଳନାରେ ଓଡ଼ିଶା ନମ୍ବର ୱାନ୍। ସଫଳ କୋଭିଡ୍ ପରିଚାଳନା ପାଇଁ ଓଡ଼ିଶା ୭୬.୭% ଲୋକଙ୍କ ଠାରୁ ମିଳିଛି ସମର୍ଥନ। ଦ୍ୱିତୀୟରେ ଉତ୍ତର ପ୍ରଦେଶ, ୩ୟରେ ଆସାମ, ୪ର୍ଥରେ ତାମିଲନାଡୁ ଓ ୫ମରେ ମହାରାଷ୍ଟ୍ର ରହିଛି।

ଲୋକପ୍ରିୟତାରେ ନବୀନ ପଛକୁ ରହିଛି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ୬୯.୯% ଲୋକ ମମତାଙ୍କୁ ପସନ୍ଦ କରିଛନ୍ତି। ଦ୍ୱିତୀୟରେ ଅଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍। ତାଙ୍କୁ ୬୭.୫% ଲୋକଙ୍କ ସମର୍ଥନ ମିଳିଛି। ୪ର୍ଥରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ୫ମରେ କେରଳ ମୁଖ୍ୟମନ୍ତ୍ରୀ ପୀନରାଇ ବିଜୟନ୍, ୬ଷ୍ଠରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରୀୱାଲ୍। ସେହିପରି ୭ମରେ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା, ୮ମରେ ଛତିଶଗଡ ମୁଖ୍ୟମନ୍ତ୍ର ଭୂପେସ ବଘେଲ ଓ ୯ମରେ ଅଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ରହିଛନ୍ତି।

# ଜଗତସିଂହପୁର ଜିଲ୍ଲାପାଳ ପାରୁଲ୍ ପଟୱାରୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର କର୍ଣ୍ଣଧାର ତଥା ମହାନ୍ ରାଷ୍ଟ୍ରନାୟକ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ପାଳନ ଅବସରରେ ଜିଲ୍ଲପାଳ ପାରୁଲ୍ ପଟୱାରୀ କଲେଜଛକ ଠାରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ବରିଷ୍ଠ ସହାୟକ ଦିପକ ପଟ୍ଟନାୟକ, ପୌର କାର୍ଯ୍ୟାଳୟ କର୍ମଚାରୀ ସୁବାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଉତ୍ସବରେ ସ୍ଥାନୀୟ ବରିଷ୍ଠ ନାଗରିକ, ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

# କାହା ମୁଣ୍ଡରେ ସିରିପା ବନ୍ଧା ହେବ ?

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଏଥର ରାଜଧାନୀର ମାଲିକ ହେବେ ଜଣେ ମହିଳା। ଭୁବନେଶ୍ୱର ମହାନଗର ମେୟର ପଦବୀ ମହିଳା ସଂରକ୍ଷଣ ନେଇ ଚିଠା ତାଲିକା ପ୍ରକାଶ ପାଇଛି। ଏହା ପ୍ରଚାର ହେବା ପରେ ବର୍ତ୍ତମାନ ବିଜେଡି କାହାକୁ ମେୟର କରିବ ସେ ନେଇ ସମସ୍ତଙ୍କ ଦୃଷ୍ଟି ନିକ୍ଷେପ ରହିଛି। କାରଣ ସମସ୍ତେ ଜାଣନ୍ତି ଯେ, ଅନ୍ୟ ଦଳର ବର୍ତ୍ତମାନ ଯାହା ସ୍ଥିତି ସେଥିରେ ସେମାନଙ୍କ ଦଳର ନେତ୍ରୀ ମେୟର ହେବେ, ତାହାର ସମ୍ଭାବନା ନାହିଁ।

ଭୁବନେଶ୍ୱର ମେୟର ପଦବୀ ମହିଳା ସଂରକ୍ଷଣ ନେଇ ପ୍ରସ୍ତାବ ଆସିବା ପରେ ବିଜେଡି

## ଭୁବନେଶ୍ୱର ମେୟର ରେସ୍

ନେତ୍ରୀଙ୍କ ପାଟିରୁ ଲାଳ ଗଡିବା ଆରମ୍ଭ ହୋଇଯାଇଛି। କାରଣ ବିଜେଡିରୁ ଯାହାକୁ ବି ମେୟର ହେବା ନେଇ ମୋହର ବାଜିଲା ସେ ନିଶ୍ଚିତ ଜିତିବ, ଏହି ସମ୍ଭାବନା ନେତ୍ରୀମାନଙ୍କର ରହିଛି। ସେହି ଅନୁସାରେ ବର୍ତ୍ତମାନ ବିଜେଡି ନେତ୍ରୀମାନେ ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କର ଲବି ଆରମ୍ଭ କରିଦେଇଛନ୍ତି। ତେବେ ସର୍ବଶେଷ ରିପୋର୍ଟ ଅନୁସାରେ ବର୍ତ୍ତମାନ ତିନିଜଣଙ୍କ ନାମ ବେଶ୍ ଚର୍ଚ୍ଚାରେ ରହିଛି। ସେମାନେ ହେଲେ ପ୍ରୀତିନନ୍ଦା ରାଉତରାୟ, ସୁଲତା ଦେଓ ଏବଂ ଶ୍ରୀମୟୀ ମିଶ୍ର।

ବିଏମ୍‌ସି ରାଜନୀତି



ସହିତ ପ୍ରୀତିନନ୍ଦା ରାଉତରାୟ ବେଶ୍ ପରିଚିତ। କାରଣ ସେ ଆଗରୁ କରର୍ପୋରେଟର ରହି ଆସିଛନ୍ତି। ଗତ ବିଧାନସଭା ନିର୍ବାଚନରେ ସେ ଭୁବନେଶ୍ୱରର ଉତ୍ତରରୁ ବିଧାୟିକା ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଚାଲିଥିଲା। ଅନ୍ୟପକ୍ଷରେ ସେ ହେଉଛନ୍ତି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଝିଅ। ତାଙ୍କ ଭାଇ ସମ୍ବିତ ରାଉତରାୟ ବର୍ତ୍ତମାନ ପାରାଦ୍ୱୀପର ବିଜେଡି ବିଧାୟକ ଅଛନ୍ତି। ଯେହେତୁ ପ୍ରୀତିନନ୍ଦା ଉଭୟ ରାଜନୈତିକ ପରିବାରର ଏବଂ ବିଏମ୍‌ସି ରାଜନୀତି ସହ ଓତଃପ୍ରୋତଃ ଭାବେ ଜଡିତ, ସେଥିପାଇଁ ସେ ମେୟର ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଉଛି।

ଅନ୍ୟପକ୍ଷରେ ସୁଲତା ଦେଓଙ୍କ ନାମ ମଧ୍ୟ ଏହି ପଦବୀ ପାଇଁ ଚର୍ଚ୍ଚାରେ ରହିଛି। କାରଣ ରାଜ୍ୟସ୍ତରରେ ବିଜେଡିର ଭାବମୂର୍ତ୍ତିକୁ ସଜାଡି ରଖିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ, ସେ ଭୁବନେଶ୍ୱର (ପୃଷ୍ଠା-୨)

# ମୋଦୀ କେବେ ବାହା ହେବେ ପଚାରୁନାହାନ୍ତି: ପ୍ରିୟଙ୍କା ଗାନ୍ଧୀ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କଂଗ୍ରେସର ସାଧାରଣ ସମ୍ପାଦିକା ତଥା ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା ପ୍ରିୟଙ୍କା ଗାନ୍ଧୀ ମଙ୍ଗଳବାର ଦିନ ଭର୍ଚୁଆଲ ମିଡିଆ ମାଧ୍ୟମରେ ଦଳର କର୍ମୀଙ୍କ ସହ କଥାବାର୍ତ୍ତା କରିଛନ୍ତି। ତେବେ ପ୍ରିୟଙ୍କା କଆଜି ହସ୍ତିନାପୁର ସିଟରୁ କଂଗ୍ରେସ ପ୍ରାର୍ଥୀ ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚନା ଗୌତମଙ୍କୁ ସମର୍ଥନ କରି ତାଙ୍କ ନିନ୍ଦୁକଙ୍କୁ କଡା ସମାଲୋଚନା କରିଛନ୍ତି। ପ୍ରିୟଙ୍କା ଗାନ୍ଧୀ କହିଛନ୍ତି ବଷିୟରେ ମୋଦୀଙ୍କୁ କାହିଁକି ପ୍ରଶ୍ନ କରାଯାଉ ନାହିଁ। ତାଙ୍କୁ ମଧ୍ୟ ପଚାରିଯିବା ଉଚିତ ଯେ ସେ କେବେ ଏବଂ କାହା ସହିତ ବିବାହ କରିବେ। କାହିଁକି ଏପରି ପ୍ରଶ୍ନ କେବଳ ମହିଳାମାନଙ୍କୁ ପଚାରଯାଏ ? ପୁରୁଷମାନଙ୍କୁ କାହିଁକି ଏପରି ପ୍ରଶ୍ନ ପଚରାଯାଏ ନାହିଁ ? ପ୍ରିୟଙ୍କା ଗାନ୍ଧୀ କହିଛନ୍ତି ଯେ ଗଣମାଧ୍ୟମ ଆମ ପ୍ରାର୍ଥୀଙ୍କୁ ସେ କେବେ ବୋଲି ପଚାରୁଛନ୍ତି। ଆପଣ କେଉଁ ପ୍ରକାରର ପୋଷାକ ପିନ୍ଧନ୍ତି ବୋଲି ବି ପଚରାଯାଉଛି। କାହିଁକି ଏପରି ପ୍ରଶ୍ନ ନରେନ୍ଦ୍ର ମୋଦୀଙ୍କୁ ପଚାରଯାଏ ନାହିଁ। ସେ କାହାକୁ ବିବାହ କରିବେ କିମ୍ବା କେବେ ବିବାହ କରିବେ ବୋଲି ମୋଦୀଙ୍କୁ କାହିଁକି ପଚରାଯାଉ ନାହିଁ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି ଯେ ଅର୍ଚ୍ଚନା ଗୌତମ ବହୁ ସଂଘର୍ଷ ପରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। କଂଗ୍ରେସର ସାଧାରଣ ସମ୍ପାଦକ କହିଛନ୍ତି ଯେ ଅର୍ଚ୍ଚନା ଗୌତମ ମହିଳାଙ୍କ ସେବା ତଥା ହସ୍ତିନାପୁରର ବିକାଶ ବିଷୟରେ କହୁଛନ୍ତି। ଜନସାଧାରଣଙ୍କ ସମସ୍ୟା ମଧ୍ୟ ଉଠାଉଛନ୍ତି। ଏହାକୁ ନେଇ ହସ୍ତିନାପୁରର କଂଗ୍ରେସ ପ୍ରାର୍ଥୀ ତଥା ଅଭିନେତ୍ରୀ ଅର୍ଚ୍ଚନା ଗୌତମ କହିଛନ୍ତି ଯେ ମୋର ସମର୍ଥନରେ ମହିଳା-ବିରୋଧୀ ତଥା ବିକାଶ ବିରୋଧୀ ଚିନ୍ତାଧାରା ରଖିଥିବା ଲୋକଙ୍କୁ ପ୍ରିୟଙ୍କା ଗାନ୍ଧୀ ଜବାବ ଦେଇଛନ୍ତି।

# ଶେଷ ହେଲା କରୋନା:ବୋରିସ ଜନସନ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସାରା ବିଶ୍ୱରେ କରୋନା ମହାମାରୀର ନୂଆ ଭାରିଏଣ୍ଟ ଓମିକ୍ରନ୍ ସଂକ୍ରମିତ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଏବେ ବ୍ରିଟେନରେ କରୋନାର ସମସ୍ତ କଟକକଣାକୁ ହଟାଇ ଦିଆଯାଇଛି। ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ ଜନସନ କହିଛନ୍ତି ଆମ ଦେଶର ବୈଜ୍ଞାନିକମାନେ କହିଛନ୍ତି ଏଠାରେ ସମ୍ଭବତ ଓମିକ୍ରନ ପିକ୍ ସମୟ ଯାଇ ସାରିଛି।

ତେଣୁ ଏବେ ମାସ୍କ ପିନ୍ଧିବାର କୌଣସି ଆବଶ୍ୟକତା ନାହିଁ। ଏହାସହ ସରକାର ଓାର୍କ ଫ୍ରମ ହୋମକୁ ବି ଉଠାଇ ଦେଇଛନ୍ତି। ଅନ୍ୟପଟେ ବିଶ୍ୱରେ ଗୋଟିଏ ଦିନରେ ୩୦.୧୭ଲକ୍ଷ ନୂଆ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଖଯାଇଥିବା ବେଳେ ୮.୦୩୯ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଓମିକ୍ରନ ସଂକ୍ରମଣ ବଢୁଥିବା ବେଳେ କରୋନା ଶେଷ ହୋଇଛି ବୋଲି କହୁଥିବା ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମୁଖ୍ୟ ଟେଡ୍ରୋସ ଘେବ୍ରିୟେସିସ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି କରୋନା ଏବେ ଶେଷ ହୋଇନାହିଁ ଓମିକ୍ରନ୍ ପରେ ଆହୁରି ନୂଆ ଭାରିଏଣ୍ଟ ଆସିପାରେ। ସେ ଆହୁରି ମଧ୍ୟ କହିଛନ୍ତି, କିଛି ଦେଶରେ ଓମିକ୍ରନ୍ ପିକରେ ପହଂଚି ସାରିଛି। ହେଲେ କରୋନା ଶେଷ ହୋଇନାହିଁ। ଏଥିପାଇଁ ଟିକାକରଣର ଆବଶ୍ୟକତା ରହିଛି। ଏବେବି ଓମିକ୍ରନରେ ସଂକ୍ରମିତ ହେଉଥିବା ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଉଥିବା ବେଳେ କିଛି ଦେଶରେ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ଏବେ ଜାଣିଶୁଣି କେହି ଭୁଲ କରନ୍ତୁ ନାହିଁ।

## ତରଳି ଯାଉଛି ମାଟି ତଳେ ଜମାଟ ବାନ୍ଧିଥିବା ବରଫ

# ଭୁଶୁଡିବ କୋଠାବାଡି ରାସ୍ତା ଓ ପାଇପ୍‌ଲାଇନ୍




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କୋଟି କୋଟି ଟନର ଗ୍ରିନ୍‌ହଉସ ଗ୍ୟାସ୍ ନିର୍ଗମନ ହେତୁ ଆର୍କଟିକ୍ ଭୂପୃଷ୍ଠରେ ସ୍ଥାୟୀ ଭାବେ ଜମାଟ ବାନ୍ଧିଥିବା ବରଫ (ପର୍ମାଫ୍ରଷ୍ଟ) ତରଳିବା କେବଳ ଅଂଚଳ ପାଇଁ ନୁହେଁ ସମଗ୍ର ବିଶ୍ୱ ପାଇଁ ବିପଦର ଆଶଙ୍କା ଥିବା କଥା ଏକ ବୈଜ୍ଞାନିକ ଅନୁଶୀଳନରୁ ଜଣାପଡିଛି। ଏଯାବତ୍ ସ୍ଥାୟୀ ଭାବେ ଜମାଟ ବାନ୍ଧିଥିବା ବରଫ ଉପରେ ହୋଇଥିବା ଗେବେଷଣା ଅନୁସାରେ ବିଶେଷକରି ଅଧିକାଂଶ ପ୍ରାୟ ୭୦%ସଡକ, ପାଇପ୍‌ଲାଇନ୍ ସହର ଏବଂ ଉଦ୍ୟୋଗ ଉକ୍ତ ନରମା ମାଟି ଉପରେ ନିର୍ମିତ ହୋଇଛି। ମଧ୍ୟ ଶତାବ୍ଦୀ ସମୟରୁ ଏହି ଅଂଚଳରେ ଅତି ଦ୍ରୁତ ବେଗରେ କ୍ଷତି ହେଉଥିବା ଲକ୍ଷ୍ୟ କରାଯାଉଛି। ଅଧ୍ୟୟନରେ ସତର୍କ କରାଇ ଦିଆଯାଇଛି ଯେ , ଅତ୍ୟଧିକ ଜ୍ୱଳନଶାଳୀ କାର୍ବନୀୟ ପଦାର୍ଥ ଏବେ ଆଉ ବରାଫାବୃତ ହୋଇ ନାହିଁ। ଏହାର ସଂସ୍ପର୍ଶରେ ଆସି ଏବେ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟଣା ବୃଦ୍ଧି ପାଉଛି। ଏହି ଘଟଣା ମଧ୍ୟ ଜମାଟ ବାନ୍ଧି ରହିଥିବା ସ୍ଥାୟୀ ବରଫ ଚଟାଣ ପାଇଁ ବିପଦର କାରଣ ହୋଇଛି।

ପୃଥିବୀରେ ଉତ୍ତର ଗୋଲାର୍ଦ୍ଧରେ ଥିବା ଭୂପୃଷ୍ଠର ଏକ ଚତୁର୍ଥାଂଶ ପର୍ମାଫ୍ରଷ୍ଟ ବା ସ୍ଥାୟୀ ଜମାଟ ବରଫାବୃତ ବର୍ତ୍ତମାନ ସେଠାରେ ଦୁଇଗୁଣ ହେବା ପରିସ୍ଥିତି ହୋଇଯାଇଛି। ୧୮୫୦ପରେ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଏହା ବୃଦ୍ଧି ପାଉଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗୋଲାର୍ଦ୍ଧରେ ଥିବା ଭୂପୃଷ୍ଠିର ତାପମାତ୍ରା ଦୁଇ ବର୍ଷରୁ ଅଧିକ କାଳ ଶୂନ୍ୟ ଡିଗ୍ରି ସେଲିସ୍ୟିରୁ ଅଧିକ ଥଣ୍ଡା ରହିଲେ ସ୍ଥାୟୀ ବରଫ ଜମାଟ ବାନ୍ଧିବା ଆରମ୍ଭ ହୁଏ। ସେହି ଅନୁସାରେ, ଭୂପୃଷ୍ଠର କେତେକ ଅଂଚଳର ପର୍ମାଫ୍ରଷ୍ଟ ହଜାର ହଜାର ବର୍ଷ ପୁରତାନ। ଅଧ୍ୟୟନ ଅନୁସାରେ ବିଗତ ଅର୍ଦ୍ଧ ଶତାବ୍ଦୀ ହେବ ଆର୍କଟିକ୍ ଅଚଳରେ ତାପମାତ୍ରା ସମଗ୍ର ଦୁନିଆ ତୁଳନାରେ ୩ଗୁଣରୁ ଅଧିକ ବେଗରେ ବୃଦ୍ଧି ପାଉଛି। ତେଣୁ ଶୀତଋତୁରେ ମଧ୍ୟ ତାପମାତ୍ରା ୪୦ଡିଗ୍ରି ସେଲିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇ ଏ ଅଂଚଳରେ ଔଦ୍ୟୋଗିକ କ୍ଷେତ୍ରରେ ବଡ ବିଚିତ୍ର ଅଂସଗତି ପରିଲକ୍ଷିତ ହେଉଛି। ବରଫ ତଳେ ଥିବା କାର୍ବନ ଅଧିକ ଜଳନଶାଳୀ ତେଣୁ ବରଫ ତରଳିବା ଯୋଗୁଁ ମାଟିରେ ପୋତି ହୋଇ ରହିଥିବା ପରାତନ କାର୍ବନ ବାହାରକ ଆସି ଅଧିକ ଗରମ ସୃଷ୍ଟି କରିବ। ବରଫ ତରଳିବା ଯୋଗୁଁ ସେ ଅଚଳରେ ଥିବା କୋଠାବାଡିର ମୂଳଦୁଆ ପ୍ରତି ତୁରନ୍ତ ବିପଦ ସୃଷ୍ଟି ହ୍ରାସ ପାଉଛି। ତେଣୁ ଏ ସବୁ ଅଚଳରେ ଥିବା କୋଠାବାଡି ଶିଳ୍ପ ଏବଂ ସଡକ କ୍ରମଶଃ ଅସୁରକ୍ଷିତ ଅସୁରକ୍ଷିତ ହୋଇ ଯାଉଛି।

# ଟିକା ଅପେକ୍ଷା ପ୍ରାକୃତିକ ପ୍ରତିରୋଧକ ଶକ୍ତି ଅଧିକ ପ୍ରଭାବଶାଳୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରାକୃତିକ ପ୍ରତିରୋଧକ ଶକ୍ତି ସମ୍ବନ୍ଧରେ ଏକ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ କୁହାଯାଇଛି ଯେ ଆମେରିକାର ଯେଉଁମାନଙ୍କର ଭଲ ରୋଗ ପ୍ରତିରୋଧକ ଶକ୍ତି ରହିଥିଲା କିନ୍ତୁ ଟୀକାକରଣ କରାଯାଇ ନଥିଲା ଏବଂ କରୋନା ଆକ୍ରାନ୍ତ ହୋଇଥିଲେ ଉଭୟ ଡୋଜ ନେଇଥିବା ଏବଂ ପୂର୍ବରୁ ସଂକ୍ରମିତ ହୋଇନଥିବା ବ୍ୟକ୍ତିଙ୍କ ତୁଳନାରେ ଅଧିକ ସୁରକ୍ଷିତ ଥିଲେ। କରୋନାରୁ ସୁସ୍ଥ ହେବା ପରେ ଶରୀରରେ ସୃଷ୍ଟି ହେଉଥିବା ପ୍ରାକୃତିକ ପ୍ରତିରୋଧକ ଶକ୍ତି ଟିକା ଅପେକ୍ଷା ଭଲ ବୋଲି କୁହାଯାଇଛି। ତଥାପି ଅନୁସନ୍ଧାନରେ ଲେଖକମାନେ ଚେତାବନୀ ଦେଇଛନ୍ତି ଯେ ଯେଉଁମାନେ ଟୀକାକରଣ କରିଛନ୍ତି ସେମାନଙ୍କ ତୁଳନାରେ ଟୀକାକରଣ କରି ନଥିବା ଲୋକମାନେ ଡାକ୍ତରଖାନାରେ ଭର୍ତ୍ତି ହେବା, ଦୀର୍ଘ ଦିନ ଧରି କରୋନା ପ୍ରଭାବ ଏବଂ ମୃତ୍ୟୁର ଆଶଙ୍କା ଅଧିକ। ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ନିରାକରଣ କେନ୍ଦ୍ର ଏକ ବିବୃତ୍ତିରେ କହିଛି ଯେ କୋଭିଡ ୧୯ଭାଇରସ କ୍ରମାଗତ ଭାବରେ ବଦଳୁଛି। ଏହା ମଧ୍ୟ କହିଛନ୍ତି ଯେ ଟୀକାକରଣ ଏବଂ ସଂକ୍ରମଣ ପରେ ମିଳୁଥିବା ସୁରକ୍ଷା ସ୍ତରରେ ଅଧ୍ୟୟନ ସମୟରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ତଥାପି କରୋନାକୁ ଏଡାଇବା ପାଇଁ ଟୀକାକରଣ ହେଉଛି ନିରାପଦ ଉପାୟ। ଏହି ନୂତନ ଅନୁସନ୍ଧାନରେ ନ୍ୟୁୟର୍କ ଏବଂ କାଲିଫର୍ଣ୍ଣିଆର ରୋଗୀମାନଙ୍କୁ ୩୦ମେ ରୁ ୩୦ନଭେମ୍ବର ୨୦୨୧ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା।

# କାହିଁକି କଳା କୋଟ୍ ପିନ୍ଧନ୍ତି ଓକିଲ ?




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଡ୍ରେସ୍ କୋଡ୍ ହେଉଛି ଆତ୍ମବିଶ୍ୱାସ ଅନୁଶାସନ ଏବଂ ବୃତ୍ତିର ପ୍ରତୀକ। ଜଣଙ୍କ ବେଶ ପୋଷାକରୁ ସହଜରେ ଅନୁମାନ କରିହେବ ଯେ, ବ୍ୟକ୍ତିଜଣଙ୍କ କେଉଁ ପେସା ଜଡିତ। ଯେଭଳି ଟ୍ରାଫିକ୍ ପୋଲିସ୍ ଧଳା ପୋଷାକ, ପୋଷାକ, ପୋଲିସ୍‌ଙ୍କ ପୋଷାକର ରଙ୍ଗ ମାଟିଆ ହୋଇଥାଏ, ସେହିଭଳି ଓକିଲମାନେ ସର୍ବଦା ରଙ୍ଗର କୋଟ ଧଳା ସାର୍ଟ ପିନ୍ଧିଥାନ୍ତି। ତେବେ ଏହା କୌଣସି ଫେସନ୍ ନୁହେଁ, ଏହାକୁ ନେଇ ଐତିହାସିକ କାହାଣୀ ଅଛି। ଓକିଲମାନେ କଳା କୋର୍ଟ ପିନ୍ଧିବା ପରମ୍ପରା ଇଂଲଣ୍ଡରୁ ଆରମ୍ଭ ହୋଇଥିଲା ୧୩୨୭ମସିହାରେ ଓକିଲାତିର ଆରମ୍ଭ ଏଡ୍‌ଓାର୍ଡ ତୃତୀୟଙ୍କ ଦ୍ୱାରା ହୋଇଥିଲା ଏହି ସମୟରେ ଆଇନଜୀବୀମାନଙ୍କୁ ଚାରୋଟି ଭାଗରେ ଯଥା-ଛାତ୍ର , ଓକିଲ, ଏବଂ ବାରିଷ୍ଟର ଭାବେ ବିଭକ୍ତ କରାଯାଇଥିଲା ଏମାନେ ସମସ୍ତେ ବିଚାରପତିଙ୍କୁ ସ୍ୱାଗତ କରୁଥିଲେ। ବିଚାରପତିମାନେ ସେମାନଙ୍କୁ ମୁଣ୍ଡରେ ଲୋମ ଥିବା ଏକ ଓିଗ୍ ପିନ୍ଧୁଥିଲେ। ପ୍ରାଚୀନ କାଳରେ ଓକିଲମାନେ ଅଦାଲତକୁ ସୁବର୍ଣ୍ଣ ଲାଲ୍ ରଙ୍ଗର ପୋଷାକ ଏବଂ ବ୍ରାଉନ୍ ରଙ୍ଗର ଫୁଲ୍ କୋଟ୍ ପିନ୍ଧି ଆସୁଥିଲେ। ପରେ ୧୬୩୭ରେ ଓକିଲମାନଙ୍କ ବେଶଭୂଷାରେ ପରିବର୍ତ୍ତନ କରାଗଲା ଏବଂ କାଉନ୍‌ସିଲ୍‌କୁ ଜନତାଙ୍କ ଅନୁଯାୟୀ ପୋଷାକ ପିନ୍ଧିବାକୁ ପ୍ରସ୍ତାବ ଦିଆଗଲା ସେବେଠାରୁ ଓକିଲମାନେ ଲମ୍ବା କୋଟ୍ ପିନ୍ଧିବା ଆରମ୍ଭ କରିଥିଲେ। ଏହି ପୋଷାକ ବିଚାରପତିଏବଂ ଆଇନଜୀବୀଙ୍କୁ ଅନ୍ୟ ବ୍ୟକ୍ତିଙ୍କଠାରୁ ଭିନ୍ନ ଦର୍ଶାଉଥିଲା ବୋଲି କୁହାଯାଏ। ୧୬୯୪ମସିହାରେ ବ୍ରଟେନ୍‌ର ରାଣୀ ମେରିଙ୍କର ମୃତ୍ୟୁ ପରେ ତାଙ୍କ ସ୍ୱାମୀ କିଙ୍ଗ୍ ଓିଲିୟମ୍‌ସ ସମସ୍ତ ନ୍ୟାୟାଧୀଶ ଏବଂ ଆଇନଜୀବୀଙ୍କୁ ସର୍ବସାଧାରଣରେ ଶୋକ କରିବା ପାଇଁ କଳା କୋଟ୍ ପିନ୍ଧି ଏକାଠି ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ସମ୍ମାନ ଦେଇ ଆଇନଜୀବୀମାନେ କଳା ରଙ୍ଗର ଗାଉନ୍ ପିନ୍ଧିଥିଲେ। କିନ୍ତୁ ରାଜା ଏହି ଆଦେଶକୁ ଆଉ ଫେରାଇ ନଥିଲେ, ଯେଉଁଥିପାଇଁ ସେବେଠାରୁ ଏହି ପ୍ରଥା ଚଳି ଆସୁଛି। ତେବେ ବର୍ତ୍ତମାନ ସମୟରେ କଳା କୋଟ୍ ଓକିଲମାନଙ୍କର ପରିଚୟ ପାଲଟିଛି। ୧୯୬୧ ଅଧିନିୟମ ଅନୁଯାୟୀ କୋର୍ଟରେ ଧଳା ବ୍ୟାଣ୍ଡ ଟାଇ କଳା ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିଲା ବିଶ୍ୱାସ କରାଯାଏ ଯେ, ଏହି କଳା କୋଟ୍ ଓ ଧଳା ସାର୍ଟ ଓକିଲମାନଙ୍କ ମଧ୍ୟ ଶୃଙ୍ଖଳ । ଆଣିଥାଏ ଏବଂ ସେମାନଙ୍କର ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। କଳାରଙ୍ଗ ଦୃଷ୍ଟିବାଧିତ ବ୍ୟକ୍ତିର ପ୍ରତୀକ ହୋଇଥାଏ। ଦୃଷ୍ଟିବାଧିତା ଲୋକଟିଏ କୌଣସି ପକ୍ଷେପାତିତା କରେ ନାହିଁ,ଏଣୁ କଳା ରଙ୍ଗ କୋଟ୍ ପିନ୍ଧିବା ପରେ ଓକିଲମାନେ କୌଣସି ଭେଦଭାବ ନ ରଖି ସତ୍ୟ ପାଇଁ ଲଢେଇ କରୁଥିବାରୁଏହି ରଙ୍ଗର କୋର୍ଟ ପରିଧାନ କରନ୍ତି ବୋଲି କୁହାଯାଏ।

## ପ୍ରଥମ ପୃଷ୍ଠାରୁ...

### ଧନ..

ହେଲେ ବାପାକୁ ଏପରି ଜଘନ୍ୟ ଭାବେ ବଡ ପୁଅ ହତ୍ୟା କରିଥିବା ନେଇ ସାନ ଭାଇ ଅଭିଯୋଗ କରୁଥିଲେ ମଧ୍ୟ ଦୋଛକିରେ ଛିଡା ହେଲା ଭଳି ଏଣୁ ମାଇଲେ ଗୋ ହତ୍ୟା, ତେଣୁ ମାଇଲେ ବ୍ରହ୍ମ ହତ୍ୟା ବୋଲି ଚିନ୍ତା କରି ନୀରବ ରହିଛନ୍ତି। ଗୋଟେ ପଟେ ବାପାକୁ ହରାଇ ଅନ୍ୟପଟେ ବଡ ଭାଇକୁ ହରାଇବାକୁ ଇଚ୍ଛା ନ କରି ଘଟଣାଟିକୁ ଆଗକୁ ନ ବଢାଇ ବା ଥାନାକୁ ନ ନେଇ ନୀରବ ରହିଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ, ପୂର୍ବରୁ ନିଜର ମା'କୁ କୁଆଡେ ବଡ ପୁଅ ପିଟିପିଟି ମାରିଦେଇଥିବା ଏବଂ ଗଛରେ ନଟକାଇ ଆତ୍ମହତ୍ୟା କରିଥିବା କହି ଘଟଣାଟିକୁ ଚପାଇ ଦିଆଯାଇଥିଲା ବୋଲି ଶୁଣାଯାଉଛି। ଶ୍ୱଶୁର ସହିତ ବଡ ବୋହୂର ଅନୈତିକ ସଂପର୍କ ମା' ଦେଖିଦେଇଥିବାକୁ ଯେପରି ବାହାରେ ପ୍ରଘଟ ନ ହୁଏ ସେଥିଲାଗି ମା'କୁ ବଡ ପୁଅ ପିଟିପିଟି ମାରିଦେଇଥିବା ଓ ପରେ ଆତ୍ମହତ୍ୟା କରିଥିବା ଅଭିନୟ କରି ଚପାଇ ଦେଇଥିବା ଶୁଣାଯାଉଛି। ନିକଟରେ କିଛି ମାସ ପୂର୍ବେ ବଡ ପୁଅଟି ଷ୍ଟୁଡିଓ କରି ବ୍ୟବସାୟ କରିବା ସହିତ ସାମ୍ବାଦିକ ବୃତ୍ତିରେ ପ୍ରବେଶ କରିଥିଲେ। ନିଶା ଖାଇ ଡାକ୍ତରଖାନାରେ ଗଣ୍ଡଗୋଳ କରି ପ୍ରାୟ ୨ ସପ୍ତାହ ହେବ ଜେଲ୍‌ରେ ରହି ଫେରିଥିଲେ। ଏଭଳି ଆଲୋଚନା, ସମାଲୋଚନା, ଚର୍ଚ୍ଚା ଆଦି ଅନେକ କୁହାଯାଉଥିଲେ ମଧ୍ୟ ପୋଲିସ୍‌ରେ ଅଭିଯୋଗ ହୋଇନଥିବା ଏବଂ ଅଭିଯୋଗ କରିବାକୁ ସାନ ଭାଇ ଦୋଛକିରେ ଛିଡା ହୋଇଥିବାକୁ ଏପରି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିବା ଆସାମୀ ତଥା ବଡ ପୁଅ ଏବେ ମାନସିକ ଦୁଶ୍ଚିନ୍ତାରେ ଘୂରି ବୁଲୁଥିବା କୁହାଯାଉଛି।

### ଚା'...

ସକାଳୁ ଉଠି ଚା ପିଉଥିବା ବେଳେ ୧୦ ରୁ ୭ ଜଣ ଲୋକ ଦିନକୁ ଅନୁନ୍ୟ ଦୁଇ କପ୍ ଚା ପିଇଥାନ୍ତି। ଏପରି ପରିସ୍ଥିତିରେ ଅପମିଶ୍ରିତ ଚା'ର କ'ଣ ପରିଣାମ ମିଳିବ ତାହା ସହଜରେ ଅନୁମେୟ।

ଏହି ଖବର ଚର୍ଚ୍ଚାର ବିଷୟ ହୋଇଥିବା ବେଳେ କେତେକ ପାଠକ ନିଜସ୍ୱ ମତାମତ ଭିନ୍ନ ଭିନ୍ନ ଆକାରରେ ପ୍ରକାଶ କରିଥିବା ଲକ୍ଷ୍ୟ କରାଯାଇଛି। ଜନୈକ ପାଠକ "କେବଳ ଚା' ନୁହେଁ ଯେ କୌଣସି ଭେଜାଲ୍ ଜିନିଷ ଶରୀର ପ୍ରତି କ୍ଷତିକାରକ, ଭଲ କମ୍ପାନୀର ଚା' ପିଇବା ଦରକାର। ନାଲି ଚା ଓ ଗ୍ରୀନ୍ ଟି ଶରୀର ପାଇଁ ବହୁ ଲାଭଦାୟକ।"

### କାହା...

ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଜବାବ ଦେବା ପାଇଁ ବିଜେଡି ସୁଲତାଙ୍କୁ ହିଁ ବ୍ୟବହାର କରୁଛି। ସେଥିରେ ସଫଳତା ମଧ୍ୟ ଦଳକୁ ମିଳୁଛି। ଗତ ନିର୍ବାଚନରେ ତାଙ୍କୁ ବରିରୁ ଟିକେଟ୍ ମିଳିବ ବୋଲି ଆଶା କରାଯାଉଥିଲା। ହେଲେ ତାହା ହେଲା ନାଁ। ବର୍ତ୍ତମାନ ସେ ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ଅଛନ୍ତି। ସେ ଏହି ମେୟର ପଦବୀ ପାଇଁ ବେଶ୍ ଉପଯୁକ୍ତ ବୋଲି ବରିଷ୍ଠଙ୍କ ମହଲରେ ଚର୍ଚ୍ଚା ହେଉଛି।

ଶେଷରେ ଯାହାଙ୍କ ନାମ ଚର୍ଚ୍ଚାରେ ରହିଛି ସେ ହେଉଛନ୍ତି ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର। ବଲାଙ୍ଗୀରର ରାଜନୀତି ସହିତ ବେସ୍ ପରିଚିତ ଥିବା ଶ୍ରୀମୟୀ ବର୍ତ୍ତମାନ ଓଡିଶା ରାଜନୀତିରେ ବେସ୍ ସକ୍ରୀୟ ଅଛନ୍ତି। ସେ ମଧ୍ୟ ଟିଭି ବିତର୍କରେ ଭାଗ ନେଇ ଦଳର ଭାବମୂର୍ତ୍ତିକୁ ରକ୍ଷା କରିବାରେ ସହାୟତା ଦେଇ ଆସୁଛନ୍ତି। ଏଥିସହିତ ଓଟିଡିସିର ଅଧ୍ୟକ୍ଷା ଭାବେ ସେ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟ କରିଛନ୍ତି। ସେଥିପାଇଁ ସେ କୁଆଡେ ବିଜେଡିର ମେୟର ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି। ତାଙ୍କୁ କୁଆଡେ ନବୀନ ନିବାସରୁ ସବୁଜ ସଙ୍କେତ ଦିଆଯାଉଛି ବୋଲି ଆଲୋଚନା ହେଉଛି। ତେବେ ଏହି ୩ଜଣଙ୍କ ମଧ୍ୟରୁ ସୁଲତା ଓ ଶ୍ରୀମୟୀଙ୍କ ନାମ ବେସ୍ ଆଗରେ ଅଛି।

# ଆଉ ରହିବନି ଚାକିରୀ ସମସ୍ୟା




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କୋଭିଡ୍ ପାଇଁ ଦେଶର ଅନେକ ଲୋକ ନିଜର ଚାକିରୀ ହରାଇଥିବା ବେଳେ ଏ ନେଇ ଆସିଛି ଏକ ଖୁସି ଖବର। ଦୂର ସଞ୍ଚାର ବିଭାଗ ପକ୍ଷରୁ ସମଗ୍ର ଦେଶରେ ଚଳିତ ବର୍ଷ ଶେଷ ସୁଦ୍ଧା ୨ରୁ ୩ କୋଟି ଚାକିରୀ ସୃଷ୍ଟି ହେବାକୁ ଯାଉଛି। ଡିଜିଟାଲିକରଣରୁ ଗୁରୁତ୍ୱ ଦେବା ଓ ଲୋକଙ୍କୁ ଇଣ୍ଟରନେଟ୍ ସେବା ଯୋଗାଇଦେବା ଲକ୍ଷ୍ୟରେ ୧ କୋଟି ସାର୍ବଜନିନ ଓ୍ୱାଇ-ଫାଇ ହଟ୍‌ସ୍ପଟ୍ ସ୍ଥାପନ କରାଯିବ। ପ୍ରତ୍ୟେକ ହଟ୍‌ସ୍ପଟ୍ କେନ୍ଦ୍ରରେ ଏକାଧିକ ଚାକିରୀ ସୁଯୋଗ ସୃଷ୍ଟି ହେବ। ବ୍ରଡ୍‌ବ୍ୟାଣ୍ଡ ଇଣ୍ଡିଆ ଫୋରମ୍(ବିଆଇଏଫ୍) ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏ ନେଇ ସୂଚନା ଦେଇଛନ୍ତି ଦୂରସଞ୍ଚାର କେ. ରାଜରମଣ।

ସେ କହିଛନ୍ତି ଯେ, ପ୍ରତ୍ୟେକ ହଟ୍‌ସ୍ପଟ୍ ମାଧ୍ୟମରେ ୨ରୁ ୩ଟି ପ୍ରତ୍ୟେକ ଓ ପରୋକ୍ଷ ରୋଜଗାର ସୃଷ୍ଟି ହେବ। ଯଦି ଏହି ଯୋଜନା ସଫଳ କାର୍ଯ୍ୟକାରୀ ହୁଏ ତେବେ ୨୦୨୨ ଶେଷ ସୁଦ୍ଧା ୨ରୁ ୩ କୋଟି ଚାକିରୀ ସୃଷ୍ଟି ହେବ। ଏହା ଫଳରେ ଓ୍ୱାଇ-ଫାଇ ଯୋଜନା ଦ୍ୱାରା ଗ୍ରାମୀଣ ଅର୍ଥ ବ୍ୟବସ୍ଥା ବିକଶିତ ହେବାର ସମ୍ଭାବନା ସୃଷ୍ଟି ପାଇବ ଓ ଗ୍ରାମୀନ କ୍ଷୁଦ୍ରକ୍ଷେତ୍ରଗୁଡିକରେ ମଧ୍ୟ ଲକ୍ଷ ଲକ୍ଷ ଚାକିରୀ ସୃଷ୍ଟି ହୋଇପାରିବ। ପ୍ରଧାନମନ୍ତ୍ରୀ ଓ୍ୱାଇ-ଫାଇ ଆକ୍ସେସ୍ ନେଟ୍‌ୱାର୍କ ଇଣ୍ଟରଫେସ୍(ପିଏମ୍-ବାଣୀ) ଯୋଜନା ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ସମଗ୍ର ଦେଶରେ ୫୬ହଜାରରୁ ଅଧିକ ହଟ୍‌ସ୍ପଟ୍ ସ୍ଥାପନ ହୋଇସାରିଛି। ଆଗକୁ ଚାକିରୀ ଖୋଜୁଥିବା ଦେଶର ଯୁବପିଢୀଙ୍କ ପାଇଁ ଏହା ନିଶ୍ଚିତ ଭାବେ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଛନ୍ତି।

# ସନ୍ତୋଷ ପଡଙ୍ଗୀ ବୈଦେଶିକ ବାଣିଜ୍ୟ ଡିଜି




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଓଡିଶା କ୍ୟାଡର ଆଇଏଏସ୍ ଅଧିକାରୀ ସନ୍ତୋଷ କୁମାର ଷଡଙ୍ଗୀଙ୍କୁ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ବୈଦେଶିକ ବାଣିଜ୍ୟ ବିଭାଗ ମହାନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି। ସେ ବର୍ତ୍ତମାନ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସନ୍ତୋଷଙ୍କ ସମେତ କ୍ୟାବିନେଟ୍‌ର ନିଯୁକ୍ତ କମିଟି ଏସିସି ବିଭିନ୍ନ କ୍ୟାଡରର ଅନ୍ୟ ୧୨ଜଣ ଆଇଏଏସ୍ ଅଧିକାରୀଙ୍କ ନିଯୁକ୍ତିକୁ ନିଯୁକ୍ତିକୁ ମଧ୍ୟ ଅନୁମୋଦନ କରିଛି। ସୂଚନା ଯୋଗ୍ୟ, ସନ୍ତୋଷ ହେଉଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ସାମୀ ସେମାନେ ଉଭୟ ୧୯୯୪-ବ୍ୟାଚ୍ ଆଇଏଏସ୍ ଅଧିକାରୀ।

## ଜେଏନୟୁରେ ଲଜ୍ଜା !

# ପିଏଚ୍‌ଡି ଛାତ୍ରୀଙ୍କୁ ଅପହରଣ କରି ଦୁଷ୍କର୍ମ ଉଦ୍ୟମ




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଜେଏନୟୁରେ ସୋମବାର ରାତିରେ ଏକ କଳଙ୍କିତ ଘଟଣା ଘଟିଛି। ଜଣେ ପିଏଚଡି ଛାତ୍ରୀ ବିଳମ୍ବିତ ରାତିରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବୁଲୁଥିବାବେଳେ ତାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଛି। ଏ ନେଇ ଦିଲ୍ଲୀରେ ବସନ୍ତକୁଞ୍ଜ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ବିଶ୍ୱବିଦ୍ୟଳୟ କର୍ତ୍ତୃପକ୍ଷରୁ କିନ୍ତୁ ଏ ପର୍ଯ୍ୟାନ୍ତ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇନାହିଁ। ଜାତୀୟ ସ୍ତରରେ ଗଣମାଧ୍ୟମ ସୁତ୍ରରୁ ରିପୋର୍ଟ ଅନୁସାରେ ସୋମବାର ରାତି ୧୧ଟା ୪୫ସମୟରେ ଜଣେ ପିଏଚଡି ଛାତ୍ରୀ କ୍ୟାମମ୍ପ ଭିତରେ ବୁଲୁଥିଲେ। ସେ ଇଷ୍ଟ ଗେଟ ରୋଡ ଆଡକୁ ଯିବାବେଳେ କ୍ୟାମ୍ପସ ଭିତରୁ ଜଣେ ଯୁବକ ଏକ ବାଇକରେ ଆସି ତାଙ୍କୁ ଅଟକାଇବା ସହ କ୍ୟାମ୍ପସ ଭିତରେ ଥିବା ବୁଦା ମଧ୍ୟକୁ ଜବରଦସ୍ତି ଟାଣି ନେଇଥିଲା ସେଠାରେ ସେ ଛାତ୍ରୀଙ୍କ ପୋଷାକ ଚିରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲ। ତେବେ ଛାତ୍ରୀ ଜଣକ ଜୋରରେ ମାଟି କରିବାକୁ ସଂପୃକ୍ତ ଯୁବକ ସେଠାରୁ ପଳାଇଯାଇଥିଲା ଗଲା ବେଳେ ସେ ଛାତ୍ରୀଙ୍କ ମୋବାଇଲ୍ ନେଇଯାଇଥିବା କୁହାଯାଉଛି। ସଂପୃକ୍ତ ଛାତ୍ରୀଙ୍କ ବିଶ୍ୱବିଦ୍ୟାଳୟର ସୁରକ୍ଷା କର୍ମୀମାନେ ଉଦ୍ଧାର କରି ହଷ୍ଟେଲକୁ ଆଣିଥିଲେ। ତାଙ୍କ ଦେହର କେତେକ ସ୍ଥାନରେ କ୍ଷତ ଚିହ୍ନ ରହିଛି। କିନ୍ତୁ ସେ ଏବେ ହଷ୍ଟେଲରେ ହିଁ ଅଛନ୍ତି। ସେ ଗଭୀର ମାନସିକ ଆଘାତ ପାଇଥିବା ଜେଏନୟୁ ଛାତ୍ର ସଂଘର ସଭାପତି ଆଇସି ଘୋଷ କହିଛନ୍ତି।


RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଜାନୁଆରୀ ୨୪ ରୁ ୩୦, ୨୦୨୨, ଜଗତସିଂହପୁର

January 24 to 30, 2022, Jagatsinghpur

www.samparkabarta.in



# ବିଜେପିର ହାତ ଛାଡିଲେ ବିଜୟ !

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିଜେପି ଆଜି ୨୫ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଦୁଇ ମୁଖ୍ୟ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ଓ କଂଗ୍ରେସ ତୁଳନାରେ ପ୍ରାର୍ଥୀ ଚୟନରେ ପଛରେ ପଡିଯାଇଥିବା ବିଜେପି ପାଇଁ ଆଉ ଏକ ଚିନ୍ତାର ବିଷୟ ହୋଇଛି

## କେନ୍ଦ୍ରାପଡା ରାଜନୀତିରେ ହଟଚମଟ

ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ନିରବତା। ଦଳ ଭିତରେ ବିଭିନ୍ନ ସମୟରେ ତାଙ୍କୁ ଅଣଦେଖା କରିବାରୁ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାରୁ ସଂପୂର୍ଣ୍ଣ ଦୂରେଇ ଯିବା ସହିତ ଜିଲ୍ଲା ପରିଷଦ ନିର୍ବାଚନ ପ୍ରକ୍ରିୟା ଭିତରେ କାହା ନାଁ ସୁପାରିଶ କରିବାକୁ ମନା କରିଦେଇଥିବା ଅତି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏପରିକି ଜିଲ୍ଲା ପରିଷଦପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାକୁ ଦଳକୁ ସଫାସଫା ମନା କରିଦେଇଥିବା ବେଳେ ଯେଉଁ ଅନୁଗତମାନେ ଦୀର୍ଘବର୍ଷ ଧରି ତାଙ୍କ ସହିତ ଅଛନ୍ତି ଏବଂ ନିର୍ବାଚନରେ ନିର୍ଦ୍ଦଳୀୟ ହୋଇ ଲଢୁଛନ୍ତି, ସେମାନଙ୍କ ପାଇଁ ଆବଶ୍ୟକ ପଡିଲେ ବିଜୟ ପ୍ରଚାରକୁ ଓହ୍ଲାଇପାରନ୍ତି ବୋଲି ସୂଚନା ମିଳିଛି। ବିଜୟଙ୍କ ଏପ୍ରକାର ଭିନ୍ନ ଆଭିମୁଖ୍ୟ କେନ୍ଦ୍ରାପଡା ରାଜନୀତିରେ କମ୍ପନ ସୃଷ୍ଟି କରିଥିବାବେଳେ ଏହାର ଫାଇଦା କେଉଁ ଦଳକୁ ଯିବ ଏବଂ ସମର୍ଥକମାନେ କେଉଁ ଭୂମିକାରେ ଅବତୀର୍ଣ୍ଣ ହେବେ, ତାକୁ ନେଇ ରାଜନୈତିକ ମହଲରେ ଅଙ୍କକଷା ଆରମ୍ଭ ହୋଇଯାଇଛି।

ବିଜୟଙ୍କୁ ବାଦ୍ ଦେଇ କେନ୍ଦ୍ରାପଡା ରାଜନୀତିକୁ ବିଶ୍ଳେଷଣ କରାଯାଇପାରିବ ନାହିଁ। ଜିଲ୍ଲାର ସବୁ ବ୍ଲକ୍, ମ୍ୟୁନିସିପାଲିଟିରେ ତାଙ୍କର ସମର୍ଥକ ଅଛନ୍ତି। ଗତ ୨୦୧୭ ନିର୍ବାଚନରେ ବିଜେଡିକୁ ଭଲ ଟକ୍କର ଦେଇଥିଲା ବିଜେପି। ୧୦ଟି ଜିଲ୍ଲାପରିଷଦ ସିଟ୍ ହାତେଇଥିଲା। ବିଜୟଙ୍କ ନିଜସ୍ୱ ପାଟକୁରା ଏବଂ ପୁରୁଣା ମହାକାଳପଡା ନିର୍ବାଚନ ମଣ୍ଡଳୀରେ ୬ଟି ଜୋନ୍(୯, ୧୧, ୨୦, ୨୧, ୨୪, ୨୬) ସେଥିରେ ଥିଲା। ଏହାବାଦ୍ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରୁ ବାକି ୪ ଜିଲ୍‌ଲ ପରିଷଦ ସଭ୍ୟ ବିଜୟୀ ହୋଇଥିଲେ ବି ସେମାନେ ସମସ୍ତେ ବିଜୟଙ୍କ ଅନୁଗତ ଥିଲେ। ମୋଟ୍ ଉପରେ ଗତ ନିର୍ବାଚନରେ ବିଜେପିର ପ୍ରାର୍ଥୀ ଚୟନଠୁ ନିର୍ବାଚନ ପରିଚାଳନା ଯାଏଁ ସବୁଥିରେ ବିଜୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହା ପରବର୍ତ୍ତୀ ୨୦୧୯ ପାଟକୁରା ଉପ ନିର୍ବାଚନର ବିଜେଡି ବିଧାୟିକା ସାବିତ୍ରୀ ଅଗ୍ରୱାଲ୍‌ଙ୍କ ସହିତ ତାଙ୍କର ଭଲ ଲଢେଇ ଦେଖିବାକୁ ମିଳିଥିଲା। ବିଜୟଙ୍କୁ ମୋଟ ୭୮ ହଜାର ୯ ଖଣ୍ଡ ଭୋଟ ମିଳିଥିଲା ଏବଂ ୧୭ ହଜାର ୯୨୦ ଖଣ୍ଡ ଭୋଟ୍‌ରେ ପ୍ରତିଦ୍ୱନ୍ଦ୍ୱୀ ସାବିତ୍ରୀଙ୍କ ଠାରୁ ହାରି ଯାଇଥିଲେ। ହେଲେ



ଏ କଥା ସତ ଯେ ପାଟକୁରା ହେଉ କି ମହାକାଳପଡା ନିର୍ବାଚନମଣ୍ଡଳୀରେ ବିଜୟଙ୍କ ଅନୁଗତଙ୍କ ସଂଖ୍ୟା ଢେର ଅଧିକ। ଖାସ୍ ସେହି କାରଣରୁ ଗତ ପଞ୍ଚାୟତ ନିର୍ବାଚନରେ ପ୍ରତ୍ୟକ୍ଷ ଭାବେ ଜଡିତ ରହି ନିଜ ଅନୁଗତଙ୍କୁ ଦଳୀୟ ପ୍ରାର୍ଥୀ କରି ମଇଦାନକୁ ଉତାରିବାରୁ ବିଜେପିକୁ ଭଲ ସଫଳତା ମିଳିଥିଲା। ବିଜେଡିକୁ ମାତ୍ ଦେଇ ଦଳ ୧୦ଟି ଜିଲ୍ଲା ପରିଷଦ ସିଟ୍ ହାତେଇଥିଲା।

ହେଲେ ଏଥର ଯେଉଁ ଚିତ୍ର ଦେଖିବାକୁ ମିଳିଛି, ତାହା ବିଜେପିର ଚିନ୍ତା ବଢାଇଦେଲା ପରି। ଅନ୍ୟ ଦୁଇ ପ୍ରମୁଖ ଦଳ ବିଜେଡି ଓ କଂଗ୍ରେସ ପରେ ବିଜେପି ଆଜି ପ୍ରଥମ ପର୍ଯ୍ୟାୟ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଗତଥର ଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସକ୍ରିୟ ଭୂମିକା ଏଥର ନିର୍ବାଚନରେ ଦେଖିବାକୁ ମିଳିନାହିଁ। ଜିଲ୍ଲାରେ ତାଙ୍କ ସମର୍ଥିତ ଏକ ପ୍ରଭାବଶାଳୀ ଗୋଷ୍ଠୀ ନିଷ୍କ୍ରିୟ। ନିର୍ବାଚନର ଏହି ଗୋଷ୍ଠୀର କୌଣସି ଭୂମିକା ଥିବା ମନେହେଉନାହିଁ। ପ୍ରାର୍ଥୀ ଚୟନଠୁ ନିର୍ବାଚନ ରଣନୀତି ପ୍ରସ୍ତୁତ ଯାଏ ସବୁକିଛି ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ସମର୍ଥିତ ବିଜେପି ଗୋଷ୍ଠୀ ବା ଜିଲ୍ଲା ସଭାପତି କିଶୋର ପଣ୍ଡାଙ୍କ ନେତୃତ୍ୱରେ ହେଉଛି। ମିଳିଥିବା ସୂଚନା ମୁତାବକ, ତିନି ଦିନ ତଳେ ଜିଲ୍ଲା ବିଜେପିର ଏକ ଟିମ୍ ପର୍ଯ୍ୟବେକ୍ଷକଙ୍କ ସହିତ ପ୍ରାର୍ଥୀ ଚୟନକୁ ନେଇ ବିଜୟଙ୍କ ପାଖକୁ ଯାଇଥିଲେ। ପ୍ରତି ଜୋନ୍‌ର ଆଶାୟୀ ୪/୫ଜଣଙ୍କ ନାଁ ଦିଆଯାଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ଦଳ ତାଙ୍କୁ ପ୍ରାର୍ଥୀ ଚୟନ ଉପରେ ମତାମତ ଚାହିଁବାରୁ ସେ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। ବରଂ ଜିଲ୍ଲା ଟିମ୍ ହିଁ ବାଛୁ ବୋଲି କହିବା ସହିତ ନିଜେ ଜିଲ୍ଲା ପରିଷଦ ପାଇଁ କାହାରି ନାଁ ସୁପାରିଶ କରିବେ ନାହିଁ ବୋଲି ସ୍ପଷ୍ଟ କରି ଦେଇଥିଲେ। ଅନ୍ୟପକ୍ଷରେ, ଯେଉଁମାନେ ତାଙ୍କ ସହିତ ଅଛନ୍ତି ଏବଂ ନିର୍ଦ୍ଦଳୀୟ ଲଢୁଥିବେ, ସେମାନଙ୍କ ପାଇଁ ଆବଶ୍ୟକ ପଡିଲେ ବିଜୟ ପ୍ରଚାର କରିପାରନ୍ତି ବୋଲି ତାଙ୍କ ନିକଟତମ ମହଲରୁ ଶୁଣିବାକୁ ମିଳୁଛି।

# ରାୟଗଡାରେ କଂଗ୍ରେସରୁ ଛୁଟୁଛି ଇସ୍ତଫାର ସୁଅ

**ରାୟଗଡା(ସଂପର୍କବାର୍ତ୍ତା):-** ମୁଣ୍ଡ ଉପରେ ପଞ୍ଚାୟତ ନିର୍ବାଚନ ଲଢେଇ ପାଇଁ ଆରମ୍ଭ ହୋଇ ସାରିଛି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ପ୍ରକ୍ରିୟା ଏପରି ସ୍ଥିତିରେ ରାୟଗଡା ଜିଲ୍ଲା କଂଗ୍ରେସ କମିଟିର ଗୁରୁତ୍ୱପୂର୍ଣ୍ଣ ପଦ  ପଦବିରେ ନେତା ଦଳରୁ ଇସ୍ତଫା ଦେବାରେ ଲାଗିଛନ୍ତି। ଦଳ ଛାଡିଥିବା ନେତାଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ, ଜିଲ୍ଲା ମହିଳା ସଭାନେତ୍ରୀଙ୍କ ଭଳି ନେତା ଥିବାରୁ କଂଗ୍ରେସ ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟ ହୋଇଛି। ଏକଦା କଂଗ୍ରେସର ଗଡ ଥିବା କୋଲନରା ବ୍ଲକରୁ ଦିନକରେ ୫ବରିଷ୍ଠ ନେତୃବୃନ୍ଦ କଂଗ୍ରେସକୁ ବାଏ ବାଏ କରିଛନ୍ତି। ଜିଲ୍ଲା କଂଗ୍ରେସ ମହିଳା ସଭାନେତ୍ରୀ ଇପିଲି ନାଗଲକ୍ଷ୍ମୀ ଜିଲ୍ଲା ପରିଷଦ ସଦସ୍ୟ ଆଶୁତୋଷ କିଲାକା, କୋଲନରା ବ୍ଲକ ଯୁବ କଂଗ୍ରେସ ସଭାପତି ତଥା ସାଂସଦ ପ୍ରତିନିଧି ବି ଧବଳେଶ୍ୱର, ପୂର୍ବତନ କୋଲନରା ବ୍ଲକ ଉପାଧ୍ୟକ୍ଷା ଏସ୍.ରାଜେଶ୍ୱରୀ କଂଗ୍ରେସ ଏସଟି ସେଲ୍ କୋଲନରା ବ୍ଲକ୍ ସଂପାଦକ ତଥା ପୂର୍ବତନ ସରପଂଚ ତ୍ରିନାଥ ତୋଇକା କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ମହିଳା ସଭାନେତ୍ରୀ ଶ୍ରୀମତି ନାଗଲକ୍ଷ୍ମୀ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ଉଲ୍ଲେଖ କରଛନ୍ତି। ସେହିପରି ଏସ୍. ରାଜେଶ୍ୱରୀ, ବି.ଧବଳେଶ୍ୱର , ଶ୍ରୀ ତୋଇକା ଜିଲ୍ଲା କଂଗ୍ରେସ ସଭାପତିଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। କଂଗ୍ରେସ ଛାଡିଥିବା ଜିଲ୍ଲା ପରିଷଦ ସଦସ୍ୟ ଆଶୁତୋଷ କିଲାକା କୋଲନରା ଖ ଆସନରୁ ୨୦୧୭ନିର୍ବାଚନରେ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ଛାଡିଥିବା ଜିଲ୍ଲା ମହିଳା ସଭାନେତ୍ରୀ ନାଗଲକ୍ଷ୍ମୀ ୨୦୧୨ପଂଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ଭାବେ ବିଜୟୀ ହୋଇଥିଲେ।୨୦୨୨ପଂଚୟତ ନିର୍ବାଚନ ପାଇଁ କୋଲନରା ଖ ଆସନ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷଣ ରହିଛି। ଖ ଆସନ ଅଧିନରେ ସୁରି, ବାଡାଖିଲାପଦର, ବାଙ୍କିଲି, କୈଳାସପୁର,ରେଖାପଦର, ଭୋଇମଡା, ମୁକୁନ୍ଦପୁର,ଝରଡି, କାଟିଣା ପଂଚାୟତ ରହିଛି। ସେପଟେ କୋଲନରା କ ଆସନ ଅଣସଂରକ୍ଷିତ ରହିଛି। କ ଆସନ ଅଧିନରେ କୋଲନରା, ଗାଡିଶେଷଖାଲ, ଡୁମୁରୁଗୁଡା ଥେରୁବାଲି, ଖେଦାପଡା, କାର୍ତ୍ତିକଗୁଡା କେଲିଗୁଡା ରହିଛି। ଖ ଆସନ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷଣ ପରେ କୋଲନରା କ ଆସନ ଉପରେ ସଭିଁଏ ନଜର ପକାଇଛନ୍ତି। କଂଗ୍ରେସ ଛାଡିଥିବା ଯୁବ ବ୍ଲକ ସଭାପତି ବି ଧବଳେଶ୍ୱରଙ୍କୁ କଂଗ୍ରେସ କ ଆସନରୁ ପ୍ରାର୍ଥୀ କରିବାକୁ ଯୋଜନା କରିଥିଲେ। ପ୍ରାର୍ଥୀ ଚୟନ ଚୂଡାନ୍ତ ହୋଇ ସାରିଥିବା ବେଳେ ଶେଷ ମୁହୂର୍ତ୍ତରେ ଧବଳେଶ୍ୱର ଦଳ ଛାଡିବା କଂଗ୍ରେସ ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ରହିଛି। କଂଗ୍ରେସ ଛାଡିଥିବା ସମସ୍ତ ନେତୃବୃନ୍ଦ ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଏ ନେଇ କୌଣସି ସ୍ପଷ୍ଟତା ବିଜେଡି ପକ୍ଷରୁ ମିଳିପାରିନି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ ନିର୍ବାଚନରେ କଂଗ୍ରେସକୁ ଚକ୍କମା ଦେଇ ବିଜୟ ସୁନିଶ୍ଚିତ କରିବାକୁ ବିଜେଡି ବି.ଧବଳେଶ୍ୱରଙ୍କୁ ଦଳର ପ୍ରାର୍ଥୀ କରିପାରେ।ଏଥି ପାଇଁ ବିଜେଡି ଦଳର ଆଶୟୀ ନେତାଙ୍କୁ ଅଣଦେଖା କରିପାରେ। କୋଲନରା ବ୍ଲକକୁ ଛାଡିଲେ ବିଷମକଟକ କ ଜୋନର କଂଗ୍ରେସ ଜିଲ୍ଲା ପରିଷଦ ସଦସ୍ୟ ନନ୍ଦ କିଶୋର ଚୌଧୁରୀ ମଧ୍ୟ ଦଳ ଛାଡିଛନ୍ତି। ଜିଲ୍ଲା କଂଗ୍ରେସ ଓବିସି ସେଲର ସଭାପତି ଭାବେ ଚୌଧୁରୀ ଦାୟିତ୍ୱ ତୁଲାଉଥିଲେ। ସୂଚନାଯୋଗ୍ୟ, ୨୦୧୭ପଂଚାୟତ ନିର୍ବାଚନରେ ରାୟଗଡା ଜିଲ୍ଲାର୨୨ଜିଲ୍ଲା ପରିଷଦ ଆସନ ମଧ୍ୟରୁ କଂଗ୍ରେସ ୧୧ଟି ଅକ୍ତିଆର କରି ଜିଲ୍ଲା ପରିଷଦ ଦଖଲ କରିଥିଲେ। କିନ୍ତୁ ନିର୍ବାଚନ ମାମଲାକୁ ନେଇ୨୦୧୯ଆସନରେ କୋର୍ଟ ଅଧ୍ୟୟ ପଦବିକୁ ଅସିଦ୍ଧ ଘୋଷଣା ପରେ ୨୦୨୦ଉପନିର୍ବାଚନରେ ବିଜେଡି ଜିଲ୍ଲା ପରିଷଦ ଅଧକ୍ଷ ପଦବି ହାତେଇ ନେଇଥିବା ୨୦୨୨ନିର୍ବାଚନ ରେ ପୁଣି ଜିଲ୍ଲା ପରିଷଦକୁ ଅକ୍ତିଆର କରିବାକୁ ବିଜେଡି ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇ ଥିବାରୁ ପ୍ରତି ଜୋନକୁ ଫୋକସ କରୁଛି। କୋଲନରା ବ୍ଲକର ଦୁଇ ଆସନ ପାଇଁ ଫେବ୍ରୁଆରି ୨୨ରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ୧୭ଟି ପଂଚାୟତ,୨୨ଟ ଓାର୍ଡର ୪୯ହଜାର ୫୦୯ମତାଦାତା ସେମାନଙ୍କ ମତଦାନ କରିବେ।

# ପୂର୍ବତନ ବିଧାୟକ ବିଜେଡିର ଜିଲ୍ଲା ପରିଷଦ ପ୍ରାର୍ଥୀ



**ଭଦ୍ରକ(ସଂପର୍କବାର୍ତ୍ତା):-** ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ର ପୂର୍ବତନ ବିଧାୟକ ପ୍ରଫୁଲ ଜେନା ଆଜି ବିଜେଡି ରୁ ଜୋନ୍ ରୁ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଶ୍ରୀ ଜେନା ୧୯୯୧ ମସିହାରେ ବିଜୁ ପଟ୍ଟାନାୟକଙ୍କ ସରକାରରେ ଉପ ନିର୍ବାଚନରେ ଜନତା ଦଳରୁ ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀରୁ ପାର୍ଥି ହୋଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ବିଜେଡି ଦଳର ଜଣେ ଶୃଙ୍ଖଳିତ ନେତା ଭାବେ କାର୍ଯ୍ୟ କରୁଥିଲେ। ଗତ ୨୦୨୨ସାଧାରଣ ନିର୍ବାଚନରେ ବିଜେଡିର ବରିଷ୍ଠ ନେତା ସାଂସଦ ଅର୍ଜୁନ ଚରଣ ସେଠୀ ଦଳିୟ ଟିକଟ ନପାଇବାରୁ ସେ ବିଜେଡି ଛାଡି ବିଜେପିରେ ଯୋଗ ଦେଇଥିଲେ। ଶ୍ରୀ ସେଠୀଙ୍କ ସହ ଶ୍ରୀ ଜେନା ମଧ୍ୟ ବିଜେଡି ଛାଡି ବିଜେପିରେ ଯୋଗ ଦେଇଥିଲେ। ପରେ ଶ୍ରୀ ଜେନା ବିଜେଡି କୁ ଫେରି ଆସିଥିଲେ। ଆଜି ସେ ବିଜେଡି ଦଳରୁ ଜୋନ୍ ରୁ ଜି୍ଲ୍ଲାପରିଷଦ ପ୍ରାର୍ଥୀ ଭାବରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ନାଁରେ ୧୦ମାମଲା, ବିଧାୟିକାଙ୍କ ସହ ଆସି ପ୍ରାର୍ଥପତ୍ର ଦାଖଲ କଲେ

**ଛତ୍ରପୁର(ସଂପର୍କବାର୍ତ୍ତା):-** ପଂଚୟତ ନିର୍ବାଚନ ଲାଗି ଗଞ୍ଜାମ ଜିଲ୍ଲାରେ ଗତ ୧୭ତାରିଖଠୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରି ରହିଛି। ହେଲେ ଦୁଇଦିନ ଧରି ଜିଲ୍ଲା ପରିଷଦ ସଭ୍ୟ ପାଇଁ ବିଜେଡିରୁ ଗୋଟିଏ ବି ନାମାଙ୍କନ ପଡି ନଥିଲା ଆଜି ଦଳ ପକ୍ଷର ଖଲ୍ଲିକୋଟ ବ୍ଲକ୍ ୧୧ନମ୍ବର ଜୋନ୍ ଜିଲ୍ଲା ପରିଷଦ ସର୍ଭ୍ୟ ପାଇଁ ସୁଲୁ ସାଇଁ ନାମକ ଜଣେ ଯୁବ ପ୍ରାର୍ଥ ନାମାଙ୍କନ ଦାଖଲ କରିଛନ୍ତି। ହେଲେ ସୁଲୁଙ୍କ ନାମରେ ୧୦ଟି ଫୌଜଦାରୀ ଅପରାଧ ମାମଲା ରହିଥିବା ବେଳେ ଦଳ ତାଙ୍କୁ କେଉଁ ଆଧାରରେ ପ୍ରାର୍ଥ କଲା, ଏହାକୁ ନେଇ ଆଲୋଡନ ସୃଷ୍ଟି ହୋଇଛି। ସୁଲୁଙ୍କ ନାମରେ ଖଲ୍ଲିକୋଟ ଜେଏମ୍ଏଫସି୍ କୋର୍ଟରେ ଜିଆର୍ କେସ୍ ନମ୍ବର ୫୧୨।୧୬, ୫୧୯।୧୬, ୫୭।୧୭, ୨୩୨।୧୭, ୧୧।୧୯, ୧୪।୧୯, ୫୧୬।୧୯, ୧୪୩।୧୭ ଏବଂ ଜିଆର୍ ୨୨୬। ୧୯ଆଦି ବିଚାରାଧୀନ ରହିଛି। ସମସ୍ତ ମାମଲାରେ ୩୪୧, ୨୯୪, ୩୨୩, ୩୨୫, ୩୦୭, ୫୦୬, ୩୪, ୩୫୪ବି, ୩୫୩, ୪୫୨ ଓ ୩୭୯ ଭଳି ଭାରତୀ ପିଙ୍ଗଳ କୋଡର ଅନେକ ଧାରା ଲାଗିଛି। ଆଜି ସୁଲୁ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ଉପସ୍ଥିତି ରେ ରିଟର୍ଣ୍ଣି ଅଫିସରଙ୍କ ଠାରେ ନାମାଙ୍କନ ଦାଖଲ କରିଥିଲେ। ଏହାସହ ତାଙ୍କ ନାଁରେ ବିବାରାଧୀନ ଫୌଜଦାରୀ ଅପରାଧ ମାମଲା ସଂକ୍ରାନ୍ତରେ ଏକ ସତ୍ୟପାଠ ବି ଦାଖଲ କରିଛନ୍ତି।

# କାଳିଆ ସହାୟତାରୁ ଚାଷୀ ବଞ୍ଚିତ ହେଲେ ଦାୟୀ ରହିବେ ଅଧିକାରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆସିଲା ପଂଚାୟତ ନିର୍ବାଚନ, ପୁଣି କାଳିଆର ଗୁରୁତ୍ୱକୁ ମନେ ପକାଇଲେ ସରକାର। କାଳିଆ ସହାୟତାରୁ କୌଣସି ଚାଷୀ ବଂଚିତ ହେଲେ ଦାୟୀ ରହିବେ ଅଧିକାରୀ। ରାଜ୍ୟର ସମୁଦାୟ ୩ଲକ୍ଷ ୫୫ହଜାର ୧୦୭କାଳିଆ ହିତାଧିକାରୀଙ୍କ ଚାଷୀଙ୍କ ଆବେଦନପତ୍ର ଅସମ୍ପୂର୍ଣ୍ଣ ହୋଇ ରହିଛି। ସେମାନଙ୍କୁ କିଛି ପରିମାଣରେ କାଳିଆ ସହାୟତା ମିଳିଥିଲେ ମଧ୍ୟ ତ୍ରୁଟପୂର୍ଣ୍ଣ ଆବେଦନପତ୍ର ଜନୀତ ସମସ୍ୟା ସମାଧାନ କରିବାର ଆବଶ୍ୟକତା ରହିଛି ଡିସେମ୍ବର ୧୮ତାରିଖରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଆୟେଜିତ ବୈଠକରେ ଚାଷୀଙ୍କ ଆକାଉଣ୍ଟର ଅସମ୍ପୂର୍ଣ୍ଣ ସମ୍ପର୍କରେ ଆଲୋଚନା ହୋଇଥିଲା କୃଷି ବିଭାଗର ଜଣେ ଅଧିକାରୀ କହିଛନ୍ତି, ରାଜ୍ୟରେ ୫୩ଲକ୍ଷ ଚାଷୀ କାଳିଆ ଯୋଜନାର ଲାଭ ଉଠାଇଥାଆନ୍ତି। ନିର୍ଦ୍ଧାରିତ ସମୟରେ ପ୍ରତ୍ୟେକ ଚାଷୀଙ୍କ ଆକାଉଣ୍ଟକୁ ସରକାରଙ୍କ ନିର୍ଦ୍ଧାରିତ ୫ହଜାର ଟଙ୍କା ଦିଆଯାଏ

ମାତ୍ର ଅନେକ ଚାଷୀ ଆବେଦନପତ୍ର ଭରିବା ବେଳକୁ ତ୍ରୁଟିପୂର୍ଣ୍ଣ ଆକାଉଣ୍ଟ ନମ୍ବର ଦେଉଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଚାଷୀ ଉପଯୁକ୍ତ ଟଙ୍କା ପାଇବାକୁ ବଂଚିତ ହୁଏ। ପ୍ରାୟ ପ୍ରତ୍ୟେକ ବର୍ଷ ଏହିଭଳି ସମସ୍ୟା ଲାଗି ରହୁଛି। ପ୍ରତି ନିର୍ବାଚନ ବେଳକୁ କାଳିଆ ଯୋଜାନର ଗୁରୁତ୍ୱ ବଢିଯାଏ। ଗତ ନିର୍ବାଚନମାନଙ୍କରେ ଅନେକ ଅଯୋଗ୍ୟ ବ୍ୟକ୍ତିଙ୍କୁ କାଳିଆ ଟଙ୍କା ଦିଆଯାଇ ଥିଲା ପରବର୍ତ୍ତୀ ସମୟରେ ସେମାନଙ୍କ ଠାରୁ ଟଙ୍କା ଫେରାଇ ଅଣାଯାଇ ଥିଲା

# କଟକରେ ଏବେ ବି ଚାଲିଛି ବେଆଇନ୍ ଲିଙ୍ଗ ନିରୂପଣ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

କଟକର ବାଦାମବାଡି, ଫ୍ରେଣ୍ଡସ୍ କଲୋନୀ ଏବଂ ସହରର ଅନ୍ୟ ୪ଟି ସ୍ଥାନରେ ଚାଲିଛି ବେଆଇନ୍ ଲିଙ୍ଗ ନିରୂପଣ କାରବାର। ଏଭଳି ଅଭିଯୋଗ ଗଲା ୧୫ ଦିନ ହେଲା ସ୍ୱାସ୍ଥ୍ୟ ବିଭାଗ ପାଖକୁ ଆସିଥିବା ବେଳେ ଛାନ୍‌ଭିନ୍‌ରୁ

## ମେସିନ୍ ଧରି ଘରେ ଘରେ ପହଞ୍ଚି ଯାଉଛନ୍ତି ଦଲାଲ୍

ମଙ୍ଗଳବାଗ କାଠଗୋଲା ସାହିରେ **'ଆଲ୍‌ଫା ହେଲ୍‌ଥ କେୟାର'**ରେ ବେଆଇନ୍ ଲିଙ୍ଗ ନିରୂପଣ କାରବାର ଧରାପଡିଛି। ଏହି କାରବାରର ଅନ୍ୟଏକ ଦିଗ ବି ଏବେ ସାମ୍ନାକୁ ଆସିଛି। ଅଲ୍‌ଟ୍ରାସାଉଣ୍ଡ୍ ମେସିନ୍ ନେଇ ସିଧା ଘରେ ପହଞ୍ଚି ଯାଉଛନ୍ତି ନକଲି ଡାକ୍ତର ଓ କର୍ମଚାରୀ। କିନ୍ତୁ ସେମାନଙ୍କ ଭୁଲ୍ ରିପୋର୍ଟରେ ଅନେକ ସମୟରେ ମହିଳାମାନେ ଗର୍ଭପାତ କରାଉଥିବା ସଂପର୍କରେ ଜଣାପଡିଛି। ଏ ସଂପର୍କରେ ଅଧିକ ଛାନ୍‌ଭିନ୍ କରାଯାଉଛି ବୋଲି କଟକ ସିଡିଏମ୍‌ଓ ଡାକ୍ତର ସତ୍ୟବ୍ରତ ଛୋଟରାୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଲ୍‌ଟ୍ରାସାଉଣ୍ଡ୍ ମେସିନ୍ କିଣିବା ବା ରଖିବା ପାଇଁ ସ୍ୱତନ୍ତ୍ର ନିୟମ ରହିଛି, ଯାହାର ରେକର୍ଡ ସ୍ୱାସ୍ଥ୍ୟବିଭାଗ ପାଖରେ ନିଶ୍ଚିତ ରହିବ। କିନ୍ତୁ ତା ସତ୍ତ୍ୱେ ଲିଙ୍ଗ ନିରୁପଣ ପଛରେ ଏକ ବଡ ର୍ୟାକେଟ୍



କାମ କରୁଛି। ସେମାନେ ଅନ୍ୟ ନାମରେ ପଞ୍ଜିକରଣ ହେଉଥିବା ଅଲ୍‌ଟ୍ରାସାଉଣ୍ଡ୍‌କୁ ଭଡାରେ ହେଉ ବା କିଣି ନେଇ ଏପରି ବେପାର ଚଳାଉଛନ୍ତି। ପ୍ରି-କନ୍‌ସେପ୍‌ସନ୍ ଆଣ୍ଡ ପ୍ରି-ନାଟାଲ୍ ଡାଇଗ୍ନୋଷ୍ଟିକ୍ ଟେକ୍‌ନିକ୍ ଆକ୍ଟ(ପିସିପିଏନ୍‌ଡିଟି) ଆଇନ୍ ଅନୁମତି ନ ହେଲେ କମ୍ପାନୀ ଅଲ୍‌ଟ୍ରାସାଉଣ୍ଡ୍ ମେସିନ୍ ବିକ୍ରି କରିପାରିବ ନାହିଁ।

ଯଦି ବି ବିକ୍ରି ହୋଇଥିବାର ପ୍ରମାଣ ମିଳେ ତାହେଲେ ସଂପୃକ୍ତ କମ୍ପାନୀ ନାମରେ ମାମଲା ରୁଜୁ ହେବ ଓ କମ୍ପାନୀର କର୍ମଚାରୀ ମଧ୍ୟ ବେଆଇନ୍ ବିକ୍ରି ଅଭିଯୋଗରେ ଗିରଫ ହେବେ। ଏଭଳି ଆଇନ୍‌ରେ ବ୍ୟବସ୍ଥା ଥିବା ବେଳେ ଏହାର ଯାଞ୍ଚ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଦୁଇଟି କମିଟି ରହିଛି। ଗୋଟିଏ ଟାସ୍କଫୋର୍ସ ଓ ଅନ୍ୟଟି ଆଡଭାଇଜର କମିଟି ରହିଛି। ଯେଉଁ କମିଟିରେ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ସିଡିଏମ୍‌ଓ, ଏଡିଏମ୍‌ଓ(ଏଫ୍‌ଡବ୍ଲୁ) ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ୩ଟି ଏନ୍‌ଡିଓର କର୍ମକର୍ତ୍ତା ଏହି କମିଟିରେ ରହିଛନ୍ତି। ତେବେ ସିଡିଏମ୍‌ଓଙ୍କ ସୂଚନା ଅନୁସାରେ ୧୫ଦିନ ତଳେ ବାଦାମବାଡି ଫ୍ରେଣ୍ଡସ୍ କଲୋନୀ ତଥା କିଛି ସ୍ଥାନରେ ବେଆଇନ୍ ଲିଙ୍ଗ ନିରୂପଣ ନେଇ ଏକ ଫୋନ୍ କଲ୍ ଆସିଥିଲା। ତାହାକୁ ଯାଞ୍ଚ କରିବାକୁ ଯାଇ କାଠଗୋଲାର **'ଆଲ୍‌ଫା ହେଲ୍‌ଥ କେୟାର'**ର ଗୁମର ଧରା ପଡିଥିଲା।

# ଭୁବନେଶ୍ୱରରେ ବସ୍ତି ଅପରାଧିଙ୍କ ଆଶ୍ରୟସ୍ଥଳ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ରାଜଧାନୀର ବସ୍ତିଗୁଡିକ ପାଲଟିଛି ଅପରାଧିଙ୍କ ଆଡ୍ଡାସ୍ଥଳ। ପରିଚୟ ଗୋପନ ରଖି ସେମାନେ ଘରଭଡା ନେଉଛନ୍ତି। ଅଧିକ ଭଡା ଦେବା ପ୍ରଲୋଭନ ଦେଖାଇବାରୁ ବସ୍ତିରେ ଘରଭଡା ଦେଉଥିବା ବାସିନ୍ଦାମାନେ ସେମାନଙ୍କୁ ଘର ଦେଉଛନ୍ତି। ସେମାନେ ନିଜର ପରିଚୟ ଲୁଚାଇବାକୁ ଚେଷ୍ଟା କରୁଥିବା ବେଳେ ଅଧିକ ଭଡା ପାଇବା ଲୋଭରେ ଘର ମାଲିକ ମଧ୍ୟ ପରିଚୟ ଖୋଜିନାହିଁ। ରାଜଧାନୀରେ ଅପରାଧ ଘଟାଇ ଅପରାଧୀମାନେ ଫେରାର୍ ହୋଇଯାଉଛନ୍ତି ଓ ମାମଲା ଥଣ୍ଡା ପଡିଲେ ପୁଣି ଆସି ବସ୍ତିରେ ରହୁଛନ୍ତି। ବସ୍ତିରେ ସହଜରେ ଘରଭଡା ମିଳୁଥିବାରୁ ନିଶା ବେପାରିଙ୍କ ଠାରୁ ଆରମ୍ଭ କରି ଲୁଟେରା ଓ ଡକାୟତମାନେ ଆତ୍ମଗୋପନ କରିବାକୁ ମଉକା ପାଉଛନ୍ତି। ଏଣେ କମିଶନରେଟ୍ ପୋଲିସ୍ ବସ୍ତିକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଥିଲେ ବି ଘରଭଡା ଦେଉଥିବା ବସ୍ତିର ପ୍ରଭାବଶାଳୀ ଲୋକମାନଙ୍କ ଯୋଗୁଁ ସେସବୁ ଫଳପ୍ରଦ ହେଉନାହିଁ।

'ପୋଲିସ୍ ବସ୍ତି ମିତ୍ର' ଓ 'ପୋଲିସ୍ ମିତ୍ର' ଭଳି ଯୋଜନା କରିଛି। ବସ୍ତି ପରିବେଶକୁ ସୁସ୍ଥ ଓ ଅପରାଧମୁକ୍ତ କରି ରଖିବା ପାଇଁ କିଛି ସ୍ୱଚ୍ଛାସେବୀ ପୋଲିସ୍‌ଙ୍କୁ ସହଯୋଗ କରିବାକୁ ଅଣ୍ଟା ଭିଡିଛନ୍ତି। କିନ୍ତୁ ବସ୍ତିରେ ବେଆଇନ୍ କାମକୁ ପ୍ରଶ୍ରୟ ଦେଉଥିବା ବ୍ୟକ୍ତିମାନେ ସେମାନଙ୍କୁ ଟାର୍ଗେଟ୍ କରିବା ଦେଖାଯାଉଛି। ବସ୍ତିରେ ଅଧିକ ଜମି ଜବରଦଖଲ କରି ଘରଭଡା ଲଗାଇଥିବା କିଛି ପ୍ରଭାବଶାଳୀ ଲୋକ ସେମାନଙ୍କ କଳାକାର୍ଣ୍ଡାମା



ଧରାପଡିବା ଭୟରେ ଏହି ମିତ୍ରମାନଙ୍କୁ ନାନା ପ୍ରକାର ହଇରାଣ କରୁଛନ୍ତି। ସେମାନଙ୍କ ସ୍ୱାର୍ଥରେ ବାଧା ଉପୁଜିବା ଆଶଙ୍କାରେ ସେମାନେ ମିତ୍ରମାନଙ୍କୁ ବହୁତ ସମୟରେ ପରୋକ୍ଷରେ ଧମକ ଚମକ ଦେଉଛନ୍ତି। ଫଳରେ ବିନା କାରଣରେ ମିତ୍ରମାନେ ଆକ୍ରୋସର ଶୀକାର ହେଉଛନ୍ତି। ପୁଣି ବସ୍ତି ତଥା ପୋଲିସ୍ ମିତ୍ରଙ୍କ ନଜରରୁ ବର୍ତ୍ତିବା ପାଇଁ ଘରଭଡା ଦେଉଥିବା ଅସାଧୁ ଲୋକମାନେ ଭଡାଟିଆଙ୍କୁ ନିଜ ସଂପର୍କୀୟ ବୋଲି କହିବାକୁ ପଛାଉନାହାଁନ୍ତି। ଏମିତିକି ଭଡା ନେଉଥିବା ଅପରାଧି ଫେରାର୍ ରହୁଥିବା ବେଳେ ଘର ଖାଲି ରହୁଥିବା ନେଇ ସେମାନେ ସଂପର୍କୀୟ ବ୍ୟକ୍ତି ବାହାରକୁ ଜରୁରୀ କାମରେ ଯାଇଛନ୍ତି ବୋଲି ସଫେଇ ଦେଉଛନ୍ତି। ତେଣୁ ମିତ୍ରମାନେ ସଠିକ୍ ତଥ୍ୟ ପାଇବାରେ ସମର୍ଥ ହେଉନାହାଁନ୍ତି।

# ସମ୍ପାଦକୀୟ

## ଆତ୍ମ ଚିନ୍ତନ

ରାସ୍ତାରେ ଥକ୍କା ମାରି ଶରୀରଟି ବସି ପଡ଼ିଲା। ଶୂନରୁ ଆରମ୍ଭ ହୋଇଥିବା ଶରୀରକୁ ଆଜି ୮୦ ବର୍ଷ। କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଏହି ଷଡ଼ରିପୁଙ୍କୁ ପଚାରିଲା ଭାଇମାନେ ତୁମକୁ କିପରି ଲାଗୁଛି ? ସେମାନେ ଏକ ସ୍ୱରରେ କହି ଉଠିଲେ ଆମେ ତୁମ ଭିତରେ ଅଛୁ ସତ ହେଲେ ଆମ ମନର ଆଲୋକରେ ଆଲୋକିତ। ମନ ନଥିଲେ ଆମର ତୁମ ଶରୀର ଭିତରେ ଅସ୍ତିତ୍ୱ ନାହିଁ।

ଶରୀର ମନକୁ ପଚାରିଲା ଆଜି କିପରି ଲାଗୁଛି ? ମନ କହି ଉଠିଲା ଭାଇ ଶରୀର ମୁଁ ତ କେତେକ ଚିନ୍ତାର ସମଷ୍ଟି ମାତ୍ର। ମୋର କାମ ଷଡ଼ରିପୁଙ୍କୁ ଆଲୋକିତ କରିବା ଓ କାମନା ଗୁଡ଼ିକୁ ସୃଷ୍ଟି କରିବା ଓ ତାର ପୂରଣ ନିମନ୍ତେ ତୁମକୁ ଖଟାଇବା। ପ୍ରକୃତ ପକ୍ଷେ କହିବାକୁ ଗଲେ ତୁମର ଶରୀରରେ ଥାଇ ମଧ୍ୟ ମୋର ଅସ୍ତିତ୍ୱ ନାହିଁ। ମତେ କେହି ଦେଖିପାରନ୍ତି ନାହିଁ କାରଣ ମୁଁ ବୁଦ୍ଧିର ଆଲୋକରେ ଆଲୋକିତ ମୋର ନିଜର ଆଲୋକ ନାହିଁ।

ଶରୀର ବୁଦ୍ଧିକୁ ପଚାରିଲା ଭାଇ କିପରି ଅଛ ? ବୁଦ୍ଧି କହିଲା କ'ଣ କହିବି ? ମନକୁ ଆଲୋକିତ କରିବାକୁ ଚେଷ୍ଟା କରି ଅନେକ ସମୟରେ ମୁଁ ବିଫଳ ହେଉଛି। କାରଣ ମନ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ପରିଚାଳିତ ହୋଇ ବେଳେ ବେଳେ ମତେ ଉପେକ୍ଷା କରୁଛି। ମୁଁ ତୁମ ଭିତରେ ଅଛି ସତ କିନ୍ତୁ ମତେ ପଚାରେ କିଏ ? ମତେ କେହି ଦେଖି ପାରନ୍ତି ନାହିଁ କାରଣ ମୋର ଅସ୍ତିତ୍ୱ କହିଲେ ବିବେକକୁ ବୁଝାଏ। ବିବେକର ଆଲୋକରେ ମୁଁ ଆଲୋକିତ। ଦେଖୁନ ବୁଦ୍ଧି ଥାଇ ମଧ୍ୟ ଏ ମନ ଶରୀର ଭିତରେ ଇନ୍ଦ୍ରିୟ ମାନଙ୍କ ଦ୍ୱାରା କବଳିତ ହୋଇ କ'ଣ କରୁଛି ? ଛି ମୋ ବୁଦ୍ଧିକୁ। ମୋର ଆଲୋକରେ ମନ ଆଲୋକିତ କିନ୍ତୁ ମୋ ଦ୍ୱାରା ସେ ପରିଚାଳିତ ହେବାକୁ ଚାହୁଁ ନାହିଁ।

**ଅନୀତା ପଟ୍ଟନାୟକ**
*ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ,*
*କଟକ, ଦୂରଭାଷ : ୯୮୬୧୧୧୮୬୭୩*

ଶରୀର ଏଥର ବୁଦ୍ଧି ପାଖରୁ ମୁହଁ ଫେରାଇ ବିବେକକୁ ପଚାରିଲା। ଭାଇ କିପରି ଅଛ ? ଏବେ କେମିତି ଲାଗୁଛି ? ବିବେକ କହି ଉଠିଲା ଭୁଲ ଠିକର ବିବେଚନା କରୁ କରୁ ତୁମ ଶରୀର ଭିତରେ କେବେ ମୁଁ କ୍ଲାନ୍ତି ଅନୁଭବ କରି ନାହିଁ। ହଂସ ପାଣିରୁ କ୍ଷୀରକୁ ଅଲଗା କରି ପିଇବା ପରି ମୁଁ ବୁଦ୍ଧିକୁ ସଦା ସର୍ବଦା ଭଲ ରାସ୍ତାରେ ଯିବା ପାଇଁ ପରିଚାଳିତ କରୁଛି। ହେଲେ ବୁଦ୍ଧି ତାର ଦୁଇ ପ୍ରକାର ଆଚରଣ ଯଥା ନଷ୍ଟ ବୁଦ୍ଧି ଓ ଭଲ ବୁଦ୍ଧି ମନ ପାଖକୁ ପ୍ରେରିତ କରୁଛି। ମନ ଇନ୍ଦ୍ରିୟ ଲାଳସାରେ ପଡ଼ି ଦୁଷ୍ଟବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ଆଜି ତୁମକୁ ଜୀବନର ଅପରାହ୍ନରେ ହାଲିଆ କରି ପକେଇଛି। ତୁମେ ଯେଉଁ ଭାଗବତ ପ୍ରାପ୍ତିର ଉଦ୍ଦେଶ୍ୟନେଇ ଏ ଧରାପୃଷ୍ଠରେ ଅବତରଣ କରିଥିଲ ମନ ତୁମକୁ ପଥଭ୍ରଷ୍ଟ କରିଛି। ତୁମକୁ ଉଦଭ୍ରାନ୍ତ କରିଛି। ତୁମକୁ ସ୍ରଷ୍ଟାଙ୍କ ଆଡ଼କୁ ନମୁହାଁଇ ସୃଷ୍ଟି ଆଡ଼କୁ ମୁହାଁଇ ଦେଇଛି। ଇନ୍ଦ୍ରିୟ ଲାଳସାର ଉପଭୋଗରେ ତୁମେ ଆଜି କ୍ଲାନ୍ତ ଶାନ୍ତ ଏକ ପଥିକ ହେଲେ ମୋର ଏଥିରେ କିଛି ଦୋଷ ନାହିଁ। ମୁଁ ଶରୀର ଭିତରେ ଥାଏ ମତେ କେହି ଦେଖି ପାରନ୍ତି ନାହିଁ କି ପଚାରନ୍ତି ନାହିଁ। ମୋର ନିଜର ଅସ୍ତିତ୍ୱ ବୋଲି କିଛି ନାହିଁ। ମତେ କେବଳ ଅନୁଭବ କରିହୁଏ। କାରଣ ମୁଁ ଆତ୍ମାର ଆଲୋକରେ ଆଲୋକିତ। ମୋର ନିଜର ଆଲୋକ ନାହିଁ।

ଭାଇ ! ଆତ୍ମା ଯଦି ନାହିଁ ତେବେ ବିବେକ ନାହିଁ, ଯଦି ବିବେକ ନାହିଁ ତେବେ ବୁଦ୍ଧି ନାହିଁ, ଯଦି ବୁଦ୍ଧି ନାହିଁ ତେବେ ମନ ନାହିଁ, ଯଦି ମନ ନାହିଁ ତେବେ ଇନ୍ଦ୍ରିୟ ଲାଳସା ନାହିଁ। ଯଦି ସବୁ କିଛି ନାହିଁ ତେବେ ପୃଥିବୀରେ ତୁମର ମଧ୍ୟ କିଛି ପ୍ରୟୋଜନ ନାହିଁ। ଶରୀର ଏଥର ଆତ୍ମା ସହିତ କଥାବାର୍ତ୍ତା କରିବା ପାଇଁ ଚେଷ୍ଟା କଲା। ଆତ୍ମା କହିଉଠିଲା ଭାଇ ଶରୀର ! ମୁଁ ସଦା ଆଲୋକିତ ସଦା ଆନନ୍ଦରେ ପୂର୍ଣ୍ଣ। ମୁଁ ଚିଦାନନ୍ଦ, ହେଲେ ଏ ଶରୀରର ବନ୍ଧନରୁ ମୁକ୍ତ ହୋଇ ପରମାନନ୍ଦରେ ମିଶିବା ପାଇଁ ମୁଁ ସର୍ବଦା ବ୍ୟାକୁଳ। ମୋର ଅନୁରୋଧକୁ ତୁମେ କେବେ ବି କର୍ଣ୍ଣପାତ କରନାହିଁ। ଜୀବନରେ କାଁ ଭାଁ କେତେବେଳେ କେମିତି କୌଣସି ମନ୍ଦିର, ମସଜିଦ, ଗୀର୍ଜାକୁ ମତେ ନେଇଯାଇଥାଅ। ତୁମେ ମୁଁ ଓ ମୁଁ ତୁମେ ଏପରି ଚରମ ଉପଲବ୍ଧିରେ ମତେ ଜୀବନରେ କେବେ ଭଷାଇ ଦେଇନାହଁ। ସବୁବେଳେ ଦ୍ୱୈତ ମନଭାବ ରଖି ମୋର ତୋର କରି ଜୀବନ ସାରା ଆଡ଼େଇ ଆସିଛ। କିନ୍ତୁ କ'ଣ କରିବି ଭାଇ ମୁଁ ଅବିନଶ୍ୱର ମୁଁ ଖଡ଼ଗଦ୍ୱାରା କଟାଯାଇପାରେ ନାହିଁ, ଅଗ୍ନି ଦ୍ୱାରା ଦହନ ହୁଏନାହିଁ, ପବନ ଦ୍ୱାରା ମୁଁ ଶୁଷ୍କ ହୋଇପାରେ ନାହିଁ। ତୁମକୁ ଆଜି ମୁଁ ଛାଡ଼ି ଯାଉଛି କ୍ଷମା କରିଦେବ ବନ୍ଧୁ। ପରମାତ୍ମାଙ୍କ ସହ ମୋର ମିଳନ ପାଇଁ ମୁଁ ଯେଉଁ ବ୍ୟାକୁଳିତ ଥିଲି ସେ ସମୟ ଉପନୀତ।

## ଅନ୍ତଃ ସ୍ୱର

ଜୀବନର ଏକ ଅପରାହ୍ନରେ ବିବେକ ବସି ବସି ଭାବୁଥିଲା ଯେ ବେଳେ ବେଳେ ମଣିଷ ସବୁ ଜାଣି ଶୁଣି ବୁଝି ଅବୁଝା ହୁଏ କାହିଁକି ? ଦିଗ୍‌ବଳୟ ଆଡ଼କୁ ଚାହିଁ ଏହାର ଉତ୍ତର ଖୋଜି ପାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାର ଉତ୍ତର ପାଇ ପାରିନଥିଲା। ଯେପରି କିଏ ଜଣେ କହୁଥିଲା 'ତୁ ସବୁ ଜାଣି ମଧ୍ୟ ହାରି ଯାଇଛୁ। ନିୟତି ତତେ ହରାଇ ଦେଇଛି। ଆର ଜନ୍ମକୁ ଅପେକ୍ଷା କର।' ମନ ତାର ଆନ୍ଦୋଳିତ ହୋଇ ଉଠିଲା। କାହିଁକି ଏପରି ହେବ ମୁଁ ସବୁ ଜାଣି ଶୁଣି ବୁଝି କାହିଁକି ହାରିଯିବି। ବିବେକ ରାମକୃଷ୍ଣଙ୍କର ଜୀବନୀକୁ ଖୋଲି ପଢ଼ି ବସିଲା ଓ ଉପଲବ୍ଧି କଲା ଯେ ରାମକୃଷ୍ଣ ପରମହଂସ ଉପଲବ୍ଧି କରିଥିଲେ ଯେ ଆତ୍ମା ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ। କାୟ, ମନ, ବାକ୍ୟରେ ଏହାକୁ ସେ ପାଳନ କରି ବିବେକାନନ୍ଦଙ୍କୁ ଶିକ୍ଷା ଦେଇଥିଲେ। କିନ୍ତୁ ମୁଁ ମଣିଷ ଦେହରେ ଗୋଡ଼ ବାଜିଗଲେ ବିଷ୍ଣୁ କହୁଛି, ଗରିବ ଲୋକଙ୍କୁ ଅନ୍ନବସ୍ତ୍ର ପ୍ରଦାନ କଲେ ଭଗବାନ ତା ଭିତରେ ଅଛି ବୋଲି କଳ୍ପନା କରିପାରୁଛି କିନ୍ତୁ ସମସ୍ତ ନାରୀ ସମାଜ ମଧ୍ୟରେ ଭଗବାନ ଅଛନ୍ତି ଏହା ମୁଁ କାହିଁକି ହୃଦୟଙ୍ଗମ କରିପାରିଲି ନାହିଁ। ରାମକୃଷ୍ଣ ତାଙ୍କର ପତ୍ନୀଙ୍କୁ ମା'ଭବତାରିଣୀଙ୍କ ରୂପରେ ପୂଜା କରିପାରିଥିଲେ କିନ୍ତୁ ମୁଁ ସବୁ ହୃଦୟଙ୍ଗମ କରି ମଧ୍ୟ ଏହାକୁ ଜୀବନରେ ପାଳନ କରି ପାରିଲିନାହିଁ କାହିଁକି ? ମୁଁ ହାରିଯିବାକୁ ଚାହେଁନା।

ଆଉ ଦିନକର କଥା। ବିବେକ ଅର୍ଥ ଲାଳସାରେ ରାସ୍ତାରେ ଚାଲୁଥିବା ବେଳେ ଶଙ୍କରାଚାର୍ଯ୍ୟଙ୍କର ଶ୍ଳୋକକୁ କେହି ଜଣେ ଆବୃତ୍ତି କରୁଥିବାର ଶୁଣିଲା। ଶ୍ଳୋକଟି ଥିଲା 'ଅର୍ଥଂ ଅନର୍ଥଂ ଭାବାୟ ନିତ୍ୟଂ ନାସ୍ତି ତତଃ ସୁଖଲେଶ ସତ୍ୟଂ। ପୁତ୍ରାଦପି ଧନ ଭର୍ଯ୍ୟାଂ ଭୀତି ସର୍ବଂ ତ୍ରୈଷା ବିହିତାଭୀତି'। ବିବେକ ଏହାକୁ ଶୁଣି ହୃଦୟଙ୍ଗମ କଲା ଅର୍ଥ ସମସ୍ତ ଅନର୍ଥର କାରଣ କିନ୍ତୁ ମନୁଷ୍ୟ ଏହାକୁ ସବୁଦିନ ଜୀବନରେ ଚାହେଁ। ଏଥିରେ ତିଳେମାତ୍ର ସୁଖ ନାହିଁ। ଯାହା ପାଖରେ ଧନଥାଏ ତା ନିକଟରେ ସ୍ତ୍ରୀ, ପୁତ୍ର ଧନ ସବୁବେଳେ ଭୟର କାରଣ ହୋଇଥାନ୍ତି। ବିବେକ ଉପଲବ୍ଧି କଲା ଯେ ଜୀବନରେ ଅତି ପରିମାଣର ଅର୍ଥର ଆବଶ୍ୟକତା ନାହିଁ ଏହା ଚୌର୍ଯ୍ୟଭୟ ସୃଷ୍ଟି କରେ। ମଣିଷର ମୃତ୍ୟୁପରେ ତାର ଗୁପ୍ତଧନ ଅବ୍ୟବହୃତ ହୋଇ ପଥର ସମାନ ପଡ଼ିରହେ ସେଥିପାଇଁ କଥାରେ ଅଛି 'ପୁତ୍ର ନାଦି ଯୋଗ୍ୟ ଧନ କାହିଁ ପାଇଁ ସଞ୍ଚୁ ଓ ପୁତ୍ର ଯଦି ଅଯୋଗ୍ୟ ଧନ କାହିଁ ପାଇଁ ସଞ୍ଚୁ'। ବିବେକ ହୃଦୟଙ୍ଗମ କଲା ମଣିଷ ଖାଦ୍ୟ ଖାଏ ଟଙ୍କା, ସୁନା, ରୂପା ନୁହେଁ ତଥାପି ମୁଁ ଅର୍ଥ ପଛରେ କାହିଁକି ପାଗଳ ପରି ଧାଉଁଛି। ମୁଁ କାମନାର ସୀମାଙ୍କନ କରି ସନ୍ତୁଷ୍ଟ କାହିଁକି ରହିପାରୁ ନାହିଁ। ସବୁ ଜାଣି ଶୁଣି ବୁଝି ମତେ କ'ଣ ଏ ସତ୍ୟ ନିକଟରେ ହାରିଯିବାକୁ ପଡ଼ିବ।

ମହାମାରୀରେ ବିବେକର ସ୍ତ୍ରୀ ଓ ପୁତ୍ରଙ୍କର ମୃତ୍ୟୁ ହୁଏ। ଶ୍ମସାନକୁ ଯିବା ପୂର୍ବରୁ କେହି ଜଣେ କହି ଉଠିଲେ ଆରେ ତା ସ୍ତ୍ରୀ ବେକରୁ ସୁନାହାରଟିକୁ କାଢ଼ି ଆଣି ବିବେକକୁ ଦିଅ। ବିବେକ ନିଶ୍ଚଳ ହୋଇ ଠିଆ ହୋଇଥିବା ସମୟରେ ତାର ସ୍ତ୍ରୀର କାନଫୁଲ, ହାର, ଚୁଡ଼ି ଇତ୍ୟାଦି ଓ ପୁଅର ସୁନାହାର କେହି ଜଣେ ତାର ହାତକୁ ବଢ଼ାଇ ଦେଲେ। ମନବୋଧ ଚଉତିଶା। ବିବେକର ହୃଦୟରେ ଗୁଞ୍ଜରିତ ହେବାକୁ ଲାଗିଲା 'କେତେ ଦିନକୁ ମନ କରିଛୁ ଆଣ୍ଟ। କି ଘେନି ଯିବୁ ତୁହି ଛୁଟିଲେ ଘଟରେ'। ଶ୍ମଶାନରୁ ଘରକୁ ଫେରିବାପରେ ଏଗାର ଦିନ ଘରକୁ ପବିତ୍ର କରିବା ପାଇଁ କେହି ଜଣେ ଆତ୍ମୀୟ ଶଙ୍କରାଚାର୍ଯ୍ୟଙ୍କର ଏକ ଶ୍ଳୋକଟିଏ ଟେପରେ ବାଜୁଥିବା ବିବେକ ଶୁଣିଲା। ଶ୍ଳୋକଟି ଥିଲା କାତେ କାନ୍ତା କଃତେ ପୁତ୍ର ସଂସାର ଅୟଂ ଅତିବ ବିଚିତ୍ର। ଦ୍ୱିତୀୟ ଶିଶୁ ପୁତ୍ରଟିକୁ ଲାଳନ ପାଳନ ନିମନ୍ତେ ପରିବାରର ବାଧ୍ୟବାଧକତାରେ ବିବେକ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ପାଇଁ ବାଧ୍ୟ ହେଲେ ନଚେତ ପତ୍ନୀଙ୍କର ମୃତ୍ୟୁ ପରେ ତାଙ୍କର ସଂସାରକୁ ସମ୍ଭାଳିଥାନ୍ତା କିଏ ? ପୁଣି ବିବେକ ଜାଣି ପାରିଲେ ସେ ଜାଣି ଶୁଣି ବୁଝି ହୃଦୟଙ୍ଗମ କରି ସତ୍ୟ ନିକଟରେ ସେ ହାରି ଯାଇଛନ୍ତି।

ଦିନେ ପୁରୀଯାତ୍ରା ସମୟରେ ପହଡ଼ ଫାଙ୍କରେ କାଳିଆ ଶ୍ରୀମୁଖକୁ ଚାହିଁ ବିବେକ ପଚାରିଥିଲା ପାଖରେ ଥାଇ ମଧ୍ୟ ତୁମେ ଏତେ ଦୂରରେ ପ୍ରତୀୟମାନ ହେଉଛ କାହିଁକି ? ଚାହିଁବା ମାତ୍ରେ ଡାକିବା ମାତ୍ରେ ସଙ୍ଗେ ସଙ୍ଗେ ଉଭା ହେଇପାରୁନ କାହିଁକି ? ତୁମର ଦର୍ଶନାଭିଳାଷୀ ହୋଇ ପାନ୍ଥଶାଳାରେ ଖାଇ ସମୁଦ୍ର କୂଳରେ ବୁଲି ତୁମକୁ ପାଶୋରି ଯିବାକୁ ମୁଁ ଚେଷ୍ଟା କରେ କାହିଁକି ? ଯାହାଙ୍କୁ ଦର୍ଶନ କଲେ ଅନ୍ୟ କିଛି ଦର୍ଶନ କରିବାକୁ ଇଚ୍ଛାହୁଏନାହିଁ ଏକଥା ଶାସ୍ତ୍ରରେ ଲେଖାଥିଲେ ମଧ୍ୟ ଏକଥାକୁ ମୋ ମନ ମାନେନାହିଁ କାହିଁକି ? ସବୁ ଜାଣିଶୁଣି ବୁଝି ମୁଁ କ'ଣ ହାରି ଯାଇଛି ?

ମହୋଦଧି ଆଡ଼କୁ ଚାହିଁ ବିବେକ ଅସୁମାରୀ ତରଙ୍ଗକୁ ଦେଖି ଭାବୁଥିଲା ବେଳେ ଏକ ମୃଦୁ ମୂର୍ଚ୍ଛନା ଶୁଣିବାକୁ ପାଇଲା 'ପ୍ରକୃତ ହୃଦୟରେ ତୁ ଯାହା ଚାହୁଁଛୁ ତୁ ତାକୁ ପାଇବାକୁ ଚେଷ୍ଟିତ ନୁହଁ। ପ୍ରହେଳିକାରେ ପଡ଼ି ଏ ସୃଷ୍ଟିର ସମସ୍ତ ବସ୍ତୁକୁ ଧରି ତୁ ମୋ ନିକଟକୁ ଆସିବାକୁ ଚାହୁଁଛୁ କିନ୍ତୁ ଏହା ସମ୍ଭବ ନୁହେଁ। ତୁ ସମସ୍ତ ଆବିଳତା, ବନ୍ଧନ, କାମନାକୁ ପରିତ୍ୟାଗ କରିଦେ ବିବେକ ତେବେ ତୁ ପ୍ରକୃତରେ ରାମକୃଷ୍ଣ, ଶଙ୍କରାଚାର୍ଯ୍ୟଙ୍କର ତତ୍ତ୍ୱ ଓ ମୋର ପ୍ରକୃତି ଦର୍ଶନ ଲାଭ କରିପାରିବୁ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# କଟକର ଦୁଃଖ : ଆବର୍ଜନା ଜଳ



*ବିପିନ ବିହାରୀ ରାଉତ*
*ଶ୍ରୀବିହାର କଲୋନୀ, କଟକ*

ଅତୀତରେ ସୋମବଂଶୀ ରାଜାମାନେ ପ୍ରତିଷ୍ଠା କରିଥିବା ପଞ୍ଚ କଟକ ମଧ୍ୟରୁ ବାରାଣାସୀ କଟକ ହେଉଛି ଅନ୍ୟତମ । ଅନ୍ୟ ଚାରୋଟି କଟକ ହେଲେ ସାରଙ୍ଗ ଗଡ଼ କଟକ, ଚୌଦ୍ୱାର କଟକ, ଅମରାବତୀ କଟକ ଓ ଯାଜପୁର କଟକ । ଏହି ପାଞ୍ଚୋଟି କଟକକୁ ମିଶାଇ ପ୍ରତିରକ୍ଷାର ଗୋଟିଏ ସୁଦୃଢ଼ ବଳୟ ପ୍ରତିଷ୍ଠା କରାଯାଇଥିଲା । ବାରାଣାସୀ କଟକରେ ରାଜଧାନୀ ନିର୍ମାଣ କରାଯିବା ସହିତ ଅନ୍ୟ କଟକ ଗୁଡ଼ିକ ଗୋଟିଏ ଗୋଟିଏ ସାମରିକ ଦୁର୍ଗ ଭାବରେ ଏହାକୁ ସୁରକ୍ଷା ପ୍ରଦାନ କରୁଥିଲେ । ଏହି ବାରାଣାସୀ କଟକ ହେଉଛି ଆଜିର ଐତିହାସିକ କଟକ । ୯୮୯ ଖ୍ରୀଷ୍ଟାବ୍ଦରେ କେଶରୀ ବଂଶର ରାଜା ନୃପ କେଶରୀ ଏହି ଅଞ୍ଚଳର ଭୌଗୋଳିକ ସ୍ଥିତି ଓ ସାମରିକ ଗୁରୁତ୍ୱକୁ ବିଚାର କରି ଏଠାରେ ରାଜଧାନୀ ପ୍ରତିଷ୍ଠା କରିଥିଲେ ବୋଲି ଐତିହାସିକମାନେ ମତ ପ୍ରଦାନ କରନ୍ତି । ଏହି ଅଞ୍ଚଳକୁ ବନ୍ୟା ପ୍ଲାବନରୁ ରକ୍ଷା କରିବା ପାଇଁ ପଥର ବନ୍ଧ ମଧ୍ୟ ନୃପ କେଶରୀ ନିର୍ମାଣ କରିଥିଲେ । ତେବେ ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେବା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଭିନ୍ନ ଶାସକମାନଙ୍କ ଦ୍ୱାରା ଶାସିତ ହୋଇ ଏହାର କେବଳ ଶାରିରୀକ ଅଭିବୃଦ୍ଧି ଘଟିନାହିଁ, ରାଜ୍ୟର ଅର୍ଥନୈତିକ ପ୍ରାଣ କେନ୍ଦ୍ର ଭାବରେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିଛି ।

ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେବା ପର୍ଯ୍ୟନ୍ତ କଟକରେ କୌଣସି ଆଧୁନିକ ଧରଣର ରାସ୍ତାଘାଟ ନଥିଲା । କେବଳ କେତେଗୁଡ଼ିଏ କଚ୍ଚା ରାସ୍ତା ଓ ଜଳସ୍ରୋତ ଛନ୍ଦା ଛନ୍ଦି ହୋଇରହିଥିଲେ । ନଈରେ ପୋଲ ନଥିଲା କି ନଈ ପାରି ହେବା ପାଇଁ କୌଣସି ବ୍ୟବସ୍ଥା ନଥିଲା । ପୂର୍ବ-ପଶ୍ଚିମ ଦେଇ କାଠଯୋଡ଼ି ପଥର ବନ୍ଧଠାରୁ ଲମ୍ବି ଯାଇଥିବା ବଜ୍ରକବାଟି ରୋଡ଼ ଓ ଉତ୍ତର ଦକ୍ଷିଣ ଦେଇ ରାମଗଡ଼ ଠାରୁ ବଜ୍ରକବାଟି ମଧ୍ୟରେ ଥିବା ମୁଖ୍ୟ ଡ୍ରେନ ହିଁ ସହରରସୀମା ଥିଲା । ମାତ୍ର ୧୮୬୨ ମସିହାରେ ଇଂରେଜମାନଙ୍କ ଦ୍ୱାରା ଇଷ୍ଟଇଣ୍ଡିଆ ଇରିଗେସନ୍ କମ୍ପାନୀ ପ୍ରତିଷ୍ଠା ଓ ୧୯୧୯ରେ ବେଙ୍ଗଲ-ନାଗପୁର ରେଲୱେ ପ୍ରତିଷ୍ଠା ହେବା ପରେ କଟକ ସହରର କଳେବର ବୃଦ୍ଧି ପାଇ ଆଜିର ସ୍ଥିତିରେ ଏହା ପହଞ୍ଚିଛି । ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ମହାନଦୀ ଓ କାଠଯୋଡ଼ି ନଦୀ ଦୁଇଟି ଦ୍ୱାରା ଗଠିତ ଏକ ତ୍ରିକୋଣାକାର ଭୂମି ଉପରେ ଏହାର ସ୍ଥିତି । ବାମପଟେ ରହିଛି ମହାନଦୀ ଓ ଦକ୍ଷିଣ ପଟେ ରହିଛି କାଠଯୋଡ଼ି । ଏହାରି ମଧ୍ୟରେ ଏକ ଚଟକା କଡ଼େଇ ସଦୃଶ ରହିଛି କଟକ ସହର । ମଝିଅଂଶଟି ଖାଲୁଆଡ଼ଓ ନଦୀ ଶଯ୍ୟା ପର୍ଯ୍ୟନ୍ତ ଏହା କ୍ରମଶଃ ଉଚ୍ଚ ହୋଇ ହୋଇ ଯାଇଛି । ଏଥିଯୋଗୁଁ ବର୍ଷା ଦିନେ ଜଳ ନିଷ୍କାସନ ଏହାର ଏକ ପ୍ରଧାନ ସମସ୍ୟା । ମାତ୍ର ସହରବାସୀଙ୍କର ଏହି ଦୁଃଖ ଦୂର କରିବା ଲାଗି ଆଜିଯାଏ କଟକରେ କୌଣସି ନେତା ଜନ୍ମ ଗ୍ରହଣ ନକରିବା ହେଉଛି ଏକ ବିଡ଼ମ୍ବନା । କଟକର ନର୍ଦ୍ଦମା ଜଳ ମହାନଦୀ ଓ କାଠଯୋଡ଼ିକୁ ନିଷ୍କାସିତ ହୁଏ । ମାତ୍ର ବର୍ଷା ଦିନେ ଯେତେବେଳେ ଏହି ନଦୀ ଦୁଇଟି ବନ୍ୟା ଜଳରେ ପୂର୍ଣ୍ଣ ହୋଇଯାଏ, ସେତେବେଳେ କଟକବାସୀଙ୍କ ଦୁଃଖ କହିଲେ ନସରେ । ଏହି ସମସ୍ୟାକୁ ଦୂର କରିବା ପାଇଁ ଯେଉଁ ଯୋଜନାବଦ୍ଧ ଉଦ୍ୟମ ସରକାରଙ୍କ ପ୍ରଶାସନିକ ବିଭାଗ ହାତକୁ ନେଇ ଅନେକ ପ୍ରକଳ୍ପ କାର୍ଯ୍ୟକ୍ରମ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି।

କଟକ ସହରରୁ ନର୍ଦ୍ଦମା ଜଳର ନିଷ୍କାସନ ପାଇଁ ଅନେକଗୁଡ଼ିଏ ଡ୍ରେନ୍ ନିର୍ମାଣ କରାଯାଇଛି । କାଠଯୋଡ଼ି, ମହାନଦୀ ଓ ତାଳଦଣ୍ଡା କେନାଲ ଭିତ୍ତିରେ ସେଗୁଡ଼ିକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଏ । କଟକ ସହରରେ ରହିଥିବା ଦୁଇଟି ମୁଖ୍ୟ ଡ୍ରେନ୍ ମଧ୍ୟରୁ ଗୋଟିଏ ତୁଳସୀପୁରରୁ ଆରମ୍ଭ ହୋଇ ସୂତାହାଟ, ପଟ୍ଟାପୋଲ, ରାଉସାପାଟଣା, ବଜ୍ରକବାଟି ଓ ଛତ୍ରବଜାର ଦେଇ ମଉଗଜପୁର ଠାରେ କାଠଯୋଡ଼ିରେ ମିଶିଛି । ସହରର ବିଭିନ୍ନ ସ୍ଥାନରେ ଅନେକଗୁଡ଼ିଏ ଶାଖା ଡ୍ରେନ ନିର୍ମାଣ କରାଯାଇ ଏହି ମୁଖ୍ୟ ଡ୍ରେନ୍ ସହିତ ସଂଯୁକ୍ତ ହୋଇଛି । ମହାନଦୀ ଓ କାଠଯୋଡ଼ି ମଧ୍ୟରେ ଥିବା ପୁରା ସହରର ଆବର୍ଜନା ଓ ବର୍ଷା ଜଳ ଏହି ଡ୍ରେନ୍ ଦେଇ ନିଷ୍କାସିତ ହୋଇଥାଏ । ଆଉ ଗୋଟିଏ ମୁଖ୍ୟ ଡ୍ରେନ୍ ଓଏମ୍‌ପି ଛକ ନିକଟରୁ ବାହାରି ବିଦ୍ୟାଧରପୁର ଓ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଦେଇ ଗୁଲୁଗୁଲି ଠାରେ ମହାନଦୀରେ ମିଶିଛି । ମହାନଦୀ ଓ ତାଳଦଣ୍ଡା କେନାଲର ବାମ ଭାଗରେ ଥିବା ଅଞ୍ଚଳଗୁଡ଼ିକର ଉଦ୍‌ବୃତ୍ତ ଜଳ ଏହି ଡ୍ରେନ୍ ମଧ୍ୟରେ ଯାଇ ମହାନଦୀକୁ ନିଷ୍କାସିତ ହୁଏ । ଏହି ଡ୍ରେନ୍ ଦୁଇଟି ବ୍ୟତୀତ କଟକ ବଡ଼ମେଡ଼ିକାଲ ଓ ଏହି ଅଞ୍ଚଳର ବର୍ଷା ସାଙ୍ଗକୁ ଆବର୍ଜନା ଜଳ ତାଳଦଣ୍ଡା କେନାଲକୁ ନିଷ୍କାସିତ ହୁଏ । କଲେଜଛକ ରୋଡ଼, କଟକ-ପାରାଦ୍ୱୀପ ରାସ୍ତା ଓ ତାଳଦଣ୍ଡା କେନାଲର ବାମ ପାର୍ଶ୍ୱରେ ଥିବା ଅଞ୍ଚଳଗୁଡ଼ିକର ଜଳ ମଧ୍ୟ ଏହି କେନାଲକୁ ନିଷ୍କାସିତ ହୁଏ । ଏ ସବୁ ସତ୍ତ୍ୱେ ବର୍ଷା ଦିନେ ଉଦ୍‌ବୃତ୍ତ ଜଳର ପରିମାଣ ଏତେ ଅଧିକ ହୁଏ ଯେ ସେଗୁଡ଼ିକର ନିଷ୍କାସନ ପାଇଁ ଏହି ଡ୍ରେନ୍ ଗୁଡ଼ିକ ପର୍ଯ୍ୟାପ୍ତ ହୁଏ ନାହିଁ । ତେଣୁ ନର୍ଦ୍ଦମା ଜଳ ସହିତ ବର୍ଷା ଜଳ ଏକାକାର ହୋଇ ନିମ୍ନାଞ୍ଚଳରେ ଥିବା ବାସଗୃହ ମାନଙ୍କରେ ପ୍ରବେଶ କରିନାହିଁ ନଥିବା ସମସ୍ୟା ସୃଷ୍ଟିକରେ ।

ଏ ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଇଂ.ଏମଏଲଜେ ଯାଚକ ଅତୀତରେ ଯେଉଁ କେତେ ଗୁଡ଼ିଏ ପ୍ରସ୍ତାବ ଦେଇଥିଲେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ସେ ତାଙ୍କର ପ୍ରଥମ ପ୍ରସ୍ତାବରେ ଡ୍ରେନଗୁଡ଼ିକରୁ ପ୍ରତିବନ୍ଧକ ହଟାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଆଉ କେତେଗୁଡ଼ିଏ ସଂଯୋଗକାରୀ ଡ୍ରେନ୍ ନିର୍ମାଣ କରାଯିବା ସହିତ ମୁଖ୍ୟ ଡ୍ରେନ୍‌ଗୁଡ଼ିକ ଯେପରି ସର୍ବାଧିକ ଜଳ ନିଷ୍କାସନ କରିପାରିବେ, ସେଥିଲାଗି କାଠଯୋଡ଼ି, ମହାନଦୀ ଓ ତାଳଦଣ୍ଡା କେନାଲରେ ଆହୁରି କେତେଗୁଡ଼ିଏ ସ୍ଲୁଇସ୍ ନିର୍ମାଣ କରିବା ପାଇଁ ମଧ୍ୟ ସେ ପ୍ରସ୍ତାବ ଦେଇଛନ୍ତି । ନିମ୍ନ ଓ ଆବଦ୍ଧାଞ୍ଚଳରୁ ଜଳ ନିଷ୍କାସନ ପାଇଁ ପମ୍ପି ବ୍ୟବସ୍ଥା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି । ଏ ସମସ୍ତ ପ୍ରସ୍ତାବ ସାଙ୍ଗକୁ ବନ୍ୟା ସମୟରେ ନଦୀ ଜଳସ୍ତର ଓ ବର୍ଷାଜଳର ସ୍ତର ସଂପର୍କରେ ଗଭୀର ଅନୁଶୀଳନ କରାଯାଇ ପଦକ୍ଷେପ ନିଆଯିବା ଆବଶ୍ୟକ । ଡ୍ରେନେଜ୍ ବ୍ୟବସ୍ଥାର ବିକାଶ କ୍ଷେତ୍ରରେ ଇଂଯାଚକ ଚାରୋଟି ପର୍ଯ୍ୟାୟର ସୂଚନା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଡ୍ରେନ୍‌ରୁ ପଙ୍କୋଦ୍ଧାର କରାଯିବା ସହିତ ରାଜାବଗିଚା ସୁଇପର କଲୋନି ନିକଟରେ ଗୋଟିଏ ସଂଯୋଗ ଡ୍ରେନ୍ ନିର୍ମାଣ କରାଯାଇ ଏହି ସ୍ଥାନରେ କାଠଯୋଡ଼ିକୁ ଜଳ ନିଷ୍କାସନ ପାଇଁ ପମ୍ପ ହାଉସ୍ ନିର୍ମାଣ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ସୂତାହାଟ ଠାରୁ ଛତ୍ରବଜାର ରେଲୱେ କ୍ରସିଂ ପର୍ଯ୍ୟନ୍ତ ମୁଖ୍ୟ ଡ୍ରେନ୍‌ର ପ୍ରାୟ ସାଢ଼େ ଚାରି କିମି ଅଂଶରପୁନର୍ବିନ୍ୟାସ ଓ ପୁନର୍ନିର୍ମାଣ କରାଯିବା ସହିତ ତୁଳସୀପୁର, ପଠାଣ ସାହି, ଇଦ୍‌ଗାଓ ହାଡ଼ଗାଡ଼ିଆ ଆଦି ଅଞ୍ଚଳର ଜଳରାଶିକୁ ନିକଟବର୍ତ୍ତୀ ନଦୀପମ୍ପ ଯୋଗେ ନିଷ୍କାସନ କରାଯିବାର ବ୍ୟବସ୍ଥା କରାଯିବା ଆବଶ୍ୟକ । ତୃତୀୟ ପର୍ଯ୍ୟାୟରେ ଗୁଲୁଗୁଲି କାଳିଆବୁଦା ଓ ତାଳଦଣ୍ଡା କେନାଲର ସ୍ଲୁଇସ୍ ଗୁଡ଼ିକର ପୁନର୍ବିନ୍ୟାସ କରାଯିବା ଆବଶ୍ୟକ । ଚତୁର୍ଥରେ ଚୂଡ଼ାନ୍ତ ପର୍ଯ୍ୟାୟର ଜଳ ନିଷ୍କାସନ ପାଇଁ ମଉଗଜପୁର ଠାରେ ଥିବା ସ୍ଲୁଇସ୍ ଗେଟର ପୁନର୍ବିନ୍ୟାସ କରାଯାଇ ସୁଦୃଢ଼ ପମ୍ପିଂ ବ୍ୟବସ୍ଥାର ପ୍ରବର୍ତ୍ତନ କରାଯିବା ଆବଶ୍ୟକ । ଓଡ଼ିଶାର ଲୋକପ୍ରିୟ ତଥା କଟକରେ ଜନ୍ମଗ୍ରହଣ କରିଥିବାରୁ ଜଣେ ଗୌରବାମହ କଟକିଆ ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହୋଦୟ ବିଶ୍ୱସ୍ତରୀୟ କ୍ଷେତ୍ରରେ କଟକ ବଡ଼ଡାକ୍ତରଖାନା ସହିତ କଟକର ସାମଗ୍ରୀକ ବିକାଶ ପାଇଁ ଯେଉଁ କଲ୍ୟାଣମୁଖୀ ଯୋଜନା ତାହା ଏହି ପିଢ଼ି ଠାରୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ଉପକୃତ ହୋଇପାରିବେ। ତେବେ ସବୁକ୍ଷେତ୍ରରେ ପ୍ରଶାସନକୁ ଉତ୍ତରଦାୟୀ କଲେ ଚଳିବ ନାହିଁ ଏ କ୍ଷେତ୍ରରେ ଆମପରି ସମସ୍ତ ଜନସାଧାରଣଙ୍କ ଉତ୍ସର୍ଗୀକୃତ ଓ ଦୂରଦୃଷ୍ଟି ସମ୍ପନ୍ନ ସହଯୋଗ ଲୋଡ଼ା।

# ସେବା ଓ ସମର୍ପଣର ପ୍ରତୀକ : ଶାନ୍ତି ଦେବୀ



**ଡ଼ଃ.ଅରୁନ୍ଧତୀ ଦେବୀ**
**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,**
**କଟକ, ଦୂରଭାଷ : ୯୯୩୭୧୭୨୮୧୦**

ଆଜିର ବ୍ୟସ୍ତବହୁଳ ଓ ସ୍ୱାର୍ଥ ସର୍ବସ୍ୱ ସମାଜରେ ଆମ ଗହଣରେ ଏପରି ବିରଳ କୃତବିଦ୍ୟ ଓ ଉତ୍ସର୍ଗୀକୃତ ଜନସେବୀ ଅଛନ୍ତି ଯେଉଁମାନଙ୍କ ତ୍ୟାଗ, ସେବା ଓ ସମର୍ପଣର ପଟ୍ଟାନ୍ତର ନାହିଁ। ନିଜ ଘର ପରିବାରର ସୁଖ ସ୍ୱାଚ୍ଛନ୍ଦ୍ୟ ସବୁ କିଛିକୁ ଛାଡ଼ି ସମାଜ ସେବା ପାଇଁ ନିଜ ଜୀବନକୁ ବ୍ରତ ଭାବେ ଗ୍ରହଣ କରିଥାନ୍ତି। ଗଣମାଧ୍ୟମର ଉହାଡରେ ନିଜକୁ ପ୍ରଚାର ପ୍ରସାର ଠାରୁ ସେମାନେ ଢ଼େର ଦୂରରେ ରଖନ୍ତି। ନିରଳସ ଜନସେବା, ନିଃସ୍ୱାର୍ଥପର ସେବା ଏବଂ ନିଷ୍ପାପର ସାଧନାର ଅନ୍ୟ ନାଁ ଥିଲେ ପ୍ରଦ୍ମଶ୍ରୀ ଶାନ୍ତିଦେବୀ। ଅନାଥ ଏବଂ ଆଦିବାସୀ ପିଲାଙ୍କ ପାଇଁ ସେଥିଲେ 'ବୋଉ'। ସେମାନଙ୍କୁ ମାଆ ଭଳି ସ୍ନେହ କରୁଥିଲେ। ପାଠପଢ଼ାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଅହରହ ଅକ୍ଲାନ୍ତ ଉଦ୍ୟମ କରୁଥିଲେ। ସେମାନଙ୍କ ଅସହାୟ ହାତଧରି ଆଗକୁ ବାଟ କଢ଼େଇ ନେଉଥିଲେ। ଦୀର୍ଘ ୭ ଦଶନ୍ଧି ଧରି ଯିଏ ଲଢ଼େଇ କରୁଥିଲେ କୁସଂସାର ବିରୋଧରେ। ମଦ ବିରୋଧୀ ଅଭିଯାନରେ ନିଜ ସ୍ୱରକୁ ଶାଣିତ କରିଥିଲେ। ଆଉ ଭୂଦାନ ଆନ୍ଦୋଳନରେ ଜଣେ ନାରୀ ନେତ୍ରୀ ଭାବେ ସବୁବେଳେ ଆଗରେ ଠିଆ ହେଉଥିଲେ। ଯୌବନରେ ପାଦ ଦେବା ଆଗରୁ ଯିଏ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ଆଉ ତମାମ ଜୀବନ ବାପୁ ଏବଂ ବିନୋବାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ। ନିଃସ୍ୱାର୍ଥପର ସେବା ପାଇଁ ତାଙ୍କୁ ମିଳିଥିଲା ଅନେକ ସମ୍ମାନ ଓ ସ୍ୱୀକୃତି। ୮୭ ବର୍ଷ ବୟସରେ ଭାରତ ସରକାର ତାଙ୍କୁ 'ପଦ୍ମଶ୍ରୀ' ଉପାଧି ପ୍ରଦାନ କରିଥିଲେ।

ସମାଜ ସେବା ଡଃ ରତନ ଦାସ ଓ ପତ୍ନୀ ଶାନ୍ତିଦେବୀଙ୍କ ମିଳିତ ଉଦ୍ୟମରେ ପ୍ରତିଷ୍ଠା ହୋଇଥିଲା ସେବା ସମାଜ। ଦୀର୍ଘ ୭ ଦଶନ୍ଧି ଧରି ଏହି ଅନୁଷ୍ଠାନ ନିରବଚ୍ଛିନ୍ନ ଭାବେ ଅନାଥ ପିଲାଙ୍କ ସେବା କରି ଆସୁଛି। ତାଙ୍କ ଅବର୍ତ୍ତମାନରେ ଆଶ୍ରମ ଭିତରେ ଥିବା ଏସବୁ ଫଟୋ ବଖାଣୁଥିଲା ତାଙ୍କ ନିଃସ୍ୱାର୍ଥପର ସେବା, ସହାନୁଭୂତି ଓ ଶ୍ରଦ୍ଧାର ସଫଳ କାହାଣୀ। ଜୀବନର ଲମ୍ବା ଯାତ୍ରା ପରେ ଆତ୍ମଜୀବନୀ ଲେଖିବା ଆରମ୍ଭ କରିଥିଲେ ଶାନ୍ତି ଦେବୀ। ୧୭ ବର୍ଷ ପାରି କରି କିଭଳି ପରିସ୍ଥିତିରେ ସେବା କାର୍ଯ୍ୟକୁ ଆପଣାଇ ଥିଲେ, ସେତିକି ହିଁ ଲେଖିଥିଲେ। ଆଖି ବୁଜିଦେବା ପରେ ଅଧାରେ ଅଟକି ଯାଇଛି ତାଙ୍କ ଆତ୍ମଜୀବନୀ।

୧୯୩୮ ମସିହାରେ ବାଲେଶ୍ୱର ଜିଲ୍ଲା ଗୋପାଳ ଗାଁର ଏକ ସର୍ବୋଦୟ ପରିବାରରେ ଜନ୍ମ ନେଇଥିଲେ ଶାନ୍ତି ଦେବୀ। ପିତା ଥିଲେ ରାଜେନ୍ଦ୍ର ମୋହନ ଦାସ ଓ ମାତା ଥିଲେ ନେତ୍ରମଣୀ ଦେବୀ। ଇଣ୍ଟର ମିଡ଼ିଏଟ ପାସ କଲା ପରେ ସମାଜସେବୀ ଡ.ରତ୍ନ ଦାସଙ୍କ ହାତ ଧରିଥିଲେ। ୧୯୫୫-୫୬ ମସିହାରେ ଆଚାର୍ଯ୍ୟ ବିନୋବା ଭାବେଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ସେବେଠୁ ଆରମ୍ଭ ହୋଇଥିଲା ସେବା କାର୍ଯ୍ୟ। ନିରବଚ୍ଛିନ୍ନ ଭାବେ ନାରୀ ଶିକ୍ଷା, ଭୂଦାନ ଆନ୍ଦୋଳନ, ଅନାଥ ଝିଅଙ୍କୁ ଶିକ୍ଷାଦାନ ତଥା ଅବହେଳିତ ଏବଂ ନିଷ୍ପେସିତଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ଗଣତାନ୍ତ୍ରିକ ପଦ୍ଧତିରେ ସମାଧାନ କରି ଅଗଣିତ ମଣିଷଙ୍କ ହୃଦୟ ଜିଣି ପାରିଥିଲେ ଶାନ୍ତିଦେବୀ। ୬୦ ଦଶକର ଅବିଭକ୍ତ କୋରାପୁଟ ଜିଲ୍ଲା। ରାସ୍ତାଘାଟ ସୁବିଧା ନଥାଏ। ତଥାପି ଲୋକଙ୍କୁ ସେବା ଯୋଗାଇବା ଲାଗି ସ୍ୱାମୀଙ୍କ ସହ ଶାନ୍ତିଦେବୀଙ୍କୁ ଚାଲିବାକୁ ପଡୁଥିଲା ଶହ ଶହ କିମକି ଦୁର୍ଗମ ପଥ। ୩ ଦଶନ୍ଧି ତଳେ ଚିର ଅବହେଳିତ ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର ଅଞ୍ଚଳକୁ ନିଜର କର୍ମଭୂମି ଭାବେ ବାଛି ନେଇଥିଲେ ସେ। ୧୯୬୪ ମସିହା। ରାୟଗଡ଼ାରେ ପ୍ରଥମ କରି ସେବା ସମାଜ ପ୍ରତିଷ୍ଠାନ ଗଢ଼ିଥିଲେ ଶାନ୍ତିଦେବୀ ଓ ତାଙ୍କ ସ୍ୱାମୀ ରତନ ବାବୁ। ଅନାଥ ଝିଅଙ୍କୁ ଶିକ୍ଷାଦାନ କରିବା ଥିଲା ଏହାର ମୂଳ ଲକ୍ଷ୍ୟ। ପରବର୍ତ୍ତି ସମୟରେ ଗୁଣପୁର ଏବଂ ଜବରଗୁଡ଼ାରେ ଖୋଲିଥିଲେ ସେବା ସମାଜର ଆଉ ଦୁଇଟି ଶାଖା ଏବଂ ଗୁଣୁପୁରର ଲିମାମଡ଼ାରେ ଏକ ଏଜୁକେସନାଲ କମ୍ପ୍ଲେକ୍ସ। ଏ ଭିତରେ ଏସବୁ ପ୍ରତିଷ୍ଠାନ ଗଢ଼ି ସାରିଲାଣି ହଜାର ହଜାର ଶିକ୍ଷିତ ମଣିଷ।

ସମାଜ ସେବା ପାଇଁ ଅନେକ କଷ୍ଟ ସ୍ୱୀକାର କରିଥିଲେ ଶାନ୍ତିଦେବୀ। ନବଜୀବନ ମଣ୍ଡଳରେ କାମ କରି ମାସିକ ୬୦ ଟଙ୍କା ପାଉଥିଲେ। ସ୍ୱାମୀ ରତନ ବାବୁ ଖଦି ମଣ୍ଡଳରେ କାମ କରି ପାଉଥିଲେ ୭୦ ଟଙ୍କା। ନିଜେ ଚଳିବା ପରେ ବଳକା ଅର୍ଥକୁ ଲଗାଉଥିଲେ ସେବାକାର୍ଯ୍ୟରେ। ପଦ୍ମଶ୍ରୀ ପାଇବା ପରେ ଶାନ୍ତିଦେବୀ କହିଥିଲେ ସପ୍ନ ତ ଅନେକ ରହିଛି। ଭୂମିହୀନଙ୍କ ପାଇଁ ଅଧିକ କାମ କରିବାର ଅଛି। ନିଶା ନିବାରଣ ଏବଂ ଶିକ୍ଷାଦାନ ଦିଗରେ କାମ ବାକି ରହିଛି। ସମସ୍ତେ ଯେମିତି ଶିକ୍ଷିତ ହେବେ ସେଥିପାଇଁ କାର୍ଯ୍ୟ କରିବାର ଅଛି। କିନ୍ତୁ ବୟସ ସରି ସରି ଆସୁଛି। ଯେଉଁଦିନ ପୂରିଯିବ, ଚାଲିଯିବେ। ଏହି ଲେଖିକା ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଅନେକ କାର୍ଯ୍ୟକ୍ରମରେ ଏହି ମହୀୟସୀ ପ୍ରତିଭାଙ୍କ ସଂସ୍ପର୍ଶରେ ଆସିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ତାଙ୍କ ଠାରୁ ପାଇଛନ୍ତି। ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସେ ଥିଲେ ଜଣେ ମାର୍ଗଦର୍ଶିକା, ଶୁଭେଚ୍ଛୁ ଓ ଅତି ଆପଣାର ମଣିଷ। ପୂଜ୍ୟଶ୍ରୀ କୁମାର ଭାଇଙ୍କ ପାଖରେ ପ୍ରାର୍ଥନା କରୁଛି ତାଙ୍କର ଅମର ଆତ୍ମାର ସଦ୍‌ଗତି ହେଉ। ତାଙ୍କର ପରିବାରକୁ ଦୁଃଖ, କଷ୍ଟ, ଝଡ଼ ସହିବାକୁ ଶକ୍ତି ଦିଅନ୍ତୁ। ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ପାଇଁ ଶ୍ରଦ୍ଧା ସୁମନ ଅର୍ପଣ କରୁଛି।

# ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ

**ଶିକ୍ଷାବିତ୍ ରାଜକିଶୋର ମିଶ୍ର**
*ପୂର୍ବତନ ସଂପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ,*
*କଳାବିକାଶ କେନ୍ଦ୍ର ମାର୍ଗ, କଟକ,*
*ଦୂରଭାଷ : ୭୦୦୮୧୮୧୮୨୦*

ଜ୍ୟେଷ୍ଠ ପାଣ୍ଡବ ଧର୍ମଜ ନିଜ ଜୀବନରେ ଯେଉଁ ଆଦର୍ଶ ଅନୁସରଣ କରିଥିଲେ, ସେହି ଆଦର୍ଶର ପ୍ରବର୍ତ୍ତନ ଆଜି ଅଧିକ ଜରୁରୀ ହୋଇ ପଡ଼ିଛି। ଦିନେ କୃଷ୍ଣ ତାଙ୍କୁ ପଚାରିଲେ ତାଙ୍କ ଭାଇମାନେ କେଉଁଠି ଅଛନ୍ତି। ସେ ଉତ୍ତର ଦେଲେ, 'କେତେ ଜଣ ହସ୍ତିନାରେ, ଆଉ କେତେ ଜଣ ଜଙ୍ଗଲରେ ଅଛନ୍ତି।' କୃଷ୍ଣ ଆଶ୍ଚର୍ଯ୍ୟ ହୋଇ କହିଲେ, 'ଧର୍ମଜ, ତୁମ ମୁଣ୍ଡ ଠିକ୍ ଅଛି ତ ? ତୁମେ ପାଞ୍ଚ ଭାଇଯାକ ତ ଏଠାରେ ଅଛ, ଆଉ ହସ୍ତିନାପୁରରେ ରହିଲା କିଏ ?' ଯୁଧିଷ୍ଠିର ଉତ୍ତର ଦେଲେ, 'ପ୍ରଭୁ, କ୍ଷମା କରିବେ, ଆମେ ତ ସମୁଦାୟ ୧୦୫ ଭାଇ।' କୃଷ୍ଣ କିଛି ନ ବୁଝିବାର ଛଳନା କରି ପାଣ୍ଡବ ପାଞ୍ଚ ଭାଇଙ୍କ ନାମ ହାତରେ ଗଣି ଆଉ ଶହେ କାହିଁକି ମଶାଉଛ ବୋଲି ପଚାରିଲେ। ଧର୍ମଜ ଉତ୍ତର ଦେଲେ, 'ମୋ ବାପାଙ୍କର ପାଞ୍ଚ ପୁଅ, ଆଉ ତାଙ୍କ ଭାଇ ଧୃତରାଷ୍ଟ୍ରଙ୍କର ଶହେ ପୁଅ। ଆମେ ଯେବେ ପରସ୍ପର ସହ ଯୁଦ୍ଧ କରିବୁ, ଆମେ ପାଞ୍ଚ ଓ ସେମାନେ ଶହେ। ମାତ୍ର ନ ଲଢ଼ିବା ଯାଏ ଆମେ ଶହେ ପାଞ୍ଚ ଭାଇ।'

ଯେତେବେଳେ ବିଦ୍ୱେଷ ଓ ଲୋଭ ଲଢ଼ିବାରେ ପରିଣତ ହୁଏ, ସେତେବେଳେ ଭ୍ରାତୃତ୍ୱ ଭାଙ୍ଗିଯାଏ, ଆଉ ହୃଦୟମାନ ପରସ୍ପର ଠାରୁ ଦୂରେଇ ଯାଏ। ଆଜି ପ୍ରତ୍ୟେକ କ୍ଷେତ୍ରରେ କ୍ରୋଧ, ଈର୍ଷା, କଳହ ବଢ଼ିବାରେ ଲାଗିଛି। ବିଦ୍ୟାର୍ଥୀମାନେ ନିଜ ନିଜ ହୃଦୟରୁ ଏସବୁ ଦୁର୍ବାସନାଗୁଡ଼ିକର ମୂଳୋତ୍ପାଟନ କରିବାକୁ ହେବ। ଏସବୁ ଦୋଷ ଦୁର୍ବଳତାର ମୂଳକାରଣ ମମକାର, ଆମର କ୍ଷୁଦ୍ର ମୁଁ-କାରଟିକୁ ଯେ କୌଣସି ପ୍ରକାରେ ତୁଷ୍ଟ କରିବାକୁ ହେବ, ଏହି ବିଶ୍ୱାସ। ହିଂସ୍ର ଜନ୍ତୁମାନଙ୍କୁ ସେମାନଙ୍କ ବାସସ୍ଥାନ ଅରଣ୍ୟରେ ଦେଖିବାକୁ ମୋତେ ଭାରି ଆନନ୍ଦ ଲାଗେ। ସେମାନଙ୍କର ବିଚରଣ, ସମଜାତୀୟ ଜନ୍ତୁ ମାନଙ୍କ ମଧ୍ୟରେ ବନ୍ଧୁତା, ସେମାନଙ୍କର ମୁକ୍ତ ନିଃଶଙ୍କ ଜୀବନ ଦେଖିବାକୁ ଭାରି ଭଲ ଲାଗେ। ସେମାନେ ଅନ୍ୟ ଜନ୍ତୁମାନଙ୍କ ସ୍ୱାସ୍ଥ୍ୟ ଓ ସୁଖ ଦେଖିଲେ ଈର୍ଷା କରନ୍ତି ନାହିଁ। ଅନ୍ୟ ଜନ୍ତୁମାନଙ୍କର ସୌଭାଗ୍ୟ ସହ ନିଜକୁ ତୁଳନା କରି ସେମାନେ କାତର ହୁଅନ୍ତି ନାହିଁ। ଖ୍ୟାତି ନିମନ୍ତେ ସେମାନଙ୍କ ଆକାଂକ୍ଷା ନାହିଁ। ଅନ୍ୟ ଜନ୍ତୁମାନଙ୍କ ଉପରେ କ୍ଷମତା ଓ ଅଧିକାର ବିସ୍ତାର କରିବାକୁ ସେମାନେ ଅଭିଳାଷ ପୋଷଣ କରନ୍ତି ନାହିଁ ବା ସେଥିପାଇଁ ଚକ୍ରାନ୍ତ କରନ୍ତି ନାହିଁ। ଆବଶ୍ୟକରୁ ଅଧିକ ସମ୍ପଦ କମାଇବାର ଉଦ୍ୟମ ସେମାନଙ୍କ ଠାରେ ଦେଖିବାକୁ ମିଳେ। ଏସବୁ କଥା ବିଚାରିଲେ ଆମର ଧାରଣା ହୁଏ ମଣିଷ ଅପେକ୍ଷା ସେମାନଙ୍କର ଜୀବନ ଅଧିକ ଉନ୍ନତ। ମଣିଷ ଠାରେ ଶିକ୍ଷା, ନୀତିବୋଧ ଓ ବିଚାରଶକ୍ତି ଅଧିକା ରହିଛି। ମାତ୍ର ସେମାନେ ଲୋଭର ବଶବର୍ତ୍ତୀ। ଲୋଭ ହିଁ ସକଳ ଦୁଃଖର କାରଣ। ବର୍ତ୍ତମାନ ଶିକ୍ଷା ଲୋଭ ନିବାରଣ କରିବା ପରିବର୍ତ୍ତେ ଲୋଭ ବର୍ଦ୍ଧନ କରୁଛି। ଶିକ୍ଷାର ଲକ୍ଷ୍ୟ ହେଉଛି ଅଧିକରୁ ଅଧିକ ଅର୍ଥ ଉପାର୍ଜନ। ତେଣୁ ଶିକ୍ଷାରେ ସାଧନା ହେଉଛି ଅଧିକ ଦରମାଯୁକ୍ତ ଚାକିରୀ ପାଇଁ କେବଳ ଉପାଧି ଉପାର୍ଜନ। ବିଜ୍ଞ ଲୋକ ସାଧୁ ହେଉ ଅସାଧୁ ହେଉ ଯେକୌଣସି ଉପାୟରେ ସମାଜକୁ ଶୋଷଣ କରିବା; ସମାଜରୁ ଲାଭ ମାରି ନେବାକୁ ବଡ଼ ବ୍ୟଗ୍ର। ସେ ସମାଜକୁ ଦେବା ପାଇଁ ବା ସମାଜର ଉପକାର କରିବା ପାଇଁ ଆଦୌ ଆଗ୍ରହୀ ନୁହେଁ। ସମାଜରୁ ସେ କ'ଣ ପାଇବ ସେତିକିରେ ତା'ର ଆଗ୍ରହ, ସମାଜକୁ କ'ଣ ସେ ଦେଇ ପାରିବ ସେ ଭାବନା ନାହିଁ।

ଗାଁ ଗହଳିରେ ପିତାମାତାମାନେ ସେମାନଙ୍କ ସୁଖ ଓ ଧନ ବିନିମୟରେ ସେମାନଙ୍କର ପିଲାମାନଙ୍କୁ ଉଚ୍ଚଶିକ୍ଷା ପାଇଁ ପଠାଉଛନ୍ତି, ମାତ୍ର ସେମାନେ ପିତାମାତାଙ୍କ ପ୍ରତି ଅତ୍ୟନ୍ତ ଅକୃତଜ୍ଞ। ଉପାଧିଟିଏ ପାଇଲା ମାତ୍ରେ ଯାହା ଗୋଟିଏ ସୁବିଧାଜନକ ଭିକ୍ଷାପାତ୍ର ସେମାନେ ସହରକୁ ପଳାଉଛନ୍ତି ଓ କିଛି ଗୋଟିଏ ଦରମାରେ ଚାକିରୀ କରୁଛନ୍ତି; ପିତାମାତାଙ୍କୁ ଅବହେଳା କରୁଛନ୍ତି ଓ ବଂଶଗତ ବୃତ୍ତିକୁ ତାଚ୍ଛଲ୍ୟ ଦୃଷ୍ଟିରେ ଦେଖୁଛନ୍ତି। ସହରରେ ସେ ସେମାନେ ଭଲରେ ରହୁଛନ୍ତି ତାହା ନୁହେଁ। ସେଠାରେ ଗୁଡିଏ ଅନିଷ୍ଟକର ଅଭ୍ୟାସର ବଶବର୍ତ୍ତୀ ହୋଇ ଜୀବନକୁ ନଷ୍ଟ କରି ପକାଉଛନ୍ତି। ଆଉ ଶେଷରେ ଶାନ୍ତି ଓ ଆନନ୍ଦ ପାଇଁ ବିକଳ ହେଉଛନ୍ତି। ଏହା ନକରି ଯେଉଁ ଗାଁରେ ସେମାନେ ପ୍ରଥମେ ଜୀବନର ଆଲୋକ ଦେଖିଥିଲେ, ପାଠପଢ଼ି ସାରିବା ପରେ ସେଇଠି ରହିବା ଉଚିତ ଓ ସେମାନଙ୍କ ବିଦ୍ୟାକୁ ଗାଁର ଓ ଗାଁ ଲୋକଙ୍କର ଉନ୍ନତିରେ ନିୟୋଜିତ କରିବା ଉଚିତ। ଏହା ହିଁ ସେମାନଙ୍କର ପ୍ରକୃତ କର୍ତ୍ତବ୍ୟ।

# ତାଳଦଣ୍ଡା କେନାଲ୍‌ରେ ୪୦ କୋଟିରେ ୯ଟି ସେତୁ ନିର୍ମାଣ ହେବ

**ଉପନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସାମଲ ଦକ୍ଷ ଇଞ୍ଜିନିୟର**

**କଟକ(ସଂପର୍କବାର୍ତ୍ତା):-** ଏସ୍‌ସିବି ଏମ୍‌ସ ପ୍ଲସ୍ ପାଇଁ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ରାସ୍ତା ସଂପ୍ରସାରଣ କାମ ଚାଲିଛି। ଯୋବ୍ରା ବ୍ୟାରେଜରୁ ବିରିବାଟ ପର୍ଯ୍ୟନ୍ତ କେନାଲ ରାସ୍ତା ସଂପ୍ରସାରଣ କରାଯାଉଥିବା ବେଳେ ଏହା ଉପରେ ୪୦ କୋଟି ଟଙ୍କାରେ ନିର୍ମାଣ ହେବାକୁ ଯାଉଛି ୯ଟି ନୂଆ ସେତୁ। ସେପଟେ କେନାଲ ରାସ୍ତାକୁ ଦେଖି କଲ୍ୟାଣନଗରଠାରେ ଏନ୍‌ଏଚ୍ ପାର୍ଶ୍ୱରେ ଥିବା ୨ଟି ଲୁହାର ସର୍ଭିସ ବ୍ରିଜକୁ ତଳୁଆ କରାଯିବ। ମାତୃଭବନ ନିକଟରେ ଥିବା ରେଳ ଓଭର ବ୍ରିଜ୍ ତଳେ କେନାଲ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ଏଠାରେ କେନାଲ ପାର୍ଶ୍ୱରେ କଂକ୍ରିଟ୍ ପାଚେରି କରି ଓଭର ବ୍ରିଜ୍ ପାଇଁ ରାସ୍ତାକୁ ତଳୁଆ କରି ନିର୍ମାଣ କାମ ଆରମ୍ଭ ହୋଇଛି। ଆସନ୍ତା ଜୁନ୍ ମାସ ସୁଦ୍ଧା ରାଣୀହାଟକୁ ମାତୃଭବନ ମଧ୍ୟରେ ସମସ୍ତ କାମ ଶେଷ କରିବାକୁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏହା ସମ୍ଭବ ହେଲେ କଟକର ଚିତ୍ର ହୁଏତ ଅନେକାଂଶରେ ବଦଳି ଯିବ ବୋଲି କୁହାଯାଉଛି। ପ୍ରଥମ ପର୍ଯ୍ୟାୟରେ ଯୋବ୍ରା ବ୍ୟାରେଜକୁ ରାଣୀହାଟ ପୋଲ ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ ୨୦୨୦ ଅକ୍ଟୋବର ଶେଷ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ରାଣହାଟ ପୋଲରୁ ମାତୃଭବନ ମଧ୍ୟରେ ଥିବା କେନାଲ ରାସ୍ତା କାମ ଆରମ୍ଭ ହୋଇଛି। କେନାଲ ଉପରେ ନିର୍ମାଣ ହେବାକୁ ଥିବା ୨ଟି ବ୍ରିଜ ମଧ୍ୟରୁ ଯୋବ୍ରାରୁ ମାତୃଭବନ ମଧ୍ୟରେ ୫ଟି ଏନ୍‌ଏଚ୍-୧୬ରୁ ନୂଆବଜାର ମଧ୍ୟରେ ଗୋଟିଏ ଓ ନୂଆବଜାରରୁ ବିରିବାଟୀ ମଧ୍ୟରେ ୩ଟି ପୋଲ୍ ନିର୍ମାଣ ହେବ। ବ୍ୟାରେଜ ନିକଟରେ ନିର୍ମାଣ ହେବାକୁ ଥିବା ପୋଲଟି ସବୁଠାରୁ ବଡ଼ ହେବା ଉକ୍ତ ବ୍ରିଜ ପାଇଁ ୭ କୋଟି ଟଙ୍କାର ବଜେଟ୍ ରଖାଯାଇଛି। ବାକି ୮ଟି ବ୍ରିଜ୍ ପିଛା ୩ ରୁ ୫ କୋଟି ଟଙ୍କା ରଖାଯାଇଛି। ୮ଟି ମଧ୍ୟରୁ ଗୋଟିଏ ବ୍ରିଜ୍ ବୋସକୁ ସଂଯୋଗ କରୁଥିବା ରାସ୍ତାରେ ୩ କୋଟି ଟଙ୍କାରେ ଗତ ୨୦୨୦ରେ ନିର୍ମାଣ ହୋଇଛି। ଅନ୍ୟ ୭ଟି ମଧ୍ୟରୁ ରାଣୀହାଟ ପୋଲ ନିକଟରେ ଗୋଟିଏ ପ୍ରଫେସରପଡ଼ାକୁ ସଂଯୋଗ କରୁଥିବା ରାସ୍ତାରେ ଗୋଟିଏ ଓ ବିଶିନାବରକୁ ସଂଯୋଗ କରୁଥିବା ରାସ୍ତାରେ ଗୋଟିଏ ବ୍ରିଜ୍ କାମ ଆରମ୍ଭ ହୋଇଛି। ବିଶିନାବରଠାରେ ନିର୍ମାଣ ଚାଲିଥିବା ପୋଲଟି ସିଧା ମାଲଗୋଦାମକୁ ସଂଯୋଗ କରିବ। ସେହିପରି କଲ୍ୟାଣନଗର ନିକଟରେ ଥିବା ଏନ୍‌ଏଚ୍-୧୬ର ଦୁଇଟି ସର୍ଭିସ୍ ଲୁହା ବାଡା ପୋଲକୁ ତଳକୁ କରାଯିବ। ଯେପରିକି ଏଠାରେ ଥିବା ଏନ୍‌ଏଚ୍-୧୬ର ଓଭର ବ୍ରିଜ୍ ତଳ ଦେଇ ବଡ଼ ଆମ୍ବୁଲାନ୍ସ ଏସ୍‌ସିବିକ ଚଳପ୍ରଚଳନ କରିପାରିବ। ଅନ୍ୟପଟେ ମାତୃଭବନ ନିକଟରେ ଥିବା ୩ଟି ରେଳ ଓଭର ବ୍ରିଜ ତଳେ କେନାଲ ରାସ୍ତାକୁ ତଳୁଆ କରାଯିବ। ଏଥିପାଇଁ କେନାଲର ଉଭୟ ପାର୍ଶ୍ୱରେ ୧୫ ଫୁଟ୍ ଉଚ୍ଚତା ଓ ଦୁଇ ଫୁଟ ଚଉଡାରେ ଦୁଇଶହ ଫୁଟ ଲମ୍ବର ପାଚେରୀ ନିର୍ମାଣ କାମ ଚାଲିଛି। ଉକ୍ତ ସ୍ଥାନରେ ରେଳ ପୋଲ ପାଇଁ କେନାଲ ରାସ୍ତାର ଓସାର ୨୫ରୁ ୩୦ ଫୁଟ ମଧ୍ୟରେ ରହିବ। ଏନ୍‌ଏଚ୍-୧୬ରୁ ନୂଆବଜାର ମଧ୍ୟରେ ଗୋଟିଏ ବ୍ରିଜ ସହିତ କେନାଲର ରାସ୍ତା ସଂପ୍ରସାରଣ ପାଇଁ ୧୧ କୋଟି ଟଙ୍କାର ଟେଣ୍ଡର ଶେଷ ହୋଇଥିବାବେଳେ ଏହାକୁ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲ ପୂର୍ତ୍ତ ବିଭାଗ -୧ ଉପନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସାମଲ ସୂଚନା ଦେଇଛନ୍ତି।

# ବିଶ୍ୱର ୧୫ଟି ଚମ୍ପିଅନ୍ ସହର ଭିତରେ ସ୍ଥାନ ପାଇଛି ରାଉରକେଲା

**ରାଉରକେଲା(ସଂପର୍କବାର୍ତ୍ତା):-** ବିଶ୍ୱସ୍ତରରେ ସ୍ମାର୍ଟସିଟି ହାସଲ କରିବାକୁ ନେଇ ଚର୍ଚ୍ଚାରେ ରାଉରକେଲା। ବ୍ଲୁମବର୍ଗ ଗ୍ଲୋବାଲ୍ ମେୟର ଚ୍ୟାଲେଞ୍ଜରେ ଦମ୍ ଦେଖାଇଛି ରାଉରକେଲା ମହାନଗମ । ସାରା ବିଶ୍ୱର ୬୦୦ସହରକୁ ନେଇ ପ୍ରତିଯୋଗିତା ହୋଇଥିଲା ଭାରତର ଏକମାତ୍ର ସହର ଭାବରେ ବ୍ଲୁମବର୍ଗ ଗ୍ଲୋବାଲ୍ ମେୟର ଚ୍ୟାଲେଞ୍ଜରେ ବାଜି ମାରିଛି ରାଉରକେଲା

ବିଜୟପ୍ରାପ୍ତ କରିଥିବା ସହରଗୁଡିକୁ ପୁରସ୍କାର ରାଶି ସ୍ୱରୁପ ୧ମିଲିୟନ ୟୁଏସ୍ ଡଲାର ବା ପ୍ରାୟ ୭କୋଟି ଟଙ୍କା ପାଇବା ସହ ବହୁ ବର୍ଷ ପାଇଁ ଟେକନିକାଲ ସପୋର୍ଟ ଦିଆଯିବ ବୋଲି ଜଣାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ ରାଉରକେଲା ସହର କର୍ତ୍ତୃପକ୍ଷ ଓ ସହରବାସୀଙ୍କୁ ଏଥିପାଇଁ ସାଧୁବାଦ ଜଣାଇଛନ୍ତି। ବିଶ୍ୱର ୧୫ଟି ଚମ୍ପିଅନ୍ ସହର ଭିତରେ ସ୍ଥାନ ପାଇଛି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତରେ ଅଭିନବ ପ୍ରସ୍ତାବ ଦେଇଥିଲା ରାଉଲକେଲା ମହନଗର ନିଗମ। ମହିଳା ବ୍ୟବସାୟୀଙ୍କ ପାଇଁ ସୌରଚାଳିତ ଶୀତଳଭଣ୍ଡାର ୟୁନିଟ୍ ବ୍ୟବସ୍ଥା କରାଯାଇଥିବା କଥା କହିଥିଲା ଯାହାଦ୍ୱାରା ଛୋଟ ଛୋଟ ଚାଷୀ ଓ ବ୍ୟବସାୟୀ ପନିପରିବା, ଫଳ ନିଜ ସାମଗ୍ରୀ ସଂରକ୍ଷିତ ରଖିପାରୁଛନ୍ତି। ଏହାଦ୍ୱାରା ସହରବାସୀ ତାଜା ଫଳ ଓ ପନିପରିବା ପାଇ ପାରୁଛନ୍ତି। ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ପାରୁଛନ୍ତି ମହିଳା ଉଦ୍ୟୋଗୀ ଖାଦ୍ୟ ଅପଚୟ ରୋକା ଯାଇ ପାରୁଛି। ଏହି ଶୀତଳଭଣ୍ଡାରକୁ ପରିଚାଳନା କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ଜୀବିକା ବଢାଏ ପାରିଛନ୍ତି।

# କନ୍ଧମାଳକୁ ପ୍ରବାସୀଙ୍କ ସୁଅ, ସଂକ୍ରମଣ ଆଶଙ୍କା

**କଟକ(ସଂପର୍କବାର୍ତ୍ତା):-** ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାବେଳେ ଗ୍ରାମାଞ୍ଚଳରେ ରାଜନୈତିକ ଉଷ୍ଣତା ବୃଦ୍ଧି ପାଇଛି। ବର୍ତ୍ତମାନ ସମୟରେ କନ୍ଧମାଳ ଜିଲ୍ଲାକୁ କ୍ରମଶଃ ବାହାର ଜିଲ୍ଲାକୁ ଦାଦନ ଖଟିବାକୁ ଯାଇଥିବା ବ୍ୟକ୍ତିଙ୍କ ସୁଅ ଛୁଟିବା ସହ କରୋନା ସଂକ୍ରମଣ ବୃଦ୍ଧି ଓାଙ୍ଗକୁ ଅନ୍ୟପଟେ ନିର୍ବାଚନ ପାଇଁ ପ୍ରବାସୀଙ୍କ ଆଗମନ ପ୍ରଶାସନ ପ୍ରତି ଏକ ଆହ୍ୱାନ ସଦୃଶ ହୋଇଛି। ପୂର୍ବରୁ ପ୍ରବାସୀ ନିଜ ନିଜ ଅଞ୍ଚଳକୁ ଆସିବାବେଳେ କରୋନା ପରୀକ୍ଷା ବାଧ୍ୟତାମୂଳକ କରାଯାଇଥିବା ବେଳେ ବର୍ତ୍ତମାନ ପରୀପ୍ରେକ୍ଷୀରେ ତାହା କିଭଳି କାର୍ଯ୍ୟକାରୀ ହେବ ଅନେକ ଚିନ୍ତା ବଢ଼ାଇଛି। ତେଣୁ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ କରୋନା ଟେଷ୍ଟ ସହ ସଙ୍ଗରୋଧକୁ ବାଧ୍ୟତାମୂଳକ କରାଯିବାକୁ ସର୍ବସାଧାରଣରେ ଦାବି ହେଉଛି। ମୂଳରୁ ଯଦି ପ୍ରଶାସନ ଏଥିପ୍ରତି ସଚେତନ ନହୋଇ ସରକାରୀ ଦଳକୁ ସୁହାଇଲା ଭଳି କାର୍ଯ୍ୟ କରିବ ତେବେ ୨୦୨୦ରେ କରୋନା ସଂକ୍ରମଣ ଭଳି ଏହା ସମଗ୍ର ଜିଲ୍ଲାରେ ବ୍ୟାପିଯିବ। ଆଗାମୀ ଫେବୃଆରୀରେ ଜିଲ୍ଲାରେ ୫ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ବାହାର ରାଜ୍ୟରେ ଥିବା ପ୍ରବାସୀ ରାଜ୍ୟ ବାହାରେ ରହୁଥିଲେ ମଧ୍ୟ ନିଜ ଅଞ୍ଚଳର ପୂର୍ବତନ ନିର୍ବାଚିତ ପ୍ରତିନିଧି ହେଉ କିମ୍ବା ବିଭିନ୍ନ ଦଳୀୟ ନେତାଙ୍କ ଉଦ୍ୟମ ଓ ସହ ଯୋଗ ଫଳରେ ବିଭିନ୍ନ ସରକାରୀ ଯୋଜନା, ଆବାସୀ ଯୋଜନା ଓ ଅର୍ଥ ପାଇଛନ୍ତି। ଏବେ ସେମାନେ ଗାଁକୁ ଆସି ଭେଟ ଦେବା ପାଇଁ ମଧ୍ୟ ସେମାନଙ୍କ ଯାତାୟତ ଖର୍ଚ୍ଚ ବିଭିନ୍ନ ଦଳ ବହ କରୁଛନ୍ତି। ଏଥିପାଇଁ ଗାଁ ନେତା ମାନେ ଡାକିବା ଆରମ୍ଭ କଲେଣି। ନିଜ ଗାଁ ନେତେଙ୍କୁ ୫ ବର୍ଷ ପାଇଁ ଚୟନ କରିବା ସହ ୮ ରୁ ୧୦ ଦିନ କୁକୁଡ଼ା ମାଂସ ଓ ନାଲି ପାଣି ନିଶାରେ ମଧ୍ୟ କେତେ ଫକେରିଲେଣି। ପ୍ରଥମ କରୋନା ସମୟରେ ସରକାରୀ ଭାବେ ୧୧ ହଜାର ପ୍ରବାସୀ ଫେରିଥିବା ବେଳେ ବେସରକାରୀ ଭାବେ ୨୦ ହଜାରରୁ ଉର୍ଦ୍ଧ୍ୱ ଫେରିଥିଲେ। ଏବେ ଫେରିବାପାଇଁ ସମସ୍ତ ସୁବିଧା ଅଛି ତେଣୁ ସଂଖ୍ୟା ଅଧିକ ହୋଇପାରେ। ଏଭଳିକି ନାମାଙ୍କନ ପତ୍ର ଦାଖଲ ଦିନ ଠାରୁ ନିଜ ନେତାଙ୍କୁ ସମର୍ଥନ ଦାଖଲ ଦିନ ଠାରୁ ନେତାଙ୍କୁ ସମର୍ଥନ ଦେବା ପାଇଁ ଅନେକ ପ୍ରବାସୀ ପହଞ୍ଚିଲେଣି। ମୂଳରୁ ଯଦି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାର ପ୍ରବାସୀଙ୍କ ଆଗମନରେ ରୋକ୍ ନ ଲଗାନ୍ତି ଫେବୃଆରୀ ରେ ନେନି ଗୁଡ଼ କହୁଣୀକୁ ବୋହିଯିବ ବୋଲି ବୁଦ୍ଧିଜୀବୀ ମତ ଦେଉଛନ୍ତି।

# କୋଟି କୋଟି ଟଙ୍କା ଠକେଇ ଓ ଟଙ୍କା ପାଇଁ ଧମକ ମାମଲାରେ ଦୁଇଭାଇ ଗିରଫ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ସାଇକୃପା କନଷ୍ଟ୍ରକସନ୍‌ର କୋଟି କୋଟି ଟଙ୍କା ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ହେରଫେର୍ ଅଭିଯୋଗ ଏବଂ ଟଙ୍କା ପାଇଁ ଧମକ ଦେବା ଅଭିଯୋଗରେ ଦୁଇଭାଇ ବିଶ୍ୱଜିତ ବଳ ଓ ସୁଶାନ୍ତ ବଳଙ୍କୁ ପାରାଦୀପ ଆଦର୍ଶ ଥାନା ବୁଧବାର ଦିନ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ସାଇକୃପା କନଷ୍ଟ୍ରକସନ୍‌ର ଜନୈକ ଆକାଉଟାଣ୍ଟ୍ ବିଶ୍ୱଜିତ ବଳ ଦୀର୍ଘ ଦିନ ହେବ କୋଟି କୋଟି ଟଙ୍କାର ହିସାବ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଗାଏବ କରି ଫେରାର ହୋଇଥବା ନେଇ କମ୍ପାନୀର ମୁଖ୍ୟ ରାକେଶ କୁମାର ପଟ୍ଟନାୟକ ୨୦୨୧ ମସିହା ନଭେମ୍ବର



୨୨ରେ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୋଲିସ ଅଭିଯୁକ୍ତ ବିଶ୍ୱଜିତକୁ ବୁଧବାର ଦିନ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେହିପରି ଅନ୍ୟ ଏକ ଘଟଣାରେ ପ୍ରଭୁ ଶଙ୍କର ରାଉତ ନାମକ ଜଣେ ବ୍ୟକ୍ତିଙ୍କୁ ଟଙ୍କା ପାଇଁ ଧମକାଇ ତାଙ୍କ ଠାରୁ ୫ହଜାର ଟଙ୍କା ଯୋର ଜବରଦସ୍ତ ଛଡାଇ ନେବା ଅଭିଯୋଗରେ ବିଶ୍ୱଜିତ ବଳଙ୍କ ଭାଇ ସୁଶାନ୍ତ ବଳଙ୍କୁ ଗରିଫ କରି ଆଜି କୋର୍ଟ ଚାଲାଣ କରାଯାଇଛି। ଏବାବଦରେ ୨୨/୧୧, ୨୫୭,୩୦୬, ୨୮/୧୨ ଏବଂ ୪୨୦, ୪୦୬,୩୪୧, ୩୨୩, ୨୯୪, ୩୦୭, ୩୯୪,୫୦୬, ୧୨୦(ବି), ୩୪ ଆଇପିସି ଧାରାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।

# ପରିବେଶ ସୁରକ୍ଷା ଓ ବିରଳ ପକ୍ଷୀ ସୁରକ୍ଷା ପାଇଁ ବସା ସ୍ଥାପନ

**ପାରାଦ୍ୱୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦ୍ୱୀପ କଲେଜ ପରିସରରେ ସୋମବାର ଆଦର୍ଶ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ସୃଷ୍ଟି କରାଯାଇଥିବା ବନୀକରଣ ସ୍ଥଳରେ ବିରଳ ପ୍ରଜାତିର ଜୀବଜନ୍ତୁ ଓ ପକ୍ଷୀମାନଙ୍କ ନମନ୍ତେ କୃତ୍ରିମ ବସା ସ୍ଥାପନ କରାଯାଇଛି। ଦୀର୍ଘ ୫ବର୍ଷ ତଳେ ଆରମ୍ଭ କରାଯାଇଥିବା ଏହି ବନୀକରଣ ପ୍ରକ୍ରିୟାରେ ବଷା ବାନ୍ଧୀ ରଖିବା ସହିତ କ୍ରମାନ୍ୱୟରେ ଖାଦ୍ୟ ଓ ପାନୀୟ ଜଳର ସୁବିଧା ଯୋଗାଇ ଦିଆଯିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆଜି ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଉତ୍ସବରେ କଲେଜର ଅଧକ୍ଷା ସସ୍ମିତା ଶତପଥି, ମୁନୁସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ, ବନ୍ଦର ଚିକତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡ.ପ୍ରହଲ୍ଲାଦ ପଣ୍ଡା, ପୂର୍ବତନ ପୌରପାଳ ତଥା ପାରାଦ୍ୱୀପ ବିଜେଡ଼ି ସଭାପତି ବସନ୍ତ ବିଶ୍ୱାଳ, ଶ୍ରମିକ ନେତା ବାପି ସାର୍ଖେଲ, ଅଧ୍ୟାପକ ଅକ୍ଷୟ ମିଶ୍ର, ଗଣେଶ୍ୱର ପାତ୍ର, ପାରାଦ୍ୱୀପ ଅଫିସର୍ସ କ୍ଲବର ସମ୍ପାଦକ ପ୍ରୀତି ପରିଜାଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସାମ୍ବାଦିକ ବନ୍ଧୁ ଉପସ୍ଥିତ ରହି ଆଦର୍ଶ ପ୍ରୟାସର ଏଭଳି ବିରଳ ପଦକ୍ଷେପକୁ ଉଚ୍ଚପ୍ରସଂସା କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଓ ବିଭିନ୍ନ ସାମାଜିକ ସଙ୍ଗଠନ, ବ୍ୟକ୍ତିବିଶେଷଙ୍କୁ ସମାଜ ପାଇଁ ସେମାନଙ୍କ ବଳିଷ୍ଠ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । ଆଦର୍ଶ ପ୍ରୟାସର ସଭାପତି ଅମୀୟ ଦାସ ଓ ସମ୍ପାଦକ ଦେବକଲ୍ୟାଣ ମହାପାତ୍ରଙ୍କ ସହିତ ବରିଷ୍ଠ ସଭ୍ୟ ଦେବ ମଣ୍ଡଳ, ଦେବୀ ପ୍ରସାଦ ସାହୁ, ବିଷ୍ଣୁ ପ୍ରସାଦ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ପକ୍ଷୀ ମାନଙ୍କ ନିମନ୍ତେ ବସା ବାନ୍ଧିବା ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥି ମାନଙ୍କୁ ସହଯୋଗ କରିଥିଲେ।

# ଆହ୍ୱାନ କମ୍ବାଇନ୍ସ ଦ୍ୱାରା ଜିଲ୍ଲାସ୍ତରୀୟ କ୍ରୀଡା ଆୟୋଜିତ

**ପାରାଦ୍ୱୀପ(ଶଶାଙ୍କ ଆଚାର୍ଯ୍ୟ):-** ଆହ୍ୱାନ କମ୍ବାଇନ୍ସ ଦ୍ୱାରା ସ୍ଥାନୀୟ ହାଣ୍ଡିଆ ଗ୍ରାମର ଖେଳ ପଡ଼ିଆଠାରେ ୧୫ ଓ ୧୬ ଦୁଇଦିନ ଧରି ଜିଲ୍ଲାସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଭାରତ ସରକାରଙ୍କ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ, ଜଗତସିଂହପୁର ସହଯୋଗରେ ଆୟୋଜିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ୮ଗୋଟି ଭଲିବଲ ଦଳ ଅଂଶଗ୍ରହଣ କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ପାରାଦୀପ ନିକଟସ୍ଥ ରଙ୍ଗିଆଗଡର ମହାବିର କ୍ଲବ ବିଜୟ ହୋଇ ଟ୍ରଫି ସହ ୨୦୦୦ ଟଙ୍କା ଅର୍ଥରାଶି ଗ୍ରହଣ କରିଥିବା ବେଳେ କାଳିଆପାଟର ବାବା ବନବିହାରୀ କ୍ଲବ ଉପବିଜେତା ହୋଇ ୧୦୦୦ ଟଙ୍କା ଅର୍ଥରାଶି ସହ ଟ୍ରଫି ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଦୁଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ ଗୁଡିକୁ ଜାତୀୟ ସ୍ତରର ଦୁଇ ରେଫ୍‌ରି ବିଶ୍ୱଜିତ ପରିଡ଼ା ଓ ସତ୍ୟଜିତ ବେହେରା ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ଆୟୋଜନ କରିବାରେ ସ୍ଥାନୀୟ ବାବା ବନବିହାରୀ କ୍ଲବ ତରଫରୁ ସହଯୋଗ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ନେହେରୁ ଯୁବ କେନ୍ଦ୍ର ର ଜିଲ୍ଲା ଅଧିକାରୀ ନିଖିଲ କୋକୁଲା ଓ ସଂଯୋଜକ ପବିତ୍ର ମୋହନ ସୁବୁଧି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଆହ୍ୱାନ କମ୍ବାଇନ୍ସ ତରଫରୁ ସଭାପତି ସାଗର କୁମାର ବିଶ୍ୱାଳ, ସମ୍ପାଦକ ପ୍ରଭାସ ଚନ୍ଦ୍ର ସ୍ୱାଇଁ, ମୀନକେତନ




ରଥ, ଦୀପକ କୁମାର ଓଝା, ରୁଦ୍ର ମାଧବ ପଣ୍ଡା, ସତ୍ୟନାରାୟଣ ସ୍ୱାଇଁ, ନିର୍ଝର କୁମାର ଜେନା, ବିଶ୍ୱଜିତ ସ୍ୱାଇଁ, ସୁଜିତ କୁମାର ମହାନ୍ତି, ସୌମ୍ୟରଂଜନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ଡ଼. ଆମ୍ବେଦକର ସାଂସ୍କୃତିକ ଯୁବକ ସଂଘ ପକ୍ଷରୁ ନେତାଜୀଙ୍କ ୧୨୫ତମ ଜୟନ୍ତୀ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଅବସରରେ ରବିବାର ଟାଉନ ହଲ୍ ମୁଖ୍ୟ ରାସ୍ତା ସୁଭାଷ ବୋଷ ମାର୍ଗସ୍ଥିତ ପ୍ରତିମୂର୍ତ୍ତିରେ ଡ଼. ଆମ୍ବେଦକର ସାଂସ୍କୃତିକ ଯୁବକ ସଂଘ ପକ୍ଷରୁ ପୁଷ୍ପମାଲ୍ୟାର୍ପଣ କରାଯିବା ସହ ତାଙ୍କ ସଂଗ୍ରାମୀ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ନବୀନର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ନେତାଜୀଙ୍କ ପାଇଁ ଓଡ଼ିଶା ଆଜି ବିଶ୍ୱରେ ଗର୍ବିତ ବୋଲି ମତ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି



ପ୍ରଶାନ୍ତ କୁମାର ନାୟକ, ସାଧାରଣ ସମ୍ପାଦକ ପଦ୍ମଚରଣ ନାୟକ, ଆଡ଼ଭୋକେଟ ପ୍ରଶାନ୍ତ ନାୟକ, ନିରଞ୍ଜନ ପାଣିଗ୍ରାହୀ, ଡ଼. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ରମେଶ ଚନ୍ଦ୍ର ବାଙ୍ଗାରୀ, ବଦ୍ରି ପ୍ରସାଦ ପାତ୍ର, ଆଇନଜବୀ ସତ୍ୟ ନାରାୟଣ ବେହେରା, ସମାଜସେବୀ ବଦ୍ରି ନାରାୟଣ ପାତ୍ର, ଭୁବନେଶ୍ୱର ନାୟକ, ରମେଶ ଚନ୍ଦ୍ର ସାହୁ, ବଂଶୀଧର ଭୂୟାଁ, ସୂଯର୍ୟ ନାରାୟଣ ବେହେରା, ଶାମ୍ବାଶିବା ରାଓ, ବିଜୟ ଚନ୍ଦ୍ର ବିଷୋୟୀ, ସନ୍ତୋଷ କୁମାର ସ୍ୱାଇଁ, ହୃଷିକେଶ ପାତ୍ର, ସୁବ୍ରତ ରଥ, ମାନସ ସାହୁ, କୃଷ୍ଣଚନ୍ଦ୍ର ପାଳ ପ୍ରମୁଖ ଏହି କାଯର୍ୟକ୍ରମରେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଡିଲରଙ୍କୁ ନିଲମ୍ବନ କଲେ ଏଡ଼ିଏମ୍


## ଏଥିରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ଖିଅ ଖୋଜାଚାଲିଛି

**କଟକ(ସଂପର୍କବାର୍ତ୍ତା):-** ସିଏମ୍‌ସିର୫୨ ନମ୍ବର ୱାର୍ଡ଼ରେ ହିତାଧିକାରୀମାନେ ଗତ ୪ ମାସ ହେବ ରାସନ ସାମଗ୍ରୀ ପାଇ ନାହାନ୍ତି। ଏ ନେଇ ଅଭିଯୋଗ ହେବା ପରେ ଏଡ଼ିୟମ୍ ଡିଲର ବିନୋଦିନୀ ପଣ୍ଡାଙ୍କୁ ନିଲମ୍ବନ କରିଛନ୍ତି।

୫୨ ନମ୍ବର ୱାର୍ଡ଼ରେ ବିନୋଦିନୀ ପଣ୍ଡାଙ୍କୁ ଡିଲର ନିଯୁକ୍ତି ଦିଆଯାଇଛି। ତାଙ୍କ ଅଧୀନରେ ଥିବା ୬୧୧ ହିତାଧିକାରୀ ରାସନ ସାମଗ୍ରୀ ନ ପାଇ ଯୋଗାଣ ନିରୀକ୍ଷକ ରଞ୍ଜିତା ବିଶ୍ୱାଳଙ୍କୁ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରୁ ସେ କହିଲେ, ସେ ତଦନ୍ତ କରି ଘଟଣାର ସତ୍ୟତା ଉପଲବ୍ଧ କରି ଏଡ଼ିଏମ୍ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଜଣାଇଥିଲେ। ଏଡ଼ିଏମ୍ ଗତକାଲି ଡିଲର ବିନୋଦିନୀ ପଣ୍ଡାଙ୍କୁ ନିଲମ୍ବନ କରିଛନ୍ତି। କିନ୍ତୁ ହିତାଧିକାରୀମାନଙ୍କୁ ଜାନୁଆରୀ ମାସ ପର୍ଯ୍ୟନ୍ତ ରାସନ୍ ସାମଗ୍ର ଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେ ଏଥିରେ ଅବହେଳା କଲେ ତାଙ୍କ ନାମରେ ନାମରେ ଥାନାରେ ଏତଲା ଦିଆଯିବ ବୋଲି ନିରୀକ୍ଷକ କହିଛନ୍ତି। ଯୋଗାଣ ନିରୀକ୍ଷକଙ୍କ ତାଗିଦ୍ ପରେ ଡିଲର କିଛି ହିତାଧିକାରୀଙ୍କୁ ମାସେ/ ଦୁଇ ମାସର ରାସନ୍ ଦେଇଛନ୍ତି। ତେବେ ରାସନ୍‌ରେ ଦେଇଥିବା ଚାଉଳ ପୋକରା ବୋଲି ଅଭିଯୋଗ ହୋଇଛି। କେତେକ ହିତାଧିକାରୀ ବାଧ୍ୟରେ ଏହି ଚାଉଳ ନେଇଥିବା ବେଳେ ଅନ୍ୟମାନେ ନେଇ ନାହାନ୍ତି। ଏ ସଂକ୍ରାନ୍ତରେ ଯୋଗାଣ ନିରୀକ୍ଷକ କହନ୍ତି, ଆସନ୍ତା ମଙ୍ଗଳବାର ହିତାଧିକାରୀମାନେ ଏହି ଚାଉଳ ଆଣି ଅଫିସରେ ଦେଖାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭାରତ ଇତିହାସ ପୃଷ୍ଠାରେ ଗଣତନ୍ତ୍ର ଦିବସର ମହତ୍ୱ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ୨୬ ଜାନୁଆରୀ ଦିନଟି ଭାରତ ପାଇଁ ଗୋଟିଏ ଖାସ୍ ଦିନ ଅଟେ। ସାରା ଦେଶ ଏହି ଦିନଟିର ଅପେକ୍ଷା କରିଥାଏ। ଏହି ଦିନ ରାଷ୍ଟ୍ରୀୟ ଅବକାଶ ଘୋଷଣା ହୋଇଥାଏ। ସମସ୍ତ ସ୍ଥାନରେ ଜାତୀୟ ସଙ୍ଗୀତ ଗାନ ସହିତ ଧ୍ୱଜାବତରଣ କରାଯାଇଥାଏ। ଏପରି ସ୍ଥିତିରେ ଅଧିକାଂଶ ଲୋକଙ୍କ ମନରେ ପ୍ରଶ୍ନ ଉଠିଥାଏ ଯେ, ଭାରତର ସ୍ୱାଧୀନତା ସହିତ ଗଣତନ୍ତ୍ର ଦିବସର କ'ଣ ସଂପର୍କ ରହିଛି ? ୧. ସ୍ୱାଧୀନତା ପୂର୍ବରୁ ଦେଶ ବ୍ରିଟିସ୍‌ର ଗୋଟିଏ ଉପନିବେଶ ଥିଲା। ଗୋଟିଏ ଦୀର୍ଘ ସଂଘର୍ଷ ପରେ ସ୍ୱାଧୀନତା ହାସଲ ହୋଇଥିଲା। ଏହାପରେ ଦେଶ ପାଇଁ ଦୁଇଟି ଦିନ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା। ୧୫ ଅଗଷ୍ଟ ୧୯୪୭ରେ ଦେଶ ସ୍ୱାଧୀନତା ହୋଇଥିଲା ଓ ୨୬ ଜାନୁଆରୀ ୧୯୫୦ରେ ଆମ ସମ୍ବିଧାନ ସ୍ଥାପନ ହୋଇଥିଲା। ଏହା ଅନୁସାରେ ଭାରତ ଗୋଟିଏ ଲୋକତାନ୍ତ୍ରିକ, ସଂପ୍ରଭୁ ଓ ଗଣତନ୍ତ୍ର ରାଷ୍ଟ୍ର ଭାବରେ ଘୋଷିତ ହେଲା। ଏହାପରେ ୨୬ ଜାନୁଆରୀ ଦିନ ଗଣତନ୍ତ୍ର ଦିବସ ଭାବେ ପାଳନ କରାଯାଇଥାଏ।




୨. ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ୨୬ ଜାନୁଆରୀ ୧୯୫୦ରେ ୨୧ ତୋପର ସଲାମୀ ଦେଇ ଧ୍ୱଜାରୋହଣ କରି ଭାରତକୁ ପୂର୍ଣ୍ଣ ଗଣତନ୍ତ୍ର ରାଷ୍ଟ୍ର ଭାବରେ ଘୋଷଣା କରିଥିଲେ। ଏହାପରେ ପ୍ରତିବର୍ଷ ଏହି ଦିନ ଗଣତନ୍ତ୍ର ଦିବସ ପାଳିତ ହୋଇଥାଏ। ଏହା ସଂସଦୀୟ ପ୍ରଣାଳୀର ସରକାରଙ୍କ ଗଣରାଜ୍ୟ ଅଟେ। ଏହି ଗଣରାଜ୍ୟ ଭାରତୀୟ ସମ୍ବିଧାନ ଅନୁସାରେ ଶାସିତ ହୋଇଥାଏ।

### ମହଙ୍ଗା ପଡିଲା ବରଯାତ୍ରୀ ଶୋଭାଯାତ୍ରା

## କୋଭିଡ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ୨୦ହଜାର ଗଣିଲେ ବରପକ୍ଷ

**ସମ୍ବଲପୁର(ସଂପର୍କବାର୍ତ୍ତା):-** ମହଙ୍ଗା ପଡିଲା ବରଯାତ୍ରା ଡିଜେ ବଜାଇ ଭିଡ ଜମାଇ ବରଯାତ୍ରୀ ଶୋଭାଯାତ୍ରା କରିବା ଓ କୋଭିଡ୍ ନିୟମର ଉଲ୍ଲଂଘନ କରିବା ଅଭିଯୋଗରେ ବର ପକ୍ଷ ୨୦ହଜାର ଟଙ୍କା ଡଣ୍ଡ ଗଣିଛନ୍ତି। ଘଟଣା ଘଟିଥିଲା ଗୁରୁବାର ସଂଧ୍ୟାରେ ସମ୍ବଲପୁର ସହରର ଧୁନପାଲି ଅଂଚଳରେ।



ଧୁନପାଲି କଟକ ରୋଡ୍ ଅଂଚଳରେ ଏକ ମଣ୍ଡପରେ ଧୁମ୍‌ଧାମ୍‌ରେ ବିବାହ ଆୟୋଜନ ହୋଇଥିଲା ବରପକ୍ଷ ବି ପୂରା ତାମ୍‌ଝାମ୍ ରେ ଶୋଭାଯାତ୍ରାରେ ବାହାରିଥିଲା କିନ୍ତୁ ବରଯାତ୍ରୀ ଗହଳି ଓ ଭୋଜିରେ ଭିଡ ଦେଖି କେହି ଜଣେ ପୁଲିସ୍ କୁ ସୂଚନା ଦେଇ ଥିଲା ମାନେଶ୍ୱରର ଅତିରକ୍ତ ତହସିଲଦାର ଗୌରବ ପ୍ରଧାନ ଏବଂ ଥାନା ଅଧିକାରୀ ଅନିତା ପ୍ରଧାନ ସଦଳବେଳେ ପହଂଚି ଯାଇଥିଲେ ଘଟଣା ସ୍ଥଳରେ। ଦୃଷ୍ଟାନ୍ତମୂଳକ ଭାବେ ବରପକ୍ଷଙ୍କ ଠାରୁ ୨୦ହଜାର ଟଙ୍କା ଜରିମାନା ଆଦାୟ କରି ରସିଦ୍ ଦେଇଥିବା ଭିଡ ନ କରିବାକୁ ବୁଝାଇବା ସହ ଭୋଜି ସ୍ଥାନ ଶିଘ୍ର ଖାଲି କରିବାକୁ କହିଥିଲେ। ଆସନ୍ତକାଲି ମଣ୍ଡପ କର୍ତ୍ତୃପକ୍ଷଙ୍କୁ ବି ନୋଟିସ୍ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

# ଅନ୍‌ଲାଇନ୍ ଶିକ୍ଷା ପାଇଁ ଅଣ୍ଟା ଭିଡିଲେ ଗାଁକୁ ଯାଇ ପଢାଇବେ ଶିକ୍ଷକ ଶିକ୍ଷୟିତ୍ରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କୋଭିଡ୍ ର ତୃତୀୟ ଲହର ପାଇଁ ୫ତାରିଖରୁ କ୍ଲାସରୁମ୍ ପାଠପଢା ବନ୍ଦ ରହିଛି । କ୍ଲାସ ହେଉନାହିଁ କି ପିଲା ଆସୁନାହାନ୍ତି। ଘରେ ପଢୁଛନ୍ତି କି ନାହିଁ ତାହାର ବି କୌଣସି ଖବର ଅନ୍ତର ନାହିଁ। ୧୪ଦିନ ହେଲା ଏଭଳି ସ୍ଥିତି ଲାଗି ରହିବା ପରେ ଆଜି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ ଅନ୍‌ଲାଇନ୍ ପାଠପଢାଇ ସମୀକ୍ଷା କରିଛନ୍ତି। ୯ମ ଓ ଦଶମ ଛାତ୍ରଛାତ୍ରୀଙ୍କ ପାଠପଢା କିଭଳି ଓ କେମିତି ଚାଲିଛି, ସେନେଇ ନିର୍ଦ୍ଦେଶକ ଶ୍ରୀ ସାହୁ ୩୦ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ସହ ବିଚାରବିମର୍ଶ କରିଛନ୍ତି। କ୍ଲାସରୁମ୍ ଶିକ୍ଷା ବନ୍ଦ ଥିବାରୁ ଅନ୍‌ଲାଇନ୍ ଶିକ୍ଷାକୁ କିଭଳି ଅଧିକ ସୁଦୃଢ କରାଯାଇପାରିବ, ସେନେଇ ଆଲୋଚନା କରିବା ସହ ଆସନ୍ତା ଦୁଇ ଦିନ ମଧ୍ୟରେ ନିଜ ନିଜର ଆକ୍ସନ ପ୍ଲାନ ପ୍ରସ୍ତୁତ କରି ନିର୍ଦ୍ଦେଶାଳୟକୁ ପଠାଇବାକୁ ଡିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ପୁଣିଥରେ ୟୁ-ଟ୍ୟୁବ୍ ପାଠପଢାକୁ ସଚଳ କରାଯିବ। ୯ମ ଓ ଦଶମ ଶ୍ରେଣୀ ପାଇଁ କ ୟୁ-ଟ୍ୟୁବ୍ ପାଠପାଢା ଚାଲିଥିବା ମଧ ସବୁ ପିଲା ତାହାକୁ ଦେଖୁନାହାନ୍ତି ପୂର୍ବବର୍ଷ ୟୁ-ଟ୍ୟୁବ୍ ପାଠପଢା ସମୟରେ ପ୍ରତି ବିଷୟରେ ଲକ୍ଷାଧିକ ଛାତ୍ରଛାତ୍ରୀ ଥିବା ବେଳେ ଏଥର ହଜାରେ ଦୁଇ ହଜାର ମଧ୍ୟରେ ସୀମିତ ରହୁଛି। ପିଲାମାନେ କିମ୍ବା ସେମାନଙ୍କ ଅଭିଭାବକ ଆଗ୍ରହ ଦେଖାଉ ନାହାନ୍ତି। ତେଣୁ ବିଦ୍ୟାଳୟ ଶିକ୍ଷକ। ଶିକ୍ଷୟିତ୍ରୀ ପିଲା ଓ ଅଭିଭାବକଙ୍କୁ ଆଗ୍ରହ ଦେଖାଉ ନାହାନ୍ତି। ତେଣୁ ବିଦ୍ୟାଳୟ ଶିକ୍ଷକ। ଶିକ୍ଷୟିତ୍ରୀ ପିଲା ଓ ଅଭିଭାବକଙ୍କୁ ୟୁ-ଟ୍ୟୁବ୍ ପାଠପଢା ସମ୍ପର୍କରେ ସଚେତନ କରାଇବାକୁ କୁହାଯାଇଛି। ବିଶେଷକରି ଉପାନ୍ତ ଅଂଚଳ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। କାରଣ ଖୋର୍ଧା କଟକ ,ପୁରୀ ଜଗତସିଂହପୁର, କେନ୍ଦ୍ରାପଡା, ନୟାଗଡ, ବାଲେଶ୍ୱର, ସମ୍ବଲପୁର, ବଲାଙ୍ଗୀର, ସୋନପୁର ପରି ଜିଲ୍ଲାରେ ଅନ୍ ଲାଇନ୍ କିମ୍ବା ବିକଳ୍ପ ପାଠପଢା ବେଳେ ପିଲାଙ୍କ ଉପସ୍ଥାନ ଭଲ ରହିଛି। ବିଭିନ୍ନ ମାଧ୍ୟମରେ ପିଲାଙ୍କୁ ଶିକ୍ଷା ମିଳୁଛି। ମାତ୍ର ଉପାନ୍ତ ଜିଲ୍ଲାଗୁଡିକରେ ଅନ୍‌ଲାଇନ୍ ପାଠପଢା ସମ୍ପର୍ଣ୍ଣ ଠପ୍ ହୋଇଯାଇଛି। ତେଣୁ ଛାତ୍ରଛାତ୍ରୀ ପାଖରେ ଯେଉଁ ମାଧ୍ୟମରେ ଶିକ୍ଷା ପହଂଚିପାରିବ ତାହାକୁ ଉପଲଧ କରାଇବାକୁ କୁହାଯାଇଛି। ଯେଉଁଠି ଅନ୍‌ଲାଇନ୍ ଶିକ୍ଷା ପହଂଚି ପାରୁନାହିଁ ସେଠାରେ ଶିକ୍ଷକ। ଶିକ୍ଷୟିତ୍ରୀ ଗାଁକୁ ଯାଇ ପିଲାଙ୍କୁ ପଢାଇବେ। କୋଭିଡ୍ କଟକଣା କମ୍ ପିଲାଙ୍କୁ ଏକାଠି କରି ଶିକ୍ଷା ଦେବେ। ଗାଁରେ ହେବାକୁ ଥିବା ପାଠପଢାରେ ବେଶି ପିଲା ଯେପରି ଭାଗ ନ ନିଅନ୍ତି, ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି।

## ବ୍ୟକ୍ତିଙ୍କ ମୃତ୍ୟୁ ପରେ କାହିଁକି କରାଯାଏ ବ୍ରାହ୍ମଣ ଭୋଜନ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମୃତ୍ୟୁକୁ ନେଇ ହିନ୍ଦୁ ଧର୍ମରେ ବହୁତ କିଛି ରୀତି ନୀତି ପରମ୍ପରା ରହିଛି। ଆଉ ଯଦି କାହାର ମୃତ୍ୟୁ ପରେ ସେହି ରୀତି ନୀତିକୁ ପାଳନ ନ କରାଯାଏ ତାହେଲେ ମୃତକଙ୍କରେ ଆତ୍ମାକୁ ଶାନ୍ତି ମିଳିନଥାଏ ଏବଂ ଆତ୍ମା ଚାରିଆଡେ ଘୁରି ବୁଲିଥାଏ ।ଏହି କାରଣରୁ ମୃତ୍ୟୁ ପରେ ପରମ୍ପରାକୁ ବହୁତ ମାନ୍ୟତା ଦିଆଯାଏ ଆଉ ଯଦି ମୃତକଙ୍କ ଆତ୍ମକୁ ଶାନ୍ତି କରାନଯାଏ ତାହେଲେ ପରିଜନଙ୍କ ଜୀବନ ଅସୁବିଧାରେ ପଡିଯାଏ ଏବଂ ସେମାନଙ୍କୁ ତାଙ୍କ ପୂର୍ବଜ ମାନଙ୍କର ଆଶିର୍ବାଦ ମିଳିଥାଏ। ଗରୁଡ ପୁରାଣରେ ଜୀବନ ଏବଂ ମୃତ୍ୟୁ ବ୍ୟତୀତ ଆତ୍ମାର ଯାତ୍ରା ବିଷୟରେ ମଧ କୁହାଯାଇଛି। ଏହାସହିତ ମୃତ୍ୟୁ ପରେ କରାଯାଉଥିବା ସଂସ୍କାର, ରୀତି ନୀତିର ମହତ୍ତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମଧ କୁହାଯାଇଛି। ଏଥିରେ ବ୍ରାହ୍ମଣ ଭୋଜନକୁ ନେଇ ବି କୁହାଯାଇଛି। ତେଣୁ କେନ୍ୟୁଜରେ ଆଜି ଆମେ ଆପଣଙ୍କୁ ଜଣାଇବୁ ମୃତକଙ୍କ ଦଶାହ ପରେ କାହିଁକ ବ୍ରହ୍ମାଣ କରାଯାଏ ଏବଂ ଏହାକୁ ନେଇ କଣ ପରମ୍ପରା ରହିଛି। ଗୁରଡ ପୁରାଣ ଅନୁଯାୟୀ ମୃତ୍ୟୁ ପରେ ମୃତକଙ୍କ ଆତ୍ମା୧୩ଦିନ ପର୍ଯ୍ୟନ୍ତ ନିଜ ଘରେ ହିଁ ରହିଥାଏ। ୧୩ଦିନ ପରେ ମୃତକଙ୍କ ଆତ୍ମାରେ ଏତେ ଶକ୍ତି ନଥାଏ ଯେ ସେ ଯମଲୋକକୁ ଯାଇପାରିବ। ତେଣୁ ୧୦ଦିନ ପର୍ଯ୍ୟନ୍ତ ପିଣ୍ଡଦାନ କରି ଆତ୍ମାକୁ ଶକ୍ତି ଦିଆଯାଏ। ଯାହା ଦ୍ୱାରା ମୃତକଙ୍କ ଆତ୍ମା ଯମଲୋକ ପର୍ଯ୍ୟନ୍ତ ଯାଇଥାଏ। ଆଉ ଏହାପରେ ଦଶାହର ୩ଦିନ ରେ ଆତ୍ମର ବହୁତ ସୂକ୍ଷ୍ମ ଶରୀର ତିଆରି ହୋଇଯାଏ ଏବଂ ତାପରେ ସେ ଯମଲୋକକୁ ଯାତ୍ରା କରିପାରିଥାଏ। ଏଥିପାଇଁ ମୃତ୍ୟୁର ୧୩ଦିନ ପର୍ଯ୍ୟନ୍ତ କର୍ମ କରାଯାଏ ଯେମିତି ମୃତକଙ୍କ ଆତ୍ମଯମଲୋକକୁ ଯାଇପାରିବ। ଯଦି ପିଣ୍ଡଦାନ ନ କରାଯାଏ ଯମଦୂତ



ଆତ୍ମା ଯମଲୋକ ପର୍ଯ୍ୟନ୍ତ ନେଇଥାଏ। ଆଉ ଏହି ଯାତ୍ରା ସମୟରେ ବହୁତ କଠିନ ସ୍ଥିତି ଦେଇ ଯିବାକୁ ପଡିଥାଏ। ତେଣୁ ଏହି ଯାତ୍ରା କୁ ସହଜ ଆଉ ସଫଳ କରିବା ପାଇଁ ବିଭିନ୍ନ ପ୍ରକାର କର୍ମ କରାଯାଏ। ସେହିପରି ଆତ୍ମା ଶାନ୍ତି ପାଇଁ ବ୍ରାହ୍ମଣ ଭୋଜନ କରାଯାଏ କାହିଁକିନା ଆତ୍ମା ୧୩ଦିନ ପର୍ଯ୍ୟନ୍ତ ଘରେ ରହିଥାଏ ତେଣୁ ବ୍ରାହ୍ମଣ ଭୋଜନ କରାଯାଇ ଆତ୍ମାକୁ ଶାନ୍ତି ଦିଆଯାଏ। ଆପଣ ଲକ୍ଷ୍ୟ କରିଥିବେ ଯେ ମୃତ କର୍ମ କରିବା ସମୟରେ ମୃତକଙ୍କ ପାଇଁ ମଧ ଥାଳି ଲଗାଯାଏ। ତାଙ୍କ ଉଦ୍ଦେଶ୍ୟରେ ବି ଥାଳିରେ ଭୋଜନ ବାଢି ଦିଆଯାଏ। ମୃତକଙ୍କୁ ସମ୍ମାନ କରାଯାଇ ଏପରି କରାଯାଏ। କାହିଁକିନା ମରିବାର ୧୩ଦିନ ପର୍ଯ୍ୟନ୍ତ ଆତ୍ମା ଘରେ ହିଁ ରହିଥାଏ। ସେଥିପାଇଁ ଘରର ଅନ୍ୟ ସଦସ୍ୟଙ୍କ ଭଳି ତାଙ୍କୁ ମଧ ଖାଦ୍ୟ ପରଷଯାଏ। ଗୁରଡ ପୁରାଣକୁ ନେଇ ଯେଉଁ କଥା ଆମେ ଆପଣଙ୍କୁ ଜଣାଇଲୁ ତାହା ସୂଚନା ଭିତ୍ତିକ ଏବଂ ଲୋକ ମାନ୍ୟତା ଉପରେ ଆଧାରିତ କଥା

## କାହିଁକି ଆମ ଶରୀର ପାଇଁ ଜରୁରୀ ଭିଟାମିନ ବି-୧୨ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଭିଟାମିନ ବି ୧୨ ଆମ ଶରୀର ପାଇଁ ଗୋଟିଏ ଅତ୍ୟନ୍ତ ଜରୁରୀ ପୋଷାକ ତତ୍ୱ। ଏହା ଡିଏନଏ ପ୍ରସ୍ତୁତ କରିବା ସହିତ ଆମର ଶରୀରର ସେଲସ ଗୁଡିକୁ ଶକ୍ତି ପ୍ରଦାନ କରିଥାଏ। ଭିଟାମିନ ବି୧୨ ଶରୀରକୁ କମିବା ଦ୍ୱାରା ଅନେକ ଗୁଡିଏ ରୋଗର ଉତ୍ପତି ହୋଇଥାଏ। ଭିଟାମିନ ବି୧୨ କାହିଁକି ଶରୀର ପାଇଁ ଆବଶ୍ୟକ – ଭିଟାମିନ ବି୧୨ ଶରୀରରେ ରେଡ ବ୍ଲଡ ସେଲ୍ କୁ ପ୍ରସ୍ତୁତ କରିବାରେ ସାହାର୍ଯ୍ୟ କରିଥାଏ ଓ ଶରୀରରେ ଟିସୁ ର ରିପେଆର କରିବାରେ ମୁଖ୍ୟ ରୂପ ଗ୍ରହଣ କରିଥାଏ। ଯଦି ଆପଣଙ୍କ ଶରୀରରେ ଉଚିତ ମାତ୍ରାରେ ଭିଟାମିନ ବି୧୨ନାହିଁ,ତେବେ ଏହା ଏନିମିଆ ହେବାର ଆଶଙ୍କା ସୃଷ୍ଟି କରିଥାଏ। ଭିଟାମିନ୍ ବି୧୨ଶରୀରରୁ କମିବା ଦ୍ୱାରା ଗୋଡ ହାତ ବଧୀରା ହେବା ସମସ୍ୟା ଦେଖା ଦେଇଥାଏ। ହୃତପିଣ୍ଡର ଗତି ମଧ ଦ୍ରୁତ ହୋଇ ଯାଇଥାଏ। ମୁଣ୍ଡ ବୁଲାଇବା, ଥକା ଲାଗିବା ଓ ଅଙ୍କ କମିବା, ମଳ ତ୍ୟାଗରେ ଅସୁବିଧା ଓ ଜିଭରେ ଯନ୍ତ୍ରଣା ଇତ୍ୟାଦି ଦେଖା ଦେଇଥାଏ। ଯଦି ଆପଣଙ୍କ ଶରୀରରେ ଏହିସବୁ ଲକ୍ଷଣ ଦେଖା ଯାଉଛି ତେବେ ଆପଣଙ୍କୁ ନିଜ ଖାଦ୍ୟରେ କିଛିବା ଜିନିଷ ସାମିଲ କରିବାକୁ ପଡିବ। ଅଣ୍ଡା ଅଣ୍ଡା ଆମ ଶରୀରରେ ଭିଟାମିନ୍ ବି୧୨ର କମିକୁ ଦୂର କରିଥାଏ। ତେଣୁ ନିୟମିତ ଭାବରେ ସପ୍ତାହକୁ ୩ଟି ଅଣ୍ଡା ନିଜ ଖାଦ୍ୟରେ ସାମିଲ କରନ୍ତୁ। ଦହି; ଦହିରେ ବିଭିନ୍ନ ଭିଟାମିନ୍ ସହିତ ଭିଟାମିନ୍ ବି୧୨ ପ୍ରଚୁର ପରିମାଣ ରେ ରହିଥାଏ। ଆପଣ ଲୋ ଫ୍ୟାଟ ଦାହିକୁ ନିୟମିତ ଭାବରେ ନିଜ ଖାଦ୍ୟରେ ସାମିଲ କରନ୍ତୁ। ଏହାଦ୍ୱାରା ଶରୀରରୁ ଜରୁରୀ ପୋଷାକ ତତ୍ୱ ମିଳିଥାଏ।




ଦୁଗ୍ଧ ଶାକାହାରୀ ଲୋକ ମାନଙ୍କ ପାଇଁ ଦହି ସହିତ ଦୁଗ୍ଧ ସେବନ ନିହାତି ଜରୁରୀ ଅଟେ। ଦୁଗ୍ଧରେ ଭିଟାମିନ୍ ବି୧୨ ପ୍ରଚୁର ମାତ୍ରାରେ ରହିଥାଏ। ପ୍ରତିଦିନ ଦୁଗ୍ଧ ସେବନ ଦ୍ୱାରା ଭିଟାମିନ୍ ବି୧୨ ସମସ୍ୟା ଦୂର ହୋଇଥାଏ। ଚିଙ୍ଗୁଡି ମାଛ ମାଂସହାରୀ ଲୋକଙ୍କ ପାଇଁ ଚିଙ୍ଗୁଡି ମାଛ ଖାଇବା ଦ୍ୱାରା ଭିଟାମିନ୍ ବି୧୨ର କମି ଦୂର ହୋଇଥାଏ। ଚିକେନ ;ଚିକେନ ମଧ ଭିଟାମିନ୍ ବି୧୨ପାଇଁ ଗୋଟିଏ ଭଲ ବିକଳ୍ପ ଅଟେ। ତେଣୁ ନିୟମିତ ଭାବରେ ନହେଲେ ମଧ ସପ୍ତାହକୁ ୨ଥର ଚିକେନ ସେବନ କରିବା ଆବଶ୍ୟକ ଓଟସମିଲ; ସକାଳ ଜଳଖିଆ ରେ ଓଟିସମିଲ୍ ଖାଇବା ଦ୍ୱାରା ଆମ ଶରୀରକୁ ପ୍ରଚୁର ମାତ୍ରାରେ ଫାଇବର ଓ ଅନ୍ୟାନ୍ୟ ଭିଟାମିନ୍ ପ୍ରାପ୍ତ ହୋଇଥାଏ। ଓଟ୍‌ସମିଲ୍ ରେ ପ୍ରଚୁର ପରିମାଣ ରେ ଭିଟାମିନ୍ ବି୧୨ରହିଥାଏ। ଯାହା ରୋଗକୁ ବିଭିନ୍ନ ସମସ୍ୟା ରୁ ଦୁରେଇ ରଖିଥାଏ।

## ମଧୁମେହ ରୋଗରୁ ମୁକ୍ତି ପାଇଁ ଖାଆନ୍ତୁ ଏହି ୪ଟି ପତ୍ର, କଣ୍ଟ୍ରୋଲରେ ରହିବ ବ୍ଲଡ ସୁଗାର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମଧୁମେହ ରୋଗୀଙ୍କ ପାଇଁ ଏହା ଖୁବ ଜରୁରୀ ହୋଇଥାଏ ଯେ ସେମାନେ ନିଜ ଲାଇଫଷ୍ଟାଇଲ ପ୍ରତି ଧ୍ୟାନ ଦେବେ। ଖାଦ୍ୟପାନୀୟ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଏ। ବିଶେଷ କରି ଯେପରି ସେମାନଙ୍କ ବ୍ଲଡ ସୁଗାର ମାତ୍ରା କଣ୍ଟ୍ରୋଲରେ ରହିବ ଏକ୍ସପର୍ଟଙ୍କ ମୁତାବିକ ତୁଳସୀ ସହ ଅନ୍ୟାନ୍ୟ ଔଷଧିୟ ଗଛରେ ପତ୍ର ଖାଇବା ଦ୍ୱାରା ଏହାକୁ କଣ୍ଟ୍ରୋଲ କରିହେବ। ଆଜି ଆମେ କହିବ ସେସବୁ ସମ୍ପର୍କରେ




**ଜାମୁକୋଳି ପତ୍ର-** ଜାମୁକୋଳି ପତ୍ରରେ ଅନେକ ଔଷଧିୟ ଗୁଣ ଭରି ରହିଛି। ଏହାକୁ ଚୋବାଇ ଖାଇବା ଦ୍ୱାରା ମିଳୁଥିବା ରସ ଶରୀର ଉପରେ ଭଲ ପ୍ରଭାବ ପକାଇଥାଏ। ଟାଇପ୨ମଧୁମେହ ରୋଗୀ ଏହି ପତ୍ର ଖାଇବା ଜରୁରୀ। ଏହାଦ୍ୱାରା ବ୍ଲଡ ସୁଗାର ମାତ୍ରା କଣ୍ଟ୍ରୋଲରେ ରହିବା ୨୦୧୩ ମସିହାରେ କରାଯାଇଥିବା ଏକ ଷ୍ଟଡି ଅନୁଯାୟୀ ଜାମୁକୋଳି ପତ୍ର ଖାଇବା ଦ୍ୱାରା ଇନସୁଲିନ ରେସିଷ୍ଟାନ୍ସରେ ସୁଧାର ଆସିଥାଏ। ଏହାକୁ ନେଇ ୪୬ମଧୁମେହେ ରୋଗୀଙ୍କ ମଧ୍ୟରେ ପରୀକ୍ଷା କରାଯାଇଥିଲା। ୧୨ସପ୍ତାହ ପରେ ସେମାନଙ୍କ ମଧ୍ୟରେ ଅନେକ ଫାଇଦା ଦେଖାଗଲା

**ମିଠା ତୁଳସୀ-**
ମିଠା ତୁଳସୀ ମଧ ମଧୁମେହ ରୋଗୀଙ୍କ ପାଇଁ ଅମୃତ ସଦୃଶ୍ୟ ହୋଇଥାଏ। ଯେଉଁମାନେ ଏହାକୁ ଖାଆନ୍ତି ସେମାନଙ୍କର ବ୍ଲଡ ସୁଗାରରେ ଥିବା ଅଧିକ ମାତ୍ରା କମିଯାଏ। ମଧୁମେହ ରୋଗୀଙ୍କ ପାଇଁ ଏହା ଖବୁ ଭଲ ହୋଇଥାଏ

**ବିଟ ପତ୍ର-**
ବିଟ୍ ଗଛର ପତ୍ର ମଧ ଶରୀର ପାଇଁ ଖୁବ ଭଲ ହୋଇଥାଏ। ଏଥିରେ ଫାଇବର ମାତ୍ରା ଅଧିକ ରହିଥାଏ। ଟାଇପ ୧ମଧୁମେହ ରୋଗୀ ଏହାକୁ ଖାଇବା ଫାଇବର ମାତ୍ରା ବଢିଯାଏ। ଯାହାଦ୍ୱାରା ବ୍ଲଡ ଯାହାଦ୍ୱାରା ବ୍ଲଡ ସୁଗାରକୁ ନେଇ କୌଣସି ସମସ୍ୟା ହୁଏ ନାହିଁ। ଏହାକୁ ଟାଇପ୨ରୋଗୀ ମଧ ଖାଇପାରିବେ।

**ଗୁଡମାରୀ ପତ୍ର-** ଔଷଧିୟ ଗୁଣରେ ଭରପୂର ଗୁଡମାରି ଗଛ। ୧୮ମାସ ଧରି ଏହାକୁ ଖାଇବା ଦ୍ୱାରା ମଧୁମେହ ରୋଗରୁ ମୁକ୍ତି ମିଳିଥାଏ।

## କରୋନାର ବୁଷ୍ଟର ଡୋଜ୍ ନେବା ପୂର୍ବରୁ ଜାଣି ରଖନ୍ତୁ ଏହି ୫ଟି କଥା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କରୋନାର ତୃତୀୟ ଲହର ଠାରୁ ରକ୍ଷା ପାଇବା ପାଇଁ ଲୋକମାନେ ବୁଷ୍ଟରଡୋଜ୍ ଭ୍ୟାକସିନର ୨ଟି ଡୋଜ ନେଇଥିବା ଏହି ବ୍ୟକ୍ତିଙ୍କ ଏହି ବୁଷ୍ଟର ଡୋଜ ଦିଆଯାଉଛି। ବର୍ତ୍ତମାନ ୬୦ବର୍ଷରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ କରୋନା ଯୋଦ୍ଧାଙ୍କୁ ଏହି ଟିକା ଦିଅଯାଉଛି। ଯେଉଁ ବ୍ୟକ୍ତିମାନେ ବୁଷ୍ଟର ଡୋଜ ନେଉଛନ୍ତି ସେମାନଙ୍କୁ କଥା ଜାଣି ରଖିବା ଆବଶ୍ୟକ।

୧. ବୁଷ୍ଟରଡୋଜ୍ ନେବା ପାଇଁ ଆପଣଙ୍କୁ ଭ୍ୟାକସିନର ଦ୍ୱିତୀୟ ଡୋଜ ୯ମାସ ପୂର୍ବରୁ ନେଇଥିବା ଆବଶ୍ୟକ। ଏଥିପାଇଁ ନୂଆ ରେଜଷ୍ଟ୍ରେସନର ଆବଶ୍ୟକତା ନାହିଁ। ଆପଣ ଟୀକା ଦାନ କେନ୍ଦ୍ରକୁ ଯାଇ ସିଧାସଳଖ ଟିକା ନେଇ ପାରିବେ ।

୨. ଗବେଷଣାରୁ ଜଣା ପଡିଛି ଯେ ବୁଷ୍ଟର ଡୋଜ ଆଣ୍ଟି ବଡି ସ୍ତରକୁ ବୃଦ୍ଧି କରିଥାଏ। ଏହା ଦ୍ୱାରା ଇମ୍ୟୁନିଟି ଦ୍ରୁତ ଗତିରେ ବୃଦ୍ଧି ହୋଇଥାଏ। ଆପଣ ବୁଷ୍ଟର ଡୋଜ ନେବା ଦ୍ୱାରା ଓମକ୍ରାନ ନିକଟରୁ ଅଧିକ ମାତ୍ରାରେ ନିଜରୁ ରକ୍ଷା କରି ପାରିବେ।

୩. ବର୍ତମାନ ବୁଷ୍ଟରଡୋଜ୍ ହେଲ ଓାର୍କର,୬୦ବର୍ଷରୁ ଉର୍ଦ୍ଧ୍ୱ କିମ୍ବା ଯେଉଁମାନେ ଦୁଇଟି ଡୋଜ ନେବାର ୯ମାସ ହୋଇ ଯାଇଛି ସେହିମାନେ କେବଳ ନେଇ ପାରିବେ।

୪. ଆପଣ ପୂର୍ବରୁ ଯେଉଁ ଟୀକା ନେଇଛନ୍ତି କେବଳ ତାର ବୁଷ୍ଟର ଡୋଜ ନେଇ ପାରିବେ। ଯଦି ଆପଣ କୋଭିସୀଲଡର ୨ଟି ଡୋଜ୍ ନେଇଛନ୍ତି କେବଳ ତାର ବୁଷ୍ଟରଡୋଜ ନେଇ ପାରିବେ।

୫. ଯଦି ଆପଣ କୌଣସି ଗମ୍ଭୀର ରୋଗ ଦ୍ୱାରା ଆକ୍ରାନ୍ତ ଅଛନ୍ତି ତେବେ ଆପଣ ବୁଷ୍ଟରଡୋଜ ନେଇ ପାରିବେ। କାର୍ଡିୟ ବେକସୁଲର ଡିଜିଜ, ଷ୍ଟେମ ସେଲ ଟ୍ରାନ୍ସପ୍ଲାଣ୍ଟ, ସିକଲ ସେଲ ଡିଜିଜ, ଡାଇବିଟିଜ, କିଡ୍ନୀ ଭଳି ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନେ ବୁଷ୍ଟରଡୋଜ୍ ନେଇ ପାରିବେ।

## ମଣିଷ ଅଧିକ ବର୍ଷ ବଂଚିବାର ଫର୍ମୂଲା କଣ ଆପଣ ଜାଣିଛନ୍ତି କି ? ଜାଣନ୍ତୁ ୫ଟି ରୁଲ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପ୍ରତ୍ୟେକ ମଣିଷ ଅଧିକ ବର୍ଷ ବଂଚିବା ପାଇଁ ଚାହାଁନ୍ତି। ଅନେକ କ୍ଷେତ୍ରରେ ଦେଖାଯାଏ ସମବୟସ୍କର ଦୁଇଜଣ ଲୋକଙ୍କ ମଧ୍ୟରୁ ଜଣେ ୫୦ ବର୍ଷରେ ମୃତ୍ୟୁବରଣ କରୁଥିବା ବେଳେ ଅନ୍ୟ ଜଣେ ୭୦ବର୍ଷ ପର୍ଯ୍ୟନ୍ତ ଆରାମରେ ବଂଚିଥାନ୍ତି। ଏହାପଛରେ ଅନେକ ରହସ୍ୟ ରହିଛି। ବିଭିନ୍ନ ଦିଗକୁ ଧ୍ୟାନ ଦେଇ ଜୀବନ ବିତାଇଲେ ଆମର ଶରୀର ଦୀର୍ଘଜୀବୀ କରାଇବାରେ ସହାୟକ ହୋଇଥାଏ।

ଆସନ୍ତୁ ଜାଣିବା ସେହି କାରଣଗୁଡିକ ସମ୍ପର୍କରେ, ଯାହା ଆମକୁ ଦୀର୍ଘଜୀବୀ କରାଇବାରେ ସହାୟକ ହୋଇଥାଏ।

ଅଧିକ ବର୍ଷ ପର୍ଯ୍ୟନ୍ତ ବଂଚବା ପାଇଁ ସେପରି କୌଣସି ଫର୍ମୂଲା ନାହିଁ। ଏଥିପାଇଁ ଆପଣଙ୍କୁ କିଛି ଦିଗ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ଯଦି ଆପଣ ମାଛ ଖାଉଥାନ୍ତି, ତେବେ ନଦୀ ବା ସମୁଦ୍ର ମାଛ ଖାଇବା ଶରୀର ପାଇଁ ହିତକର ହୋଇଥାଏ।

ମାଛ ମାଂଖ ଖାଇବା ସମୟରେ ଏହାର ପରିମାଣ ପ୍ରତି ଧ୍ୟାନ ଦିଅନ୍ତୁ। ସ୍ୱାସ୍ଥ୍ୟ ବିଶେଷଙ୍କ ପରାମର୍ଶ କରିବା ସହ ପର୍ଯ୍ୟାପ୍ତ ମାତ୍ରାରେ ସେବନରୁ ନିବୃତ୍ତ ରୁହନ୍ତୁ। ବଡ ଖଣ୍ଡ ନ ଖାଇବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଥାନ୍ତି।



ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଆମର ବୟସ ବଢିବାରେ ସହାୟକ ହୋଇଥାଏ। ଅପରପକ୍ଷେ କମ୍ କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ରୋଗ ସୃଷ୍ଟି ହେବା ସହ ଆୟୁଷ ହାନୀ ଘଟିଥାଏ।

ଉସଲା ଓ ଜଡିବୁଟି ଜାତୀୟ ଦ୍ରବ୍ୟ ସେବନ କରିବା ଦ୍ୱାରା ଆମ ଶରୀର ପାଇଁ ଫାଇଦା ହୋଇଥାଏ। ଏଥିସହ ନିୟମିତ ଖାଦ୍ୟରେ ଲୁଣର ସେବନକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ। ହାଡକୁ ମଜବୁତ କରିବା ପାଇଁ କ୍ୟାଲସିୟମଯୁକ୍ତ ଖାଦ୍ୟ ସେବନ କରିବା ଉଚିତ।

ଭିଟାମିନ ବି-୧୨କେବଳ ଶରୀରକୁ ଶକ୍ତି ପ୍ରଦାନ କରେ ନାହିଁ , ଏହା ଆମର ସ୍ନାୟୁଗତ ସମସ୍ୟାକୁ ଦୂର କରିଥାଏ। ଏହା ସୁସ୍ଥ ଲାଲ ରକ୍ତ କଣିକା ସୃଷ୍ଟି କରିବା ସହ ହୃଦରୋଗ ହଜମ କ୍ରିୟା ତଥା କର୍କଟ ଭଳି ଗୁରୁତର ରୋଗରୁ ରକ୍ଷା କରିଥାଏ। ଏତଦବ୍ୟତୀତ ଆମର ଓଜନ ଓ ଫିଜିକାଲ୍ ଫିଟନେଟ୍ ଆମର ଆୟୁଷକୁ ପ୍ରଭାବିତ କରିଥାଏ।

## ଶୁଣ୍ଠିର ଔଷଧୀୟ ଗୁଣ ଶୀତଋତୁରେ ବେଶ ଉପଯୋଗୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶୁଣ୍ଠୀ ଅର୍ଥ ଶୁଖିଲା ଅଦା ଏହାର ପ୍ରୟୋଗ ପ୍ରାୟ ସମସ୍ତଙ୍କ ଘରେ କରାଯାଇଥାଏ। କ'ଣ ଆପଣ ଜାଣିଛନ୍ତି ଏହାର ପ୍ରୟୋଗ କେବଳ ଗୋଟିଏ ଔଷଧ ଭାବରେ ନୁହେଁ ମସଲା ଭାବରେ ମଧ କରାଯାଇଥାଏ। ଏହାକୁ ସେବନ କରିବା ଦ୍ୱାରା ଆପଣ ଅଧିକାଂଶ ରୋଗରୁ ରକ୍ଷା ପାଇ ପାରିବେ। ବିଶେଷ ଭାବରେ ଶୀତଋତୁରେ ଶୁଣ୍ଠୀ ର ପ୍ରୟୋଗ କରାଯାଏ । ଶୁଣ୍ଠୀ ଗୋଟିଏ ଗରମ ଜିନିଷ ଯାହା ଶରୀରକୁ ଭିତରୁ ଗରମ ରଖିଥାଏ।

ମୁଣ୍ଡ ବିନ୍ଧ ସମୟରେ ଶୁଣ୍ଠୀର ପ୍ରୟୋଗ କରାଯାଇଥାଏ। ଯଦି ଆପଣଙ୍କ ମୁଣ୍ଡ ଲଗାତାର ବିନ୍ଧୁଚି ତେବେ ଶୁଣ୍ଠୀ ଗୁଣ୍ଡୀ ସେବନ କରିବା ଆବଶ୍ୟକ। ଆପଣ ଶୁଣ୍ଠୀ ଗୁଣ୍ଡ ଚା ରେ ମଧ ପକାଇ ନିୟମିତ ଶୀତଋତୁରେ ସେବନ କରି ପାରିବେ ।




ଶୀତଋତୁରେ ସାଧାରଣତଃ ସର୍ଦି କାଶ ଲାଗି ରହିଥାଏ। ଯେଉଁ କାରଣରୁ ତଣ୍ଡା ଓ ସର୍ଦି ଲାଗି ରହିଥାଏ। ଏହି ସମୟରେ ଶୁଣ୍ଠୀ ସେବନ କରିବା ଆବଶ୍ୟକ। ଆପଣ ଶୁଣ୍ଠୀ ଗୁଣ୍ଡ ଚାରେ ମଧ ପକାଇ ଶୀତଋତୁରେ ସେବନ କରି ପାରିବେ।

ଶୀତଋତୁରେ ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ଅଧିକ ଦେଖା ଯାଇଥାଏ। ଯଦି ଏପରି ସମସ୍ୟା ଦ୍ୱାରା ଆପଣ ଭୋଗ କରୁଛନ୍ତି ତେବେ ଆପଣ ନିୟମିତ ଶୁଣ୍ଠୀ ଗୁଣ୍ଡ ସେବନ କରି ଉଷୁମ ପାଣି ପିଅନ୍ତି ଏହାଦ୍ୱାରା ଗୁଣ୍ଠି ଯନ୍ତ୍ରଣା ରୁ ଆରାମ ମିଳିବ। ଯଦି ଆପଣଙ୍କ ଓଜନ ଅଧିକ ବୃଦ୍ଧି ହେଉଛି ତେବେ ଆପଣ ନିୟମିତ ଶୁଣ୍ଠୀ ଗୁଣ୍ଡ ସେବନ କରନ୍ତୁ। ତେଣୁ ଆପଣ ନିୟମିତ ଭାବରେ ଶୁଣ୍ଠ ସହିତ ଉଷୁମ ପାଣି ସକାଳୁ ସେବନ କରନ୍ତୁ। ଏହାଦ୍ୱାରା ଓଜନ ହ୍ରାସ ହୋଇଥାଏ।

# ବାପାର ବୁକୁ ଫଟା ଚିତ୍କାର !

## ମୋ ପୁଅକୁ ଫାଶୀ ଦିଅ, ତା ମୁହଁ ଚାହିଁବିନି ମୁଁ...

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନିଶା ପାଇଁ ପୁଅ ସାଜିଲା ସଇତାନ। ନିଶା ଖାଇବାକୁ ଟଙ୍କା ନଦେବାକୁ ମାଆକୁ ହତ୍ୟା କରି ଜାଳିଦେଲା ପୁଅ। ଭୁବନେଶ୍ୱର ବଡଗଡଥାନା ଅଂଚଳରେ ମାଆକୁ ପୁଅ ପୋଡି ମାରିଦେବା ଘଟଣା ରେ ତଦନ୍ତ କରିବା ସହ ଅଭିଯୁକ୍ତ ପୁଅକୁ ଗିରଫ କରିଛି ପୋଲିସ ଅଭୁଯୁକ୍ତ ପୁଅକୁ ଫାଶୀ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି। ସ୍ତ୍ରୀକୁ ହରାଇବା ପରେ ଏଭଳି କ୍ଷୋଭର ସହ କହୁଛନ୍ତି ଧୈର୍ଯ୍ୟହରା ସ୍ୱାମୀ। ହତ୍ୟାକାଣ୍ଡ ସ୍ଥଳରେ ବସି କାନ୍ଦୁଛନ୍ତି ବୁକୁ ଫଟା କାନ୍ଦ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଭୁବନେଶ୍ୱର ବଡଗଡ କଳିଙ୍ଗ ବସ୍ତିରେ ଥିବା ସେହି ଘରେ ଯେଉଁଠି ମାଆକୁ ହତ୍ୟା କରିବା ପରେ ପୋଡି ଦେଇଛି ଅଭିଯୁକ୍ତ ପୁଅ।




ଅଭିଯୋଗ ଅନୁଯାୟୀ ପୁଅ ପ୍ରଶାନ୍ତ ଜେନା ଓରଫ କାଳିଆ ନିଶା ଖାଇବା ପାଇଁ ମାଆ ରଶ୍ମିତା ଜେନାଙ୍କୁ ଟଙ୍କା ମାଗିଥିଲା ମାତ୍ର ମାଆ ଟଙ୍କା ନଦେବାକୁ ପୁଅ ଉତ୍କ୍ଷିପ୍ତ ହୋଇ ପ୍ରଥମେ ମାଆକୁ ମୁଣ୍ଡକୁ କାନ୍ଥରେ ପିଟି ଦେଇଥିଲା ପରେ ଏକ ରେଡିଓ ସାହାଯ୍ୟରେ ମୁଣ୍ଡକୁ ଛେଚି ଦେଇଥିଲା ଫଳରେ ଘଟଣାସ୍ଥଳରେ ମାଆରେ ମୃତ୍ୟୁ ଘଟିଥିଲା ପରେ ଆସବପତ୍ର ପକାଇ ଘର ଭିତରେ ହିଁ ମୃତଦେହ ଜାଳି ଦେଇଥିଲା ପୁଅ। ଅଭିଯୁକ୍ତ ପୁଅ ପୋଲିସ ଗରିଫ କରିବା ସହ ତନାଘନା ଚଳାଇଛି। ଅଭିଯୁକ୍ତ ପୁଅ ଜଣକ ପେଶାରେ ଡ୍ରାଇଭର। ମାତ୍ର ଦୀର୍ଘ ବର୍ଷରୁ କୌଣସି କାମ ନ କରିବା ସହ ନିଶା ସେବନ କରୁଥିଲା ନିଶା ଖାଇବା ପାଇଁ ମାଆ ଠାରୁ ନେଉଥିଲ ଟଙ୍କା ମାତ୍ର ମାଆ ଟଙ୍କା ଦେବାକୁ ମନା କରିବାରୁ ଏଭଳି କାଣ୍ଡ ଘଟାଇଛି ଅଭିଯୁକ୍ତ ପୁଅ ତା ବିରୋଧରେ ଲାଗିଛି ଦଫା ୩୦୨। ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀ ଏବଂ ମୃତଦେହ ଅବଶେଷ ଜବତ କରିବା ସହ ତଦନ୍ତ ଚଳାଉଛି ପୋଲିସ। ଟଙ୍କା ପାଇଁ ମାଆକୁ ପୁଅ ହତ୍ୟା କରିବା ଏବଂ ଘର ଭିତରେ ପୋଡିଦେବା ଘଟଣା ଅଂଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି।

# ହୋଣ୍ଡା ସାଇନ୍ ବିକ୍ରି ୧କୋଟି ଟପିଲା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ହୋଣ୍ଡାର ୧୨୫ସିସି ମୋଟରସାଇକଲ୍ ସାଇନ୍‌ର ବିକ୍ରି ୧କୋଟିରୁ ଅଧିକ ହୋଇଛି। ୨୦୦୬ରେ କଂପାନି ଏହି ବାଇକ୍‌କୁ ଭାରତୀୟ ବଜାରରେ ପ୍ରବେଶ କରାଇଥିଲା।୨୦୦୮ରେ ତାହା ଦେଶର ଏକ ନମ୍ବର ୧୨୫ ସିସି ମୋଟରସାଇକଲ୍‌ରେ ପରିଣତ ହୋଇଥିଲା ୨୦୧୦ରେ ସାଇନ ବିକ୍ରି ୧୦ଲକ୍ଷ, ୨୦୧୪ରେ ୩୦ଲକ୍ଷ,୨୦୧୭ରେ ୫୦ଲକ୍ଷ ଓ ୨୦୨୦ରେ ୯୦ଲକ୍ଷ ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ଏବେ ଏହାର ବିକ୍ରି ୧କୋଟିରୁ ଅଧିକ ହୋଇଛି। ଏଥିପାଇଁ ଗ୍ରାହକମାନଙ୍କୁ ହୋଣ୍ଡା



ମୋଟରସାକଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ଏମଡି ଓ ଆତସୁସି ଓଗାତା ଜଣାଇଛନ୍ତି। ସେହିପରି କଂପାନିର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ)ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି ଯେ ଦେଢ ଦଶନ୍ଧି ଭିତରେ ହୋଣ୍ଡା ସାଇନ ଦେଶର ଘରେ ଏକ ଲୋକପ୍ରୟି ମୋଟରସାଇକଲ୍‌ରେ ପରିଣତ ହୋଇପାରିଛି।

# ସତର୍କ ରହନ୍ତୁ ଶ୍ୱାସ ରୋଗୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପ୍ରତିଟି ଋତୁ ପରିବର୍ତ୍ତନ ସମୟରେ ଶ୍ୱାସ ରୋଗୀଙ୍କୁ ସତର୍କ ରହିବାକୁ ବିଶେଷଜ୍ଞ ପରାଶର୍ମ ଦିଅନ୍ତି। ଶୀତଦିନେ ଏହି ରୋଗୀଙ୍କ ସମସ୍ୟା ବଢିଯାଏ। ଥଣ୍ଡା ପରିବେଶରେ ଏମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରହିବା ଭଲ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଶ୍ୱାସ ରୋଗୀଙ୍କୁ ରୋଗୀଙ୍କୁ ଏହି ସବୁ ପରାମର୍ଶ ଦେଇଥାନ୍ତି।

ଇନ୍‌ହେଲର୍ ନିଜ ପାଖରେ ସବୁବେଳେ ରଖିବା ସହ କେଉଁ ଆଡକୁ ଯାତ୍ରା କରିବାର ଥିଲେ, ସାଙ୍ଗରେ ନେବାକୁ ଯେପରି ନ ଭୁଲିବେ।

୧. ଡାକ୍ତରଙ୍କଠାରୁ ଇନ୍‌ହେଲର୍ କେତେ ସମୟ ବ୍ୟବଧାନରେ ନେଇପାରିବେ,ସେସବୁ ଜାଣିରଖନ୍ତୁ।

୨. ଧୂଳି, ଧୂଆଁ ହେଉଥିବା ସ୍ଥାନରୁ ଶ୍ୱାସରୋଗୀ ନିଜକୁ ଦୂରେଇ ରଖନ୍ତୁ।

୩. ନିଜ ବିଛଣା ଚାଦର, ତକିଆକୁ ପରିଷ୍କାର ରଖିବା ଏହି ରୋଗୀଙ୍କ ପାଇଁ ଭଲ।

୪. ଯଥାସମ୍ଭବ ଉଷୁମ ପିଅନ୍ତୁ। ଶ୍ୱାସରୋଗୀ ଥଣ୍ଡା ପାଣିରେ ପିଅନ୍ତୁ। ଶ୍ୱାସରୋଗୀ ଥଣ୍ଡା ପାଣିରେ ଅଧିକ ସମୟ କାମ କଲେ ସେମାନଙ୍କ ସମସ୍ୟା ବଢିଯାଏ।

୫. ଘରେ ପୋଷାଜନ୍ତୁ ଥିଲେ, ସେମାନଙ୍କ ପାଖେ ଅଧିକ ସମୟ ରୁହନ୍ତୁ ନାହିଁ

# ବାରବାଟୀରେ ହେବନି ୱେଷ୍ଟଇଣ୍ଡିଜ୍ ଟି - ୨୦

**କଟକ(ସଂପର୍କବାର୍ତ୍ତା):-** ଶେଷଥର ପାଇଁ କଟକର ବାରବାଟୀରେ ୨୦୧୯ରେ ଆୟୋଜିତ ହୋଇଥିଲା ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍। ଏହା ମଧ୍ୟରେ ୨ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଆଉ ଆନ୍ତର୍ଜାତିକ ମ୍ୟାଚ୍ ଆୟୋଜନ କରିବା ସମ୍ଭବ ହୋଇନି। ତେବେ ଚଳିବର୍ଷ ଫେବୃଆରୀରେ ୱେଷ୍ଟଇଣ୍ଡିଜରେ ଭାରତ ଗସ୍ତ ଅବସରରେ ୧୫ ତାରିଖ ଦିନ ପ୍ରଥମ ଟି-୨୦ ମ୍ୟାଚ୍ ଖେଳାଯିବାର ସୂଚୀ ଘୋଷଣା କରାଯାଇଥିଲା। ମାତ୍ର କୋଭିଡର ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ୍ ବୋର୍ଡ଼ (ବି.ସି.ସିଆଇ) ଏବେ ଏହି ଶୃଙ୍ଖଳାକ କେବଳ ଦୁଇଟି ଭେନ୍ୟୁରେ ସୀମିତ ରଖିବାକୁ ଚିନ୍ତା କରିଛି। ସେ ଦୃଷ୍ଟିରୁ ଗୁରୁବାର ବି.ସିସିଆଇଣ ଟୁର ଆଣ୍ଡ ଫିକ୍ସଚର କମିଟି ଅହମଦାବାଦ ଓ କୋଲ୍‌କାତାକୁ ଭେନ୍ୟୁ ଭାବେ ସୁପାରିସ କରିଛନ୍ତି। ବୁଧବାର କମିଟି ବୈଠକରେ ଏହି ଦୁଇଟି ଭେନ୍ୟୁ ସଂପର୍କରେ ଆଲୋଚନା ହୋଇଥିଲା ଏବଂ ସନ୍ଧ୍ୟାରେ କମିଟି ତା'ର ସୁପାରିସିକୁ ବିସିସିଆଇ କାର୍ଯ୍ୟକର୍ତ୍ତାଙ୍କ ନିକଟକୁ ପଠାଇଦେଇଛି। ଉଭୟ ସଭାପତି ଓ

**ଅହମଦାବାଦ ଓ କୋଲ୍‌କାତା ପାଇଁ ବିସିସିଆଇ କମିଟିର ସୁପାରିସ**

ସଂପାଦକ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କମିଟି କହିଛି। ୱେଷ୍ଟଇଣ୍ଡିଜ୍ ଶୃଙ୍ଖଳାରେ ୩ ଲେଖାଏଁ ଦିନିକିଆ ଏବଂ ଟି-୨୦ମ୍ୟାଚ୍ ଖେଳିବାର ଥିଲା। ଫେବୃଆରୀ ୬, ୯ ଓ ୧୨ ତାରିଖରେ ଅହମଦାବାଦ, ଜୟପୁର ଓ କୋଲ୍‌କତାରେ ଦିନିକିଆ ମ୍ୟାଚ୍ ଏବଂ ୧୫, ୧୮ ଓ ୨୦ ତାରିଖରେ କଟକ, ବିଶାଖାପାଟଣା ଓ ତିରୁଅନନ୍ତପୁରମ୍‌ରେ ଟି-୨୦ ମ୍ୟାଚ ଖେଳାଯିବ ବୋଲ ସୂଚୀ ପ୍ରସ୍ତୁତ ହୋଇଥିଲା। କିନ୍ତୁ କୋଭିଡ ଯୋଗୁଁ ବିସିସିଆଇ ଭେନ୍ୟୁ କାଣ୍ଟଛାଣ୍ଟ କରିବାକୁ ସୁପାରିଶ କରିଥିଲା। ଆଉ ସେହି ସୁପାରିସ ଅନୁଯାୟୀ ଟୁର୍ ଆଣ୍ଡ୍ ଫିକ୍ସଚର କମିଟି ଅହମଦାବାଦ ଓ କୋଲ୍‌କାତାକୁ ବାଛିଛନ୍ତି। ଅନ୍ୟପକ୍ଷରେ ପୂର୍ବ ସୂଚୀ ମୁତାବକ ଭେନ୍ୟୁ ବଦଳିଲେ ବି ତାଙ୍କର କିଛି ଅସୁବିଧା ନାହିଁ ବୋଲି ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ବୋର୍ଡ଼ ସ୍ପଷ୍ଟ କରିସାରିଛି। ଫଳରେ ଅହମଦାବାଦ ଓ କୋଲ୍‌କାତା ଭେନ୍ୟୁ ନିର୍ଦ୍ଧାରିତ ହେଲେ କଟକର ବାରବାଟୀ ଷ୍ଟାଡ଼ିୟମ୍‌କୁ ଆନ୍ତର୍ଜାତିକ ମ୍ୟାଚ୍ ଆୟୋଜନ ସୁଯୋଗ ମିଳିବା ବିଳମ୍ବ ହେବ ବୋଲି ନିଶ୍ଚିତ ହୋଇଯାଇଛି।

# ରାତିରେ ବତୁରାଇ ସକାଳୁ ଖାଆନ୍ତୁ ; ପାଖମାଡିବନି ରୋଗ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କିଛି ଡ୍ରାଏଫ୍ରୁଟ୍ସକୁ ରାତିରେ ବତୁରାଇ ସକାଳେ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକର ହୋଇଥାଏ। ପୋଷକ ତତ୍ତ୍ୱରେ ଭରପୁର ଖାଦ୍ୟ ଆମକୁ କେବଳ ଉର୍ଜ୍ଜା ଦେଇଥାଏ ବରଂ ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । କିଛି ଡ୍ରାଏଫ୍ରୁକ୍ସ ସକାଳୁ ଖାଇବା ଉଚିତ। କିନ୍ତୁ ଏହାକୁ ରାତିରେ ବତୁରାଇ ସକାଳେ ଖାଇବା ଉଚିତ। ବିଶେଷଜ୍ଞଙ୍କ ଅନୁଯାୟୀ ବତୁରାଇବା ଦ୍ୱାରା ଏହା ସହଜରେ ହଜମହୋଇଥାଏ । ଏହା ପେଟ ସମସ୍ୟା, ଇମ୍ୟୁନିଟି, ଓଜନ କମ କରିବାରେ ଏବଂ ବିନ୍ଧା ଭଳି ସମସ୍ୟାରୁ ମୁକ୍ତି ପାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ଜାଣନ୍ତି କେଉଁ କେଉଁ ଜିନିଷକୁ ରାତିରେ ବତୁରାଇ ସକାଳେ ଖାଇବା ଉତ୍ତମ। ମେଥି; ଗଣ୍ଠି ବିନ୍ଧ ମହିଳାମାନଙ୍କ ମଧ୍ୟରେ ଏକ ସାଧାରଣ ସମସ୍ୟା ଏଥିପାଇଁ ମେଥିକୁ ରାତିରେ ବତୁରାଇ ଦିଅନ୍ତୁ ଓ ସକାଳୁ ଉଠି ତାକୁ ଖାଆନ୍ତୁ କିମ୍ବା ଏହାର ପାଣି ପିଅନ୍ତୁ। ଏହାଦ୍ୱାରା ଗଣ୍ଠି ଯନ୍ତ୍ରଣାରୁ ଆରାମ ମିଳିବ। ମେଥି ପେଟ ପାଇଁ ବହୁତ ଲାଭଦାୟକ। ଏହା କୋଷ୍ଠକାଠିନ୍ୟରୁ ମଧ୍ୟ ଆରାମ ଦେଇଥାଏ। ଏହା ମଧୁମେହ ରୋଗୀଙ୍କ ରୋଗୀଙ୍କୁ ପାଇଁ ମଧ୍ୟ ଲାଭଦାୟକ।



**କିସମିସ-**କିସମିସ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବହୁତ ଉପାଦେୟ। ଏଥିରେ ଭରପୁର ମାତ୍ରାରେ ଆଇରନ ଓ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ସ୍ୱାସ୍ଥ୍ୟ ପାଇଁ ଏହା ଏକ ବରଦାନ ସଦୃଶ। କିସମିସକୁ ବତୁରାଇ ସକାଳେ ଖାଇଲେ ତ୍ୱଚା ମଧ୍ୟ ଚିକ୍କଣ ହୋଇଥାଏ। ଅଧିକାଂଶ ମହିଳାଙ୍କ ମଧ୍ୟରେ ଆୟରନ ଅଭାବ ଦେଖାଦେଇଥାଏ। ବତୁରା ହୋଇଥିବା କିସମିସ ଆୟରନ ଅଭାବ ଦୂର କରିଥାଏ।

**ପେସ୍ତା-**ଅଧିକାଂଶ ଲୋକ ମସ୍ତିସ୍କକୁ ତୀକ୍ଷ୍ଣ ରଖିବାକୁ ସକାଳୁ ଉଠି ପେସ୍ତା ଖାଆନ୍ତି। ଏହି ମସ୍ତିସ୍କକୁ ରଖିଥାଏ। ମସ୍ତିସ୍କକୁ ସୁସ୍ଥ ରଖିବା ସହ ଏହା ଓଜନ କମ କରିବାରେ ମଧ୍ୟ ସାହାର୍ଯ୍ୟ କରେ। ପେସ୍ତାରେ ଭରପୁର ମାତ୍ରାରେ ମ୍ୟାଗନେସିୟମ ଅଛି ଯାହା ରକ୍ତଚାପଓ କୋଲେଷ୍ଟ୍ରାଲ ସମସ୍ୟା ଦୂର କରିବାର ସାହାଯ୍ୟ କରିଥାଏ।

# ଏହି ସ୍ୱଭାବର ସ୍ତ୍ରୀ-ମାନେ ନିଜ ସ୍ୱାମୀଙ୍କୁ କେବେ ଖୁସି କରିପାରନ୍ତି ନାହିଁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆଜି ଆମେ ଆପଣ ମାନଙ୍କୁ କହିବାକୁ ଯାଉଛୁ ମହିଳା ମାନେ କେଉଁ ସ୍ୱଭାବରେ ହୋଇଥାନ୍ତି ଓ କେତେ ପ୍ରକାରର ହୋଇଥାନ୍ତି ଆଉ ସେ ଗୁଡିକ କଣ କଣ। ସେହି ମହିଳାମାନଙ୍କର କିଛି ଖରାବ ଗୁଣ ବିଷୟ ରେ ଆଜି ଆମେ ଆପଣଙ୍କୁ କହିବାକୁ ଯାଉଛୁ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଗ୍ରହ ମାନଙ୍କର, ଚଳନି , ଗତି ଅବଧିକୁ ଦେଖି ବ୍ୟକ୍ତିର ଆଗତ ଭବିଷ୍ୟତ ବିଷ୍ୟୟରେ ସୂଚନା ମିଳିପାରେ। ସେହି ଜ୍ୟୋତିଶ ଶାସ୍ତ୍ରରେ ପୁରୁଷ ଓ ମହିଳା ମାନେ କେତେ ପ୍ରକାରର ହୋଇଥାନ୍ତି ତାହା ମଧ୍ୟ ସୂଚନା ଦିଆଯାଇଛି। ଆଜି ଆମେ ଆପଣଙ୍କୁ ଏମିତି କିଛି ମହିଳାଙ୍କ ବିଷୟରେ କହିବାକୁ ଯାଉଛୁ, ଯାହା ଆପଣ କେବେବି ଜାଣିନଥିବେ, ଆସନ୍ତୁ ଜାଣିବା



୧.ଚିତ୍ରିଣି ସ୍ତ୍ରୀ;- ଏମାନଙ୍କର ଆଖି ବହୁତ ବୁଦ୍ଧିମତି ହୋଇଥାଏ। ଏମାନେ ବହୁତ ଚଂଚଳ ପ୍ରକୃତିର ହୋଇଥାନ୍ତି।ଏହି ମହିଳା ମାନଙ୍କୁ ସଙ୍ଗୀତ, ନାଟକ ଓ ବିଭିନ୍ନ ପ୍ରକାର ଜିନିଷରେ ରୁଚି ହୋଇଥାଏ। ଏମାନେ ସଜେଇ ହେବାକୁ ବହୁତ ପସନ୍ଦ କରନ୍ତି। ଏମାନେ ଧାର୍ମିକ କାର୍ଯ୍ୟରେ ବହୁତ ରୁଚି ରହିଥାଏ। ଏମାନେ ବହୁତ ବୁଦ୍ଧିମତି ହୋଇଥାନ୍ତି।

୨.ମୁର୍ଗଣି ସ୍ତ୍ରୀ;- ଏମାନଙ୍କ ବୟସ ସୀମା ଦେଖି ମପା ହେଇପାରିବ ନାହିଁ। ଏମାନେ ଛୋଟ ଯୁବତୀଙ୍କ ପରି ସାଧା ହୋଇଥାନ୍ତି। ଏମାନଙ୍କ ଉଚ୍ଚତା ସାଧାରଣ ହୋଇଥାଏ, ଏମାନେ ବେସି ଡେଙ୍ଗା ନୁହେଁ କି ବେସି ଗେଡା ହୋଇନଥାନ୍ତି। ଏମାନଙ୍କର ନାକ ମୋଟା ବା ଲମ୍ବା ହୋଇଥାଏ। ଏମାନେ ସବୁବେଳେ ନିଜ ସ୍ୱାମୀ ଉପରେ ରାଗି ଥାଆନ୍ତି। ଏମାନେ ନିଜ ସହ ପରିବାର ସହିତ ସମୟ ଦେଖିବାକୁ ହୋଇଥାନ୍ତି। ଏମାନଙ୍କର ଆଖି ବଡ ବଡ ହୋଇଥିଲା ବେଳେ ଏମାନଙ୍କର ହାତ ଗୋଡ ଛୋଟ ଛୋଟ ହୋଇଥାଏ ଏମାନେ ବହୁତ କଠୋଇ ଶବ୍ଦ ବ୍ୟବହାର କରିଥାନ୍ତି । ଏମାନେ ନିଜ ସ୍ୱାମୀ ଠାରୁ ପର ପୁରୁଷ ଏମାନଙ୍କୁ ଭଲ ଲାଗନ୍ତି।

୩. ପଦ୍ମିନି ସ୍ତ୍ରୀ ଏମାନେ ବହୁତ ସୁନ୍ଦର ଓ ଆକର୍ଷକ ଏମାନଙ୍କର ଆଖି ବହୁତ ବଡ ବଡ ହୋଇଥାଏ। ଏମାନଙ୍କୁ ସମାଜରେ ବହୁତ ପ୍ରଶଂସା ମିଳିଥାଏ । ଏମାନେ ସମସ୍ତଙ୍କ ସହିତ ମିଳି ମିଶି ଚଳନ୍ତି। କହିବାକୁ ଗଲେ ଏମାନେ ନିଜ ଗୁଣ ପାଇଁ ସମସ୍ତଙ୍କର ପ୍ରିୟ ହୋଇଥାନ୍ତି

୪.ସଖିନୀ ସ୍ତ୍ରୀ ;-ଏମାନେ ଦେଖିବାକୁ ପ୍ରାୟତଃ ଅତିବାହିତ କରିବାକୁ ଓସନ୍ଦ କରନ୍ତି ନାହିଁ। ଏମାନେ ସମସ୍ତଙ୍କୁ ଦ୍ୱାରା ପାତ୍ର ବୋଲି ଭାବିଥାନ୍ତି। ଏମାନଙ୍କ ଜୀବନ ସୀମା ବହୁତ ଲମ୍ବା ହୋଇଥାଏ ଏବଂ ଏମାନଙ୍କ ଶେଷ ସମୟ ବହୁତ କଠିନ ଓ କଷ୍ଟ ଦାୟକ ହୋଇଥାଏ।

୫.ହଂସିନି ସ୍ତ୍ରୀ;- ଏମାନେ ବହୁତ ଗୋରା ଅଳସୁଆ ହୋଇଥାନ୍ତି। ଏମାନେ ବ ହୁତ ସୁନ୍ଦର ପୁରୁଷଙ୍କୁ ବିବାହ କରିଥାନ୍ତି। ଏମାନଙ୍କର ପ୍ରାୟତଃ ପୁତ୍ର ସନ୍ତାନ ପ୍ରାପ୍ତି ହୋଇଥାଏ। ଏମାନେ ସମୟ ହିସାବରେ ନିଜେ ପରିବର୍ତ୍ତନ ହୋଇଥାନ୍ତି। ଏମାନେ ଅଳସୁଆପଣ ପାଇଁ ସବୁବେଳେ ଅସୁବିଧା ରେ ସମ୍ମୁଖୀନ ହୋଇଥାନ୍ତି।

# ଯୁବକମାନଙ୍କର ଶତ୍ରୁ ଅଟେ ଏହି ୩ଟି ଅଭ୍ୟାସ, କରିଦେଇଥାଏ ଜୀବନକୁ ନଷ୍ଟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଯୁବାବସ୍ଥା ଜୀବନର ଗୋଟିଏ ମହତ୍ୱପୁର୍ଣ୍ଣ ସମୟ ଅଟେ। ଏହି ସମୟରେ ବ୍ୟକ୍ତି ନିକଟରେ ଶକ୍ତି, ସାମର୍ଥ୍ୟ ସାହସ ଓ କାର୍ଯ୍ୟ କରିବାର ନିଶା ଛାଇ ରହିଥାଏ। ତେଣୁ ପ୍ରତିଟି ମଣିଷକୁ ଯୁବାବସ୍ଥାର ଗୁରୁତ୍ୱକୁ ବୁଝିବା ଆବଶ୍ୟକ ଓ ନିଜ ଲକ୍ଷ ପ୍ରତି ମଧ୍ୟ ଗମ୍ଭୀର ହେବା ଆବଶ୍ୟକ। ଶାସ୍ତ୍ର ଅନୁସାରେ ମଧ୍ୟ କୁହାଯାଇଛି ଯେ ଯଦି ଆପଣ ନିଜର ଯୁବାବସ୍ଥାକୁ ଠିକ ଭାବରେ ବୁଝି ନଥାଆନ୍ତି ତେବେ ଆପଣ ଜୀବନରେ ପଶ୍ଚାତାପ କରିବା ଛାଡ ଆଉ କିଛି ନଥାଏ। ଯୁବାବସ୍ଥା ରେ ବ୍ୟକ୍ତି ଯାହା କିଛି ଅର୍ଜନ କରିଥାଏ ବନ୍ଧୃ ବୟସରେ ତାରା ସାହାରା ହୋଇଥାଏ ତେଣୁ ବ୍ୟକ୍ତି ସର୍ବଦା ନିଜର ଯୁବାବସ୍ଥାକୁ ନେଇ ସଚେତନ ରହିବା ଆବଶ୍ୟକ। ଯଦି ଯୁବକ ଠିକ ଭାବରେ ନିଜର ରଣନୀତି କୁ ବୁଝି ସୁଝି କାର୍ଯ୍ୟ କରି ପାରିଥାଏ ତେବେ ସିଏ ଭବିଷ୍ୟତରେ ସୁଖରେ ରହିଥାଏ।



୧.ପ୍ରଥମ ଅଭ୍ୟାସଟି ହେଲା ଆଳସ୍ୟ –ଜଣେ ଯୁବକ କେବେବି କେବେବି ଆଳସ୍ୟ ଭାବି ପ୍ରକାଶ କରିବା ଉଚିତ ନୁହେଁ। କାରଣ ଆଳସ୍ୟ ଭାବି ଜୀବନରେ ଉନ୍ନତି କରିବାକୁ ଦେଇ ନଥାଏ ଓ ମଣିଷକୁ ପଙ୍ଗୁ କରି ଦେଇଥାଏ। ଜଣେ ଯୁବକ ନିଜ ବୁଦ୍ଧି ଓ ପରିଶ୍ରମ ବଳରେ ଯେଉଁ କାର୍ଯ୍ୟକୁ ଠିକ୍ ଭାବରେ କରିଥାଏ ତାହା ଜଣେ ମଧ୍ୟ ବୟସ୍କ ବ୍ୟକ୍ତି ନିକଟରେ କରିବା ସମ୍ଭବ ହୋଇ ନଥାଏ। ଯେଉଁ ବ୍ୟକ୍ତି ଅଳସୁଆସେ କଦାପି ସମୟର ମୂଲ୍ୟକୁ ବୁଝି ନଥାଏ।

୨.ଗୁରୁଜନଙ୍କ କଥାକୁ ଗୁରୁତ୍ୱ ନଦେବା- ଆମ ଗୁରୁଜନ ମାନେ ସର୍ବଦା ଆମର ଦିଗଦର୍ଶକ। ସେମାନେ ଆମକୁ ଠିକ କଥା କହିବା ସହିତ ଠିକ ରାସ୍ତା ଦେଖାଇ ଥାଆନ୍ତି। ତେଣୁ ତାଙ୍କ କଥାକୁ ଗୁରୁତ୍ୱ ଦେବା ସହିତ ଠିକ ଭାବରେ କାର୍ଯ୍ୟରେ ସମୟକୁ ବିନିଯୋଗ କରିବା ଉଚିତ। ଗୁରୁଜନ ମାନେ ଆମକୁ ସର୍ବଦା ଭଲ ସଂଗରେ ରହିବାଲୁ ପରାମର୍ଶ ଦିଅନ୍ତି। ତାହା ପ୍ରତିଟି ଯୁବକ ମାନି ରଖିବା ଆବଶ୍ୟକ।

୩.ନିଶା ପ୍ରତି ମନ ବଳାଇବା-ଆଜିକାଲିର ଯୁବ ଗୋଷ୍ଠୀ ନିଶା ଆଡକୁ ଅଧିକ ଆକର୍ଷିତ ହେଉଛନ୍ତି। ଯାହା ତାଙ୍କ ଗୋଟିଏ ଚିନ୍ତାର କାରଣ ଅଟେ। ଯେଉଁ ଯୁବକ ମାନେ ନିଶାରେ ବଡି ରହି ଶାରୀରିକ ଓ ମାନସିକ ଉଭୟ ଦ୍ୱାରା ଦୁର୍ବଳ ହୋଇ ଯାଉଛନ୍ତି ସେମାନେ ସଚେତନ ରହିବା ଆବଶ୍ୟକ। କାରଣ ନିଶା ଜଣେ ବ୍ୟକ୍ତିକୁ ଖରାପ ବାଟରେ ନେଇ ଯାଇଥାଏ।

# ଗାଧୋଇବା ବେଳେ ଏହି ଉପାୟରେ ସଫା କରନ୍ତୁ ଚୁଟି, ଗୋଟେ ବି ଉପୁଡିବନି


**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସୁନ୍ଦର କେଶ ପାଇଁ ଏହାର ଯତ୍ନ ନେବା ଖୁବ୍ ଜରୁରୀ ଭୁଲ ଢଙ୍ଗରେ ଚୁଟି ଧୋଇବା ଓ ଅଧିକ ହେୟାର ପ୍ରଡକ୍ଟ ବ୍ୟବହାର କରିବା ଦ୍ୱାରା ଚୁଟି ନଷ୍ଟ ହେବା ଆଶାଙ୍କା ରହିଛି। ଏହା ଦ୍ୱାରା ରୁଟି ସହ ଜଡିତ ସମସ୍ୟା ବି ଦେଖାଯାଏ। ଆଜି ଆସନ୍ତୁ ଜାଣିବା ଚୁଟିକୁ ଡ୍ୟାମେଜ୍ ହେବାରୁ ବଂଚାଇବାକୁ କେମିତି ଧୋଇବେ ସେ ବିଷୟରେ ଚୁଟିକୁ ସାମ୍ପୋ କରିବା ବେଳେ ଠିକ୍ ଭାବେ ଧୋଇବା ଉଚିତ ଏମିତି ନ କଲେ ଚୁଟି ଖରାପ ହେବା ସମ୍ଭାବନା ରହିଛି। ଚୁଟିକୁ ସାମ୍ପୋ କରିବା ପୂର୍ବରୁ ଷ୍ଟିମ୍ ନିଅନ୍ତୁ । ଷ୍ଟମି ନେବା ପରେ ହାଲକା ହାତରେ ମସାଜ କରନ୍ତୁ। ଚୁଟି ଧୋଇବା ପାଇଁ ଅଧିକ ଥଣ୍ଡା କିମ୍ବା ଅଧିକ ଗରମ ପାଣି ବ୍ୟବହାର କରନ୍ତୁ ନାହିଁ। ସବୁବେଳେ ନର୍ମାଲ ପାଣିରେ ହିଁ ଚୁଟି ସଫା କରନ୍ତୁ। ସପ୍ତାହକୁ ଦୁଇ ଥର ହିଁ ଚୁଟି ସଫା କରିବା ଭଲ। ଏହା ଦ୍ୱାରା ଚୁଟି ଝଡିବ।



ଏମିତି ବ୍ୟବହାର କରନ୍ତୁ କଣ୍ଡିସନର;
ଚୁଟିକୁ ସାମ୍ପୋ କରିବା ପରେ ଅଳ୍ପ କଣ୍ଡିସନର ବ୍ୟବହାର କରନ୍ତୁ। କଣ୍ଡିସନରକୁ ଅଧିକ ମାତ୍ରାରେ ବ୍ୟବହାର କଲେ ଚୁଟି ଝଡିବା ଆଶଙ୍କା ରହିଛି। ତେବେ ଧ୍ୟାନ ରଖିବେ କଣ୍ଡିସନର ଯେମିତି ତାଳୁରେ ନ ଲାଗିଲେ ଚୁଟି ଉପୁଡିବା ସମ୍ଭାବନା ବଢିଯାଏ।

ଅଧିକ ସମୟ ଯାଏଁ ଚୁଟି ଧୁଅନ୍ତୁ ନାହିଁ;
ଅଧିକ ସମୟ ଯାଏଁ ଚୁଟି ଧୋଇଲେ ତାହା ଅଧିକ ପରିଷ୍କାର ହୋଇଯାଏ ବୋଲି ଲୋକ ଭାବନ୍ତି। କିନ୍ତୁ ପ୍ରକୃତରେ ସେମିତି ନୁହେଁ। ଅଧିକ ସମୟ ଚୁଟି ଧୋଇଲେ ତାହା ଦୁର୍ବଳ ଉପୁଡିଥାଏ।

ଚୁଟିକୁ ଏମିତି ଶୁଖାନ୍ତୁ ଚୁଟି;
ଚୁଟିକୁ ଧୋଇବା ପରେ ଓ କଣ୍ଡିସନର ଲଗାଇବା ପରେ ଶୁଖାଇବା ଜରୁରୀ ସବୁବେଳେ ସୂତା ଗାମୁଛାରେ ଚୁଟି ଶୁଖାନ୍ତୁ। ଏମିତି କଲେ ଚୁଟି ଶୁଷ୍କ ହେବନି ଓ ପ୍ରାକୃତିକ ତୈଳାଂଶ ବଜାୟ ରହିବ। ଚୁଟି ଶୁଖାଇବାକୁ କେବେ ବି ଡ୍ରାୟର ବ୍ୟବହାର କରନ୍ତୁ ନାହିଁ। ଗରମ ପବନ ଯୋଗୁ ଚୁଟି ନଷ୍ଟ ହେବା ସମ୍ଭାବନା ରହିଛି।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

www.samparkabarta.in

ODIA WEEKLY

ପୃଷ୍ଠା ୮




| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ପୁରସ୍କାର ପ୍ରଦାନରେ ଦୁର୍ନୀତି ! ୪ମାସ ତଳୁ ଘୋଷଣା କିନ୍ତୁ ମିଳିନାହିଁ ପୁରସ୍କାର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଯେତେ ଲୁଚେଇକେ ବି ବିଭାଗରୁ ଦୁର୍ନୀତିମାନ ଲୁଚୁ ନାହାନ୍ତି । କେଉଁ ନା କେଉଁ ବାଟରେ ବନ ବିଭାଗର ଦୁର୍ନୀତି ଫୁଟି ପଦାକୁ ବାହାରି ପଡୁଛି । ଆଜି ଯେଉଁ ଦୁର୍ନୀତି କଥା ଉନ୍ମୋଚନ କରିବାକୁ ଯାଉଛୁ ତାହା ହେଲା ଏମିତି ଏକ ପୁରସ୍କାର ଯାହାକି ଗତ୨୦୨୧ ଅକ୍ଟୋବର ମାସରୁ ଦିଆ ସରିଛି ବୋଲି ସରକାରୀ ତଥ୍ୟ କହୁଛି । ହେଲେ ପୁରସ୍କୃତ ହେଇଥିବା ଲୋକ କିନ୍ତୁ ତାହା ଦୀର୍ଘ ୪ମାସ ବିତିଗଲେ ମଧ୍ୟ ଏଯାବତ ତାହା ପାଇ ନାହାନ୍ତି । ସେଇ ପୁରସ୍କାର ଟି ହେଲା ବନ ବିଭାଗ ପ୍ରତିବର୍ଷ ପ୍ରଦାନ କରୁଥିବା ସବ ଡିଭିଜନ ସ୍ତରୀୟ ପଟ୍ଟନାୟକ ବନ୍ୟ ପ୍ରାଣୀ ସଂରକ୍ଷଣ ପୁରସ୍କାର । ୨୦୨୧ମସିହା ଅକ୍ଟୋବର ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ଡସକ୍ଷୟସଲର ଓଡିଶା-୨୯୨୧ପୁସ୍ତକର ୧୪୯ପୁସ୍ତକର ୧୪୯ଓ ୧୫୦ପୃଷ୍ଠା ସାରା ରାଜ୍ୟର ବିଭିନ୍ନ ବନଖଣ୍ଡ ଅଧୀନରେ ୩୮ଜଣଙ୍କୁ ଡିଭିଜନ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟ ପ୍ରାଣୀ ସଂରକ୍ଷଣ ପୁରସ୍କାର । ୨୦୨୧ପ୍ରଦାନ କରାଯାଇଛି ବୋଲି ପ୍ରକାଶ ହୋଇଥିଲା ଏହିକ୍ରମରେ ସମ୍ବଲପୁର ସର୍କଲ ଅଧୀନସ୍ଥ ଝାରସୁଗୁଡା ଡିଭିଜନରେ ବାବୁଲ କୁମାର ରାଉତଏହି ପୁରସ୍କାର ପାଇଛନ୍ତି ବୋଲି ଲେଖା ଯାଇଛି । ଅନ୍ୟ ସମସ୍ତ ପୁରସ୍କାର ବିଜେତା ମାନଙ୍କୁ ଗତ ବର୍ଷ ଅକ୍ଟୋବର ୨ରୁ ୮ତାରିଖ ମଧ୍ୟରେ ବନ୍ୟ ପ୍ରାଣୀ ସପ୍ତାହ ପାଳନ ଅବସରରେ ଏହି ସବ ଡିଭିଜନ ସ୍ତରୀୟ ବିଜୁ ପଟ୍ଟନାୟକ ଦିଆଯାଇଥିଲା ହେଲେ ଆଶ୍ଚର୍ଯ୍ୟ ର କଥା ବାବୁଲ ଙ୍କୁ ଏହି ପୁରସ୍କାର ପାଇଛନ୍ତି ବୋଲି ଯାଇଛି । ଅନ୍ୟ ସମସ୍ତ ପୁରସ୍ଲାର ବିଜେତା ମାନଙ୍କୁ ଗତ ବର୍ଷ ଅକ୍ଟୋବର ୨ରୁ ୮ତାରିଖ ମଧ୍ୟରେ ବନ୍ୟ ପ୍ରାଣୀ ସପ୍ତାହ ପାଳନ ଅବସରରେ ଏହି ସବ ଡିଜିଜନ ସ୍ତରୀୟ ବିଜୁ ପଟ୍ଟନାୟକ ଦିଆଯାଇଥିଲା ହେଲେ ଆଶ୍ଚର୍ଯ୍ୟର କଥା ବାବୁଲଙ୍କୁ ଏହି ପୁରସ୍ଲାର ଏଯାଏଁ ଦିଆ ଯାଇନାହିଁ । ଏନେଇ ବାବୁଲ କୁହନ୍ତି ମୋ ନାମ ସେଇ ପୁରସ୍କାର ପାଇଁ ଚୟନ ହୋଇଛି ବୋଲି ସେପ୍ଟେମ୍ବର ମାସରେ ଝାରସୁଗୁଡା ଡିଏଫଓ ନିଜେ ଫୋନ କରି ମୋତେ ଜଣେଇ ଥିଲେ । ହେଲେ ତା ପରେ ଆଉ କଣ ହେଲା ମୁଁ ଜାଣିନି । ମୁଁ ଭାବିଥିଲେ କରୋନା କଟକଣା ପାଇଁ ହୁଏତ ସେଇ ପୁରସ୍କାର ପ୍ରଦାନ ରଖାଯାଇଛି । ହେଲେ ମୁଁ ସେଇ ପୁରସ୍କାର ଗତ ଅକ୍ଟୋବର ପାଇ ସାରିଛି ବୋଲି ଶୁଣିବା ପରେ ଆଶ୍ଚର୍ଯ୍ୟ ଲାଗୁଛି । ପ୍ରକୃତରେ ମୋତେ ସେଇ ପୁରସ୍କାର କେବେ ବି ମିଳିନାହିଁ । ଏନେଇ ଝାରସୁଗୁଡା ଡିଏଫଓଙ୍କୁ ବାରମ୍ବାର ଫୋନ ଯୋଗେ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠେଇନଥିଲେ । ଉଲ୍ଲେଖଯୋଗ୍ୟ, ପ୍ରତି ବର୍ଷ ରାଜ୍ୟରେ ବନ୍ୟ ପ୍ରାଣୀ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବନ ବିଭାଗ ତରଫରୁ ସବ ଡିଭିଜନ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟ ପ୍ରାଣୀ ସଂରକ୍ଷଣ ପୁରସ୍ଲାର ପ୍ରଦାନ କରିଥାଏ । ଏହି ପୁରସ୍କାର ବାବଦରେ ବିଜୟୀ ପ୍ରାର୍ଥୀଙ୍କୁ ଏକ ସାର୍ଟିଫିକେଟ ଓ ୫୦୦୦ଟଙ୍କାର ଚେକ ଦିଆଯାଇଥାଏ । ହେଲେ ବାବୁଲଙ୍କ କ୍ଷେତ୍ରରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି ।ଯଦିଓ ବନ ବିଭାଗ ମୋ ସରକାର ଓ ୫ଟି ଅଧୀନରେ ଆସୁଅଛି ହେଲେ ବିଜୁ ବାବୁଙ୍କ ନାମରେ ଚାଲୁଥିବା ସରକାର ରେ ଖୋଦ ବିଜୁ ବାବୁଙ୍କ ନାମରେ ଦିଆଯାଉଥିବା ପୁରସ୍କାର ଟଙ୍କା ବି ହଡପ କରିବାକୁ ପଛେଇଲେ ନାହିଁ ଝାରସୁଗୁଡା ବନଖଣ୍ଡ କର୍ମଚାରୀ । ଏଣୁ ଯଥାଶୀଘ୍ର ବାବୁଲ ଙ୍କୁ ସସମ୍ମାନେ ଏଇ ପୁରସ୍କାର ପ୍ରଦାନ କରିବାକୁ ସାଧାରଣରେ ଦାବୀ କରାଯାଉଛି ।

# ୨ୟ ଡୋଜ୍ ପାଇଁ ସାମ୍ବାଦିକଙ୍କ ଲାଗି ହେବ ସ୍ୱତନ୍ତ୍ର ବ୍ୟବସ୍ଥା



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଟିକାକରଣ ନେଇ ପ୍ରତିକ୍ରିୟା ରଖିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ । ସେ କହିଛନ୍ତି ଯେତେଶୀଘ୍ର ସମ୍ଭବ ଟିକାକରଣ ଶେଷ କରାଯିବ । ସାମ୍ବାଦିକମାନଙ୍କୁ କୋଭିଡ ଯୋଦ୍ଧା ଭାବେ ପରିଗଣିତ କରାଯାଉଛି । ଯେଉଁମାନେ ଦ୍ୱିତୀୟ ଡୋଜ ନେବାର ୯ମାସ ହୋଇଥିବ ସେମାନେ ପ୍ରିକସନ୍ ଡୋଜ ନେଇପାରିବେ । ପ୍ରିକସନ୍ ଡୋଜ୍ ନେବା ପାଇଁ ଆବଶ୍ୟକ ପଡିଲେ ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ବର୍ତ୍ତମାନ ସୁଦ୍ଧା ମୋଟ୍ ୫କୋଟି ୪୯ଲକ୍ଷ ୮ହାଜର ୬୧୯ଡୋଜ ଟିକା ଦିଆଯାଇଛି । ସେଥିରୁ ପ୍ରଥମ ଡୋଜ ୩କୋଟି ୧୪ଲକ୍ଷ ୧ହଜାର ୧୪୧ଉଭୟ ଡୋଜ ୨କୋଟି ୩୨ଲକ୍ଷ ୧୯ହଜାର ୨୯୭, ୧୫ରୁ ୧୮ବର୍ଷ ବୟସ୍କଙ୍କୁ ୧୧ଲକ୍ଷ ୭୯ହଜାର ୪୫୨ଡୋଜ ଟିକା ବା ଲକ୍ଷ୍ୟର ୫୦ପ୍ରତିଶତ ଏବଂ ୨ଲକ୍ଷ ହଜାର ୧୮୧ପ୍ରିକସନ୍ ଡୋଜ ଦିଆଯାଇଛି ବୋଲି ବିଜୟ ପାଣିଗ୍ରାହୀ କହିଛନ୍ତି ।

# ତଣ୍ଟିରେ ରହୁଛି ଓମିକ୍ରନ୍- ସ୍ୱାସ୍ଥ୍ୟ ବିଶେଷଜ୍ଞ



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓମିକ୍ରନ୍‌ରେ ସଂକ୍ରମିତ ହେବା ପରେ ଶରୀର ଉପରେ ଏହାର ପ୍ରଭାବ କିପରି ରହିଥାଏ ଏନେଇ ନେଇ ବିଭିନ୍ନ ପରାମର୍ଶ ଦେଇନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ଛାତିରୋଗ ବିଶେଷଜ୍ଞ ଡାକ୍ତର ଜ୍ୟୋତି ପଟ୍ଟନାୟକ କହିଛନ୍ତି ଯେ ବି ଅନେକ ଲୋକ ଡେଲଟାରେ ଆକ୍ରାନ୍ତ ହେଉଛନ୍ତି । ଅକ୍ସିଜେନ୍ ସ୍ତର ୯୩%ତଳକୁ ଖସିରେ ହସ୍ପିଟାଲରେ ଆଡମିଶନ କରାଯାଉଥିବା ସେ କହିଛନ୍ତି । ସେହିପରି ଓମିକ୍ରନ୍ ତଣ୍ଟିରେ ରହୁଛି, ଛାତିକୁ ଯାଉନି । ତେଣୁ ରୋଗୀ ହେଉନି ବୋଲି ସେ କହିଛନ୍ତି । ଲକ୍ଷଣ ଥିଲେ ବି ଯଦି ଅକ୍ସିଜେନ୍ ସ୍ତର ଠିକ୍ ଅଛି , ଘରେ ରହି ଚିକିତ୍ସା ଚାଲିପାରିବ । କୌଣସି ଟିକା ଏମିତି ନାହିଁ, ଯାହା ଶତପ୍ରତିଶତ ସୁରକ୍ଷା ଦେବ ବୋଲି ସେ କହିଛନ୍ତି । ଯାହାର ବହୁବିଧ ରୋଗ ଥିବ, ସେମାନଙ୍କ ଇମ୍ୟୁନିଟି ବହୁତ କମ୍ ଥାଏ । ସେହି ଲୋକମାନଙ୍କ କ୍ଷେତ୍ରରେ ଟିକା ନେଲେ ବି ସଂକ୍ରମଣ ସମ୍ଭାବନା ବେଶି । ତେଣୁ ଟିକା ନେଲା ପରେ ବି ମାସ୍କ,ସାନିଟାଇଜେସନ୍ ନିହାତି ମାନିବା ଉଚିତ ବୋଲି ସେ କହିଛନ୍ତି । ରାଜ୍ୟରେ ଗତକାଲି ଆଉ ୧୪୫ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ୨୪୯ଟି ସାମ୍ପଲର ଜିନମ ସିକ୍ୟୁଏନ୍ସିଂରୁ ୧୪୫ଚିହ୍ନଟ ହୋଇଥିଲେ । ଏହାକୁ ମିଶାଇ ରାଜ୍ୟରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୩୪୭ରେ ପହଂଚିଛି ।

# ୫ବର୍ଷରୁ କମ୍ ବର୍ଗଙ୍କୁ ଦରକାର ନାହିଁ ମାସ୍କ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ କରୋନା ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ । ରାଜ୍ୟରେ ବଢୁଥିବା କରୋନା ସ୍ଥିତି ଏବଂ ପିଲାଙ୍କଠାରେ ସଂକ୍ରମଣକୁ ନେଇ କଟକ ଶିଶୁଭବନ ବିଶେଷଜ୍ଞ ଡାକ୍ତର ଅଗ୍ରଓାଲଙ୍କ ପରାମର୍ଶ । ଡାକ୍ତର ଅଗ୍ରଓାଲ କହିଛନ୍ତି ଓମିକ୍ରନର ସଂକ୍ରମଣ କ୍ଷମତା ଅଧିକ ହୋଇଥିଲେବି ଏହା ହେଲେ ଗୁରୁତ୍ୱର କରୁନାହିଁ ।

ପ୍ରଥମ ଓ ୨ୟ ଲହର ବେଳେ ପ୍ରାୟ ୧୫%ପିଲା ସଂକ୍ରମିତ ହୋଇଥିଲେ, ବର୍ତ୍ତମାନର ରିପୋର୍ଟ ଅନୁସାରେ ୧୦ରୁ୨୦% ପିଲା ସଂକ୍ରମିତ ହେଉଛନ୍ତି । ବର୍ତ୍ତମାନ ଚିହ୍ନଟ ହେଉଥିବା ପିଲାଙ୍କ ମଧ୍ୟରୁ ୯୫%ପିଲା ସାମାନ୍ୟ ଲକ୍ଷଣଯୁକ୍ତ, ୪%କାଶ ଥଣ୍ଡା ହୋଇ ହସ୍ପିଟାଲ ଆସନ୍ତି, ୧%ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି । ସାଧାରଣ କାଶଥଣ୍ଡା ଭଳି ପିଲାମାନଙ୍କୁ କରୋନା ହେବ । କେତେବେଳେ ପିଲା କରୋନା ଆକ୍ରାନ୍ତ ହୋଇସୁସ୍ଥ ହୋଇଯିବେ ଜଣାପଡିବନି । ୭୫%ପିଲା ଆକ୍ରାନ୍ତ ହୋଇଥିଲେ ବି ଲକ୍ଷଣ ଦେଖାଯିବନି । ୨୦%ପିଲାଙ୍କ ପାଖରେ କରୋନାର ଲକ୍ଷଣ ଦେଖାଯିବ । କୋଭିଡର ୨ପ୍ରକାର ଲକ୍ଷଣ ଦେଖିବାକୁ ମିଳୁଛି । କାଶ ଛିଙ୍କ, ଥଣ୍ଡା ଓ ଦ୍ୱିଓାତୀୟରେ ପତଳା ଝାଡା ବେଳେବେଳେ ପିଲାଙ୍କ ଠାରୁ ଜ୍ୱର ରହିବ, ମଣ୍ଡବ୍ୟଥା ରହିବ । ପିଲାଙ୍କୁ ଜ୍ୱର ହେଲେ ପ୍ରଥମ ଦିନ ୧ପାରାସିଟାମଲ୍ ଦେବାକୁ ପରାମର୍ଶ । ପିଲାଙ୍କ ମଧ୍ୟରେ ୧୨ରୁ୧୮ବର୍ଷ ବର୍ଗଙ୍କୁ ସଂକ୍ରମଣ ହେବା ସମ୍ଭାବନା ଅଧିକ । ଛୋଟ ପିଲାଙ୍କୁ ପିଲାଙ୍କୁ ସଂକ୍ରମଣ ହେବା ସମ୍ଭାବନା ବହୁତ କମ୍ ଡାକ୍ତର ଅଗ୍ରଓାଲ । ୫ବର୍ଷରୁ କମ୍ ପିଲାମାନଙ୍କୁ ମାସ୍କ ପିନ୍ଧାଇବା ଦରକାର ନାହିଁ । ପିଲାଙ୍କ ଇମ୍ୟୁନିଟି ଅଧିକ ଭଲ ତେଣୁ ସେମାନଙ୍କୁ ସଂକ୍ରମଣ ହେବା ଆଶଙ୍କା କମ୍ । ପିଲାଙ୍କର ଯଦି ଅନ୍ୟ କିଛି ଟିକା ବାକି ଥାଏ ଦେଇଦେବାକୁ ପରାମର୍ଶ । ଅନ୍ୟ ଟିକା କେବେ ସଂପୃକ୍ତ ରୋଗକୁ ରୋକିବନି ବରଂ କରୋନାକୁ ବି ଦୂରେଇବ ବୋଲି କହିଛନ୍ତି ଡାକ୍ତର ଅଗ୍ରଓାଲ କହିଛନ୍ତି ।

# ଏସ୍‌ୟୁସିଆଇ(ସି)ର କଟକ ଜିଲ୍ଲା ଜୋନ ନମ୍ବର ୭ ଜିଲ୍ଲା ପରିଷଦ ପ୍ରାର୍ଥିପତ୍ର ଦାଖଲ

**କଟକ(ସଂପର୍କବାର୍ତ୍ତା):-** ଏସ୍ ୟୁ ସି ଆଇ (କମ୍ୟୁନିଷ୍ଟ) ଦଳ ପକ୍ଷରୁ କଟକ ଜିଲ୍ଲା ସଦର ବ୍ଲକ ୭ ନମ୍ବର ଜୋନ ପାଇଁ ଉର୍ମିଳ ବେହେରା ଉପଜିଲ୍ଲପାଳ କାର୍ଯ୍ୟାଳୟରେ ପାର୍ଥୀପତ୍ର ଦାଖଲ କରିଛନ୍ତି । ପ୍ରାର୍ଥୀ ଉର୍ମିଳା ବେହେରା ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି ଯେ କେନ୍ଦ୍ର ସ ରାଜ୍ୟ ସରକାରମାନେ କ୍ରମାଗତଭାବେ ଜନବିରୋଧୀ କୃଷି ନୀତି ଫଳରେ କୃଷିକ୍ଷେତ୍ର ଓ କୃଷକ ଘୋର ସମସ୍ୟାରେ ହାହାକାର କରୁଛନ୍ତି । ଚାଷବାଷରୁ ଜୀବିକା ନିର୍ବାହ ଦୁର୍ବହ ହୋଇ ପଡ଼ିଥିବାରୁ, ଗାଁ ମାନଙ୍କରୁ ବହୁ ଲୋକ ଓ ଯୁବବର୍ଗ ଦାଦନ ଶ୍ରମିକ ହେବାକୁ ବାଧ ହେଉଛନ୍ତି । ସ୍ୱାସ୍ଥ୍ୟସେବା ଓ ଶିକ୍ଷାର ବିପର୍ଯ୍ୟାୟ ଘଟାଇ ମଦର ବହୁଳ ପ୍ରସାର କରାଯିବା ଫଳରେ ମହିଳା ହିଂସା ବଢ଼ି ଚାଲିଛି । ମୋର ନିର୍ବାଚନରେ ମୁଖ୍ୟ ବିଷୟ ପ୍ରସଙ୍ଗଗୁଡ଼ିକ ହେଉଛି ଏକ ଅଞ୍ଚଳର କୃଷି କ୍ଷେତ୍ରରେ ମଣ୍ଡି ସମସ୍ୟା, ଶୀତଳ ଭଣ୍ଡାର ସମସ୍ୟା, ଜଳସେଚନ ଓ ଜଳ ନିଷ୍କାସନ ଆଦି ସମସ୍ୟା ସ୍ୱାସ୍ଥ୍ୟସେବା, ଶିକ୍ଷା ସମସ୍ୟା ଏବଂ ମହିଳା ହିଂସା ଓ ମଦ ନିଷିଦ୍ଧ ପାଇଁ ଗଣ ଆନ୍ଦୋଳନ ଗଢ଼ି ତୋଳିବା ।

# ନେତାଜୀ ଓ ସୁରେନ୍ଦ୍ର ସାଏଙ୍କୁ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତର ସ୍ୱାଧୀନତା ସଂଗ୍ରାମର ସୁଦୀର୍ଘ ଇତିହାସରେ ଥିଲେ ଜଣେ ସଂକଳ୍ପବଦ୍ଧ, ସ୍ଥିର, ଅବିଚଳିତ ଏବଂ ଆତ୍ମପ୍ରତ୍ୟୟୀ ଯାତ୍ରୀ । କଟକରୁ ସୁଦୂର ବିଲାତ ଏବଂ ପୁନଃ ଭାରତ ଫେରି ସ୍ୱାଧୀନତା ସଂଗ୍ରାମର ମଙ୍ଗ ଧରିବାର ଦୁର୍ବାର ଯାତ୍ରାପଥ କେତେ ଯେ କଣ୍ଟକିତ ଥିଲା ତାହା ଅକଳନୀୟ । ଦେଶକୁ ସ୍ୱାଧୀନ କରିବାକୁ ନେତାଜୀଙ୍କର ଥିଲା ସ୍ୱତନ୍ତ୍ର ରଣନୀତି । ତାଙ୍କର ଆହ୍ୱାନ ଥିଲା ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି । ସୁଭାଷଙ୍କ ନେତୃତ୍ୱରେ ଗଢି ଉଠିଥିଲା 'ଆଜାଦ୍ ହିନ୍ଦ୍ ଫୌଜ' ଏବଂ ଏହାର ଧ୍ୱନି ଥିଲା 'ଦିଲ୍ଲୀ ଚଲୋ' । ମାତୃଭୂମିର କଲ୍ୟାଣସାଧନ ପାଇଁ ନେତାଜୀ ସୁଭାଷ କେତେ ଥର ଯେ ନିଜର ଜୀବନକୁ ମୃତ୍ୟୁର ଅର୍ଗଳ ମଧ୍ୟକୁ ଠେଲି ଦେଇଛନ୍ତି ଇତିହାସ ତାକୁ ହିସାବ ରଖିବାକୁ ଅସମର୍ଥ ହୋଇଛି । ଅନ୍ୟ ପଟେ ଇଂରେଜମାନଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇ ବୀର ସୁରେନ୍ଦ୍ର ସାଏ ଅବିଶ୍ରାନ୍ତ ଜାରି ରଖିଥିଲେ । ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ନିରବଚ୍ଛିନ୍ନ ସଂଗ୍ରାମ ଅତ୍ୟାଚାର ବ୍ରିଟିଶ ଶାସନକୁ ଅସହାୟ କରିଦେଇ ଥିଲା । ଜୀବନର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ସୁରେନ୍ଦ୍ର ସାଏ ପରାଧୀନତା ବା ବଶ୍ୟତା ସ୍ୱୀକାର ନକରି ବ୍ରିଟିଶ ଶାସନକୁ ମୁହଁତୋଡ ଜବାବ ଦେଇଥିଲେ । ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଜଣେ ଯୋଦ୍ଧା ସଂଗ୍ରାମ କରି ଚାରି ଦଶନ୍ଧିକାଳ କାରାବରଣ କରିବା ଭାରତ ଇତିହାସରେ ବିରଳ । ଏହି ଦୁଇ ମହାନାୟକଙ୍କ ଜୀବନଦର୍ଶ ଚିରକାଳ ପାଇଁ ଭାରତବାସୀଙ୍କ ପାଇଁ ପ୍ରେରଣାଦାୟୀ ଏବଂ ପ୍ରାତଃସ୍ମରଣୀୟ ।

ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁପ୍ରତିମୂର୍ତ୍ତିସ୍ଥଳକୁପୁଷ୍ପସଜ୍ଜିତ କରାଯିବା ସହିତ କୋଭିଡ୍ ମାର୍ଗଦର୍ଶିକାର ଅନୁପାଳନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । **ବିଭାଗୀୟ ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗର ସଂପାଦକ ଡକ୍ଟର ଲେନିନ୍ ମହାନ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।** ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ନିର୍ଦ୍ଦେଶକ **ସନ୍ତୋଷ କୁମାର ଦାସ, ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଭି.ଏସ୍.ଏସ୍. ନଗରର ମୂଳ ସ୍ଥାୟୀବାସିନ୍ଦା ଆଦିତ୍ୟ ପ୍ରସାଦ ଦାସ** ଏବଂ ବହୁ ବିଭାଗୀୟ ଅଧିକାରୀମାନେ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# କଟକରେ ସରପଞ୍ଚ ଲାଗି ମାଳ ମାଳ ପ୍ରାର୍ଥୀ

**କଟକ ପ୍ରତିନିଧି-ତପନ ମହାନ୍ତି**

୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ବିଜେଡ଼ିକୁ କଡ଼ା ଟକ୍କର ଦେଇ ବିଜେପି ଓଡ଼ିଶା ରାଜନୀତିରେ ନିଜ ଶକ୍ତି ପ୍ରଦର୍ଶନ କରିପାରିଥିଲା । ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ୪୭୬ ଜିଲ୍ଲା ପରିଷଦ ଆସନରେ ବିଜୟୀ ହୋଇଥିବା ସମୟରେ ବିଜେପି ୨୯୭ ଆସନରେ ବିଜୟଲାଭ କରି ଦ୍ୱିତୀୟ ଶକ୍ତିଶାଳୀ ରାଜନୈତିକ ଦଳ ଭାବେ ଉଭା ହୋଇଥିଲା ଏବଂ କଂଗ୍ରେସ ୬୦ ଜିଲ୍ଲା ପରିଷଦ ଆସନରେ ବିଜୟୀ ହୋଇ ତୃତୀୟ ସ୍ଥାନରେ ରହିଥିଲା । ପଞ୍ଚାୟତ ର୍ନିାଚନରେ ବିଜେପି ଭଲ ପ୍ରଦଶର୍ନ କରିବା ଦ୍ୱାରା ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ଏହାର ଫାଇଦା ନେବାକୁ ସକ୍ଷମ ହୋଇପାରିଥିଲଶ । ଓଡ଼ିଶା ରାନୀତିରେ ଏକଦା ଶକ୍ତିଶାଳୀ ଦଳ ଥିବା କଂଗ୍ରେସ ୨୦୧୯ବିଧାନସଭା ନିର୍ବାଚନରେ ଦୁଇଅଙ୍କ ଛୁଇଁପାରିଲା ନାହିଁ । ବିଜେଡ଼ି ପୁନଃ କ୍ଷମତାକୁ ଫେରିବାରେ ସକ୍ଷମ ହୋଇଥିଲେ ମଧ୍ୟ ବିଜେପି ରାଜ୍ୟ ରାଜନୀତିରେ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ପାଇବା ସହ ବିଜେଡ଼ିର ବିକଳ୍ପ ଦଳର ମାନ୍ୟତା ପାଇପାରିଛି । ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ପଞ୍ଚାୟନ ନିର୍ବାଚନ ସେମିଫାଇନାଲ ଲଢ଼େଇ ଠାରୁ କିଛିକମ୍ ନୁହେଁ । ବିଜେଡ଼ି ସରକାରରେ ଥିବାରୁ ବିଜେଡ଼ି ପ୍ରାର୍ଥୀ ହେବାକୁ ଆଶାୟୀଙ୍କ ଭିଡ଼ ଜମୁଛି । ବିଜେପିକୁ ଓଡ଼ିଶା ରାଜନୀତିରେ ଦ୍ୱିତୀୟ ସ୍ଥାନକୁ ଆଣିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ଏବଂ ରାଜ୍ୟ ବିଜେପିର ପୋଷ୍ର ବୟ କେନ୍ଦ୍ରମୟନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବେ ଉତ୍ତରପଦେଶ ନିର୍ବାଚନ ଦାୟିତ୍ୱରେ ଥିବାରୁ ଏଥର ପଞ୍ଚାୟତ ନିର୍ବଚାନରେ କିଏ ବିଜେପିର ପ୍ରଚାର ମଙ୍ଗ ଧଣିବ ସନ୍ଦେହଘେରରେ । ବିଜେପିର ବରିଷ୍ଠ ନେତା ବିଜୟ ମହାପାତ୍ର, ବୈଜୟନ୍ତ ପଣ୍ଡା, ପ୍ରତାପ ଷଡ଼ଙ୍ଗୀ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ଜୟନାରାୟଣ ମିଶ୍ରଙ୍କ ପରି ନେତାଙ୍କ ମଧ୍ୟରୁ କାହାକୁ ଧର୍ମେନ୍ଦ୍ରଙ୍କ ବିକଳ୍ପ ବିଜେପି କରିବ ତାହା ସ୍ପଷ୍ଟ ହୋଇପାରୁନାହିଁ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓଡ଼ିଶାର କିଛି ଜିଲ୍ଲା ବୁଲି ନିଜର ଏକ ସ୍ୱତନ୍ତ୍ର ସଙ୍ଗଠନ ସୃଷ୍ଟି କରି ଧର୍ମେନ୍ଦ୍ରଙ୍କ ବିକଳ୍ପ ଭାବେ ନିଜକୁ ପ୍ରତିପାଦିତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଜେପି ତାଙ୍କୁ ଗୁରୁତ୍ୱ ଦେବା ପରି ମନେହେଉନାହିଁ । ଅପରାଜିତ ନିଜେ ସାଂସଦ ଭାବେ ର୍ନିବାଚିତ ହୋଇଥିଲେ ମଧ୍ୟ ଗୋଟିଏ ବିଧାୟକ ପ୍ରାର୍ଥୀଙ୍କୁ ନିଜ ସଂସଦୀୟ କ୍ଷେତ୍ରରେ ଜିତିବାକୁ ସମର୍ଥ ହୋଇନଥିଲେ । ଏବେ ପଞ୍ଚାୟତ ନିର୍ବାଚନରେ ଅପରାଜିତା ଯଦି ନିଜ ଗଡ଼ରେ ଫେଲ ମାରିଲେ ତେବେ ତାଙ୍କୁ ସବୁ ସ୍ୱପ୍ନ ଭାଙ୍ଗିଯିବା ସମ୍ଭାବନା ମଧ୍ୟ ସୃଷ୍ଟି ହୋଇପାରେ ।

କଂଗ୍ରେସ ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ପଞ୍ଚାୟତ ନିର୍ବାଚନ ଲଢ଼ିବାପାଇଁ ଘୋଷଣା କରିଥିଲେ ମଧ୍ୟ ପଞ୍ଚାୟତ ନିର୍ବାଚନରେ ନିଜ ସ୍ଥିତି ବଞ୍ଚାଇବା ଅପକ୍ଷୋ ପିସିସି ଚୌକି କଳିରେ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ କେଉଁରୁ ସ୍ପଷ୍ଟ ହେଉଛି କଂଗ୍ରେସ ପଞ୍ଚାୟତ ନିର୍ବାଚନରେ କିପରି ପ୍ରଦର୍ଶନ କରିବ । ଅବଶ୍ୟ କଂଗ୍ରେସର କିଛି ଶକ୍ତିଶାଳୀ ନେତା ନିଜର ଗଡ଼ରକ୍ଷା ପାଇଁ କସରତ କରିବେ ।

ବିଜେଡ଼ି ନିଜର ପଞ୍ଚାୟତର ଓ୍ୱାର୍ଡ଼ସ୍ତର ପର୍ଯ୍ୟନ୍ତ ସଂଗଠନ ମଜବୁତ ରଖିଥିବାରୁ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଜନମତରୁ ସ୍ପଷ୍ଟ ହେଉଛି । ବିଜେଡ଼ିର ଆଶାୟୀଙ୍କ ସଂଖ୍ୟା ଯେଉଁସବୁ ସ୍ଥାନରେ ଅଧିକ ଅଛନ୍ତି ସେଠି ଯଦି ଦଳୀୟ କନ୍ଦଳ ପରିଲକ୍ଷିତ ହୁଏ ତେବେ ଏହାର ଫାଇଦା ବିରୋଧୀ କ୍ୟାମ୍ପକୁ ଯାଇପାରେ । ଏପରି ହେବାର ସମ୍ଭାବନା ମଧ୍ୟ ଅନେକ ଅଛି ।

ସରପଞ୍ଚମାନେ ସମିତିସଭ୍ୟ ଏବଂ ଜିଲ୍ଲାପରିଷଦ ସଭ୍ୟଙ୍କଠାରୁ ଅଧିକ କ୍ଷମତାସଂପନ୍ନ ହୋଇଥିବାରୁ ସରପଞ୍ଚ ପ୍ରାର୍ଥୀ ହେବାକୁ ଆଶାୟୀଙ୍କ ସଂଖ୍ୟା ବଢୁଛି । ସମିତିସଭ୍ୟ ଏବଂ ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥୀ ହେବା ପାଇଁ ନେତାଙ୍କ ସଂଖ୍ୟା କମ୍ ପରିଲକ୍ଷିତ ହେଉଛି । ବିଜେଡ଼ି ପାଇଁ ପ୍ରାର୍ଥୀ ଯୋଗାଡ଼ କରିବା କଷ୍ଟକର ନୁହେଁ କିନ୍ତୁ ବିରୋଧୀଦଳ ମାନଙ୍କ ପାଇଁ ପ୍ରାର୍ଥୀ ଯୋଗାଡ଼ କରିବା କଷ୍ଟକର ବ୍ୟାପାର ନିଶ୍ଚିତ । ବିଶେଷକରି କଂଗ୍ରେସ ସମସ୍ତ ଜିଲ୍ଲା ପରିଷଦ ପଦରେ ପ୍ରାର୍ଥୀ ଦେଇପାରିବ ନା' ନାହିଁ ସନ୍ଦେହଘେରରେ । ଅନ୍ୟ ଛୋଟ ରାଜନୈତିକ ଦଳମାନେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ନିର୍ବାଚନ ପାଇଁ ରଣହୁଙ୍କାରେ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ବାଚନ ମାନଚିତ୍ରରେ ସେମାନଙ୍କ ସ୍ଥିତି ଦୃଶ୍ୟମାନ ହୋଇପାରିନାହିଁ ।

ପଞ୍ଚାୟତ ନିର୍ବାଚନ ପାଇଁ ରାଜନୈତିକ ପାଣିପାଗ ସରଗରମ ହେଉଥିବା ସମୟରେ ବିଜେଡ଼ି ପ୍ରାର୍ଥୀଙ୍କୁ ଯଦି ବିଜେପି ପୂର୍ବପରି ଟକ୍କର ଦେଇପାରେ ତେବେ ଓଡ଼ିଶା ରାଜନୀତିରେ ବିଜେପିର ଭବିଷ୍ୟତ ଉଜ୍ଜ୍ୱଳ ହେବା ସମ୍ଭାବନା ସୃଷ୍ଟି ହୋଇପାରେ । କଂଗ୍ରେସ ଯଦି ସର୍ବନିମ୍ନ ଆଶାତୀତ ସଫଳତା ପଞ୍ଚାୟତ ନିର୍ବାଚନରେ ନଆଣିପାରେ ତେବେ ଓଡ଼ିଶା ରାଜନୀତିରେ ନିଜ ସ୍ଥିତି ପାଇବା ମଧ୍ୟ କଷ୍ଟକର ହୋଇଯାଇପାରେ ।

କୋଭିଡ଼୍ କଟକଣାଯୁକ୍ତ ନିର୍ବାଚନରେ ବହୁ ସ୍ଥାନରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକୁ ପ୍ରାର୍ଥୀମାନେ ବେଖାତିର କରିବାର ଦେଖିବାକୁ ମିଳୁଛି । ନିର୍ବାଚନ ଆୟୋଗ କିଛି ସ୍ଥାନରେ କଡ଼ା ପଦକ୍ଷେପ ନେବାର ଦୃଶ୍ୟମାନ ହୋଇଥିଲେ ମଧ୍ୟ ସମ କାର୍ଯ୍ୟାନୁଷ୍ଠାନ ସବୁ ସ୍ଥାନରେ କେତେଦୂର କାର୍ଯ୍ୟକାରୀ ହେବ ତାହା ସମୟସାପେକ୍ଷ । ଯଦି କରୋନା କଟକଣା ଉଲ୍ଲଂଘନ ହୋଇ ନିର୍ବାନଚ ହୁଏ ତେବେ ଓଡ଼ିଶାରେ କରୋନା ସଂକ୍ରମିତଙ୍କ ସଂଖ୍ୟାର ବିସ୍ଫୋରଣ ହେବ ବୋଲି ବିଶେଷଜ୍ଞଙ୍କ ମତରୁ ପ୍ରକାଶ ପାଇଛି ।

# ରାଜ୍ୟରୁ କଂଗ୍ରେସ ହେବ ସଫା !

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ରାୟଗଡା ଜିଲ୍ଲାରେ କଂଗ୍ରେସ ଦଳରୁ ନେତାଙ୍କ ଇସ୍ତଫା ସୁଅ ଛୁଟୁଥିବା ଖବର ଏବେ ସୁଦ୍ଧା ରାଜନୀତି ମହଲରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି । ସେହିପରି ପୁରୀ ଜିଲ୍ଲାର କଂଗ୍ରେସ ଗଡ କହିଲେ ସତ୍ୟବାଦୀକୁ ବୁଝାଉଥିଲା । ସତ୍ୟବାଦୀ କେବଳ ଜିଲ୍ଲାର ନୁହେଁ, ରାଜ୍ୟର ବି କ୍ଷମତା କେନ୍ଦ୍ର ଥିଲା । କିନ୍ତୁ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ କଂଗ୍ରେସ ଶୂନ୍ୟ ହୋଇପଡିବା କେବଳ ଜିଲ୍ଲା ରାଜନୀତିରେ ଚହଳ ପକାଇନି, ରାଜ୍ୟ ରାଜନୀତିରେ ବି ଝଡ ସୃଷ୍ଟି କରିଛି । ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଭଳି କଂଗ୍ରେସର ଆଗଧାଡିରେ ନେତାଙ୍କ ଏହି ନିର୍ବାଚନମଣ୍ଡଳୀରୁ କଂଗ୍ରେସର ଜଣେ ଜିଲ୍ଲା ପରିଷଦ ପ୍ରାର୍ଥୀ ନ ହେବା, ଜିଲ୍ଲା ନେତୃତ୍ୱକୁ ଶକ୍ତ ଧକ୍କା ଦେଇଛି । ଏହାକୁ ନେଇ ବିରୋଧାଭାଷ ବି ମୁଣ୍ଡ ଟେକିଲାଣି । ଏଭଳି ସ୍ଥିତିରେ ପ୍ରସାଦ ସତରେ କଂଗ୍ରେସରେ ଅଛନ୍ତି ନା ଅନ୍ୟ କେଉଁ ଦଳରେ ପାଦ ଦେଇ ସାରିଲେଣି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି । କଂଗ୍ରେସକୁ ସତ୍ୟବାଦୀକୁ ଆଣିବାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ବଳିଷ୍ଠ ଅବଦାନ ରହିଛି । ତାଙ୍କ ସମୟରେ ହିଁ ସୁଆଣ୍ଡୋରୁ କଂଗ୍ରେସର ପଦଧ୍ୱନୀ ଆରମ୍ଭ ହୋଇଥିଲା । କାଦୁଆ ତାଙ୍କର କର୍ମକ୍ଷେତ୍ର ଥିଲା । ଏଣୁ କଂଗ୍ରେସର ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ଅନେକ ଥର ବିଧାୟକ ପଦ ଅକ୍ତିଆର କରିଛି । ବିଜେଡିସରକାରକୁଆସିବା ପରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ସର୍ବଦା ପ୍ରଥମେ ଜନତାଦଳ ଓ ପରେ ବିଜେଡି ଏବଂ କଂଗ୍ରେସ ଭିତରେ ମୁହାଁମୁହିଁ ଟକ୍କର ହୋଇଆସିଛି । ଅସ୍ଥିର ରାଜନୀତି ଭିତରେ କେତେବେଳେ କଂଗ୍ରେସ କ୍ଷମତାକୁ ଆସିଛି ତ କେବେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି । ଗତ ନିର୍ବାଚନରେ ପ୍ରଥମ ଥର ପାଇଁ ବିଜେଡି ଏଠାରେ ଖାତା ଖୋଲିଥିଲା । ଏଣୁ ଆଜି ବି ଗାଁ ଗାଁରେ କଂଗ୍ରେସ କର୍ମୀ ଭର୍ତ୍ତି ହୋଇ ରହିଛନ୍ତି । କିନ୍ତୁ ଚଳିତ ତ୍ରିସ୍ତରୀୟ ନିର୍ବାଚନରେ କଂଗ୍ରେସ ଏଠାରୁ ପ୍ରାର୍ଥୀ ନ ଦେବା ନେତା, କର୍ମୀଙ୍କ ମହଲରେ ନିରାଶାଭାବ ଆଣିଦେଇଛି । ଅନ୍ୟପକ୍ଷରେ, ଜଗତସିଂହପୁର ଜିଲ୍ଲାରେ କଂଗ୍ରେସ ଦଳରୁ ଆଶାୟୀ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରୁଥିବା ବେଳେ ତାଙ୍କର ଉତ୍ସାହ ଓ ଆଗ୍ରହରେ ଫିକା ପଡିଯାଇଥିବା ଲକ୍ଷ୍ୟ କରାଯାଉଛି । ଯେଉଁ ନେତା ଜିଲ୍ଲା କଂଗ୍ରେସର ମଙ୍ଗ ଧରିଥିଲେ ଏବେ ଜିଲ୍ଲାରେ କଂଗ୍ରେସର ସ୍ଥିତିକୁ ଆକଳନ କରି ଭୟଭିତ ହୋଇ ସମସ୍ତ କଂଗ୍ରେସ ପ୍ରାର୍ଥୀଙ୍କୁ ଚେତାବନୀ ସ୍ୱରୂପ ମୋ ଉପରେ କେହି ଭରଷା କର ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେବା ପରେ ଜଗତସିଂହପୁର ଜିଲ୍ଲାରେ କଂଗ୍ରେସ ଦଳ ସଭା ହରାଇପାରେ ବୋଲି ଆଲୋଚନା ହେଉଛି । ଯାହାଫଳରେ ଗୋଟିଏ ପରେ ଗୋଟିଏ ଜିଲ୍ଲା କଂଗ୍ରେସ ପୋଛିହେଇଯାଉଥିବାରୁ ରାଜ୍ୟରୁ କଂଗ୍ରେସ ସଫା ହେବା ସୁନିଶ୍ଚିତ ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମହଲରେ ମଧ୍ୟ ଏଭଳି ଚର୍ଚ୍ଚା ହେଉଥିବା ଶୁଣାଯାଉଛି ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera